

**ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି**

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଉଠିଲା ସୁନା ଦର; ଖସିଲା ଟଙ୍କା ମୂଲ୍ୟ

■ **ଭୁବନେଶ୍ୱର, ୧।୯ (ଏଜେନ୍ସି):** ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି।

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



ଅନ୍ୟପକ୍ଷରେ ଦିନକୁ ଦିନ ଭାରତୀୟ ମୁଦ୍ରା 'ଟଙ୍କା' ଆମେରିକୀୟ ଡଲାର ତୁଳନାରେ ଖସିବାରେ ଲାଗିଛି। ସୋମବାର ଏକ ଡଲାରର ମୂଲ୍ୟ ଭାରତୀୟ ମୁଦ୍ରାରେ ୮୮.୨୫ ଟଙ୍କାରେ ପହଞ୍ଚିଛି।

ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ▶ପୃଷ୍ଠା-୭

## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା

■ **ବେଙ୍ଗାଲୁରୁ, ୧।୯ (ଏଜେନ୍ସି):** କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଲାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାର୍‌ରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ।

**ଅଭିଯୁକ୍ତ ଗିରଫ**



କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ବିଠାଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ▶ପୃଷ୍ଠା-୭

### ପ୍ରଚଣ୍ଡ ଭୂକମ୍ପରେ ଆଫଗାନିସ୍ତାନ ଥରହର

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ

■ **କାବୁଲ, ୧।୯ (ଏଜେନ୍ସି):** ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ

**ରାତି ଅଧରେ କମ୍ପିଉଠିଲା ସାରା ଦେଶ**

**ମାଟିରେ ମିଶିଗଲେ କୋଠା ସହିତ ଲୋକ**

ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୧୦୦୦ରୁ ଅଧିକ ଲୋକଙ୍କ ଜୀବନ



ଯାଇଛି। ୩୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖତୁନଖ୍ୱା, ପଞ୍ଜାବ ଏବଂ ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ▶ପୃଷ୍ଠା-୭

## ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ

### ପାସ୍ ନ କଲେ ଚାକିରି ଯିବ, ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧।୯ (ସମିସ):** ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**

୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ▶ପୃଷ୍ଠା-୭

## ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧।୯ (ସମିସ):** ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ।

ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ। ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୂହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ▶ପୃଷ୍ଠା-୭

## ୨୪ ଘଣ୍ଟାରେ ଲଘୁଚାପ

### ୫ ଦିନ ଲାଗିରହିବ ବର୍ଷା

■ **ଭୁବନେଶ୍ୱର, ୧।୯ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ▶ପୃଷ୍ଠା-୭

## ଥାନାରେ ଫିନାଇଲ୍ ପିଇଦେଲେ ନାବାଳିକା

■ **ବ୍ରହ୍ମପୁର, ୧।୯ (ସମିସ):** ପ୍ରେମିକ ସହ ଲୁଚିଲୁଚି ମିଳାମିଶା ପୁଲିସ୍ ଧରା ପକାଇ ଦେବାରୁ ପରିବାରଲୋକଙ୍କ ସାମ୍ନାରେ ଥାନା ଭିତରେ ଫିନାଇଲ ପିଇଦେଲେ ନାବାଳିକା। ଗୋପାଳପୁର ଥାନାରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ନାବାଳିକାଙ୍କୁ ପୁଲିସ୍ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଛି। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି।

**ପ୍ରେମିକା ସହ ମିଳାମିଶା ଧରାପକାଇଦେଲା ପୁଲିସ୍!**

ସୂଚନାନୁଯାୟୀ, ନାବାଳିକା ଓ ତାଙ୍କ ପୁରୁଷ ବନ୍ଧୁ ଆଜି ଦିନ ପ୍ରାୟ ୧୧ଟା ବେଳେ ଗୋପାଳପୁର ବୁଲିବାକୁ ଆସିଥିଲେ। ସେମାନେ ଏକ ଲଜ୍‌କୁ ରୁମ୍ ବୁକ୍ କରିବାକୁ ଯାଇଥିଲେ। କିନ୍ତୁ ଲଜ୍ ମାଲିକଙ୍କ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ନାବାଳିକାଙ୍କୁ ୧୮ ବର୍ଷ ହୋଇନଥିବାରୁ ▶ପୃଷ୍ଠା-୭

### ରାଜ୍ୟ ସ୍ୱାସ୍ଥ୍ୟ ସେବାର ବିକଳ ଛବି

# ଅକ୍ସିଜେନ ଅଭାବରୁ ମହିଳା ମୃତ


■ **ଜଗତସିଂହପୁର, ୧।୯ (ସମିସ):** ଏକ ସମୟରେ ସାରା ଦେଶକୁ ଅକ୍ସିଜେନ୍ ଯୋଗାଉଥିଲା ଓଡ଼ିଶା। କୋଭିଡ୍ କାଳରେ ସାରା ଦେଶର ରୋଗୀ ଅକ୍ସିଜେନ୍ ଅଭାବରେ ଛଟପଟ ହେଉଥିବା ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ରାଜ୍ୟକୁ ଅକ୍ସିଜେନ୍ ପଠାଇ ଲକ୍ଷଲକ୍ଷ ରୋଗୀଙ୍କ ଜୀବନ ରକ୍ଷା କରିବାକୁ ସମର୍ଥ ହୋଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି, ଏବେ ଓଡ଼ିଶାରେ ରୋଗୀ ଅକ୍ସିଜେନ୍ ଅଭାବରୁ ମୃତ୍ୟୁର ଶିକାର ହେଉଛନ୍ତି। ବିନା ଅକ୍ସିଜେନ୍‌ରେ ଜଣେ ରୋଗୀଙ୍କୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିବା ସମୟରେ ସେ ମୃତ୍ୟୁବରଣ କରିଛନ୍ତି; ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। କ୍ରୋଧାନ୍ୱିତ ହୋଇ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିବା ମଧ୍ୟ ଅଭିଯୋଗ ହୋଇଛି।



**ବିନା ଅକ୍ସିଜେନ୍‌ରେ ସେବାକୁ ନେଇ ଉତ୍ତେଜନା**

**ଆମ୍ବୁଲାନ୍ସ କାଚ ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ**

ସୂଚନା ଅନୁସାରେ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ଗତକାଲି ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। '୧୦୮' ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ▶ପୃଷ୍ଠା-୭



# ନେତା ଯେଉଁଠି ପଶୁଛନ୍ତି, ସେଇଠି ନିଆଁ ଲଗାଉଛନ୍ତି

## ରାଜନୀତିରେ ସତ କହିବା ମନା

## ଅନ୍ୟକୁ ବୋକା ବନାଉଥିବା ଲୋକ ଭଲ ନେତା ହୁଅନ୍ତି

ନୂଆଦିଲ୍ଲୀ, ୧।୯ (ଏଜେନ୍ସି):ଧର୍ମ କାମରୁ ନେତାମନ୍ତ୍ରୀଙ୍କୁ ଦୂରେଇ ରଖିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ। ଧର୍ମ ଆଳରେ ରାଜନୀତି ସମାଜ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ରବିବାର ନାଗପୁରର ମହାନୁଭବ ପନ୍ଥ ସମ୍ମିଳନୀରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜନୀତିଜ୍ଞ ଯେଉଁଠି ପ୍ରବେଶ କରନ୍ତି, ସେଠାରେ ନିଆଁ ଲଗାଇ ଦିଅନ୍ତି। କ୍ଷମତା ହାତରେ ଧର୍ମକୁ ଦେଲେ କ୍ଷତି ହିଁ ହେବ। ଧର୍ମ କାର୍ଯ୍ୟ, ସମାଜ କାର୍ଯ୍ୟ ଏବଂ ରାଜନୈତିକ କାର୍ଯ୍ୟ ଅଲଗା ହୋଇଥାଏ। ଧର୍ମ ବ୍ୟକ୍ତିଗତ ଶ୍ରଦ୍ଧାର ବିଷୟ। କିଛି ରାଜନୀତିଜ୍ଞ ଏହାକୁ ବ୍ୟବହାର କରିଥାନ୍ତି। ଏଥିଯୋଗୁଁ ବିକାଶ ଏବଂ ନିଯୁକ୍ତି ପ୍ରସଙ୍ଗ ଗୌଣ ପାଲଟି ଯାଏ। ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ସତ୍ୟ, ଅହିଂସାର ଭାବ ବଜାୟ ରହିବା ଜରୁରୀ। କିନ୍ତୁ ସେ ଯେଉଁ ରାଜନୀତି କ୍ଷେତ୍ରରେ ଅଛନ୍ତି ସେଠାରେ ସତ କହିବା ମନା। ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଗ୍ରହ, ନୂତନ ଉତ୍ସାହ ଏବଂ ଆନନ୍ଦର ସହିତ କାମ କରିଥାନ୍ତି। ତେବେ ଯେଉଁମାନେ ଅନ୍ୟମାନଙ୍କୁ ବୋକା ବନାଇବାରେ ସିଦ୍ଧହସ୍ତ ହୁଅନ୍ତି ସେମାନେ ସେତେ ଭଲ ନେତା ପାଲଟି ଯାଆନ୍ତି।

ଜୀବନ ବିଷୟରେ ଉଲ୍ଲେଖ କରି କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ସତ୍ୟ ପାଳନ କରିବା ଉଚିତ। କାହାକୁ ଦୁଃଖ ଦେବା ଅନୁଚିତ। ସମାଜରେ ସଚ୍ଚୋଟତା, ବିଶ୍ୱସନୀୟତା ଏବଂ ସମର୍ପଣ ଭଳି ମୂଲ୍ୟବୋଧ ଅତ୍ୟନ୍ତ ଜରୁରୀ। ତେବେ ବିନା ପରିଶ୍ରମ (ସର୍ଟକଟ)ରେ କିଛି ପାଇବା ପାଇଁ ଆଶା କରିବା ଅନୁଚିତ। କାରଣ ଏପରି ପନ୍ଥା ଆପଣାଇଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିଲେ ବି ସ୍ୱପ୍ନ ଅଧାରେ ରହିଯାଏ।

## ପୁଟିନଙ୍କ କାର୍ ଏକ ଚଳନ୍ତା ଦୁର୍ଗ

ଟିଆନ୍‌ଜିନ୍, ୧।୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସାଥି ହୋଇ ତାଙ୍କ କାରରେ ଦ୍ୱିପାକ୍ଷିକ ବୈଠକ ସ୍ଥଳକୁ ଯାଇଥିଲେ। ଏଥିପାଇଁ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ପୁଟିନ ଅପେକ୍ଷା କରିଥିଲେ। ପୁଟିନଙ୍କ ଏହି କାରକୁ 'ଅରୁସ ସେନାଟ୍ ଲିମୋଜିନ୍' କୁହାଯାଇଥାଏ। ଏୟୁ ଓ ରୁଷ୍ ଦୁଇଟି ଶବ୍ଦକୁ ନେଇ ଏହି କାରର ନାମ ଅରୁସ ରଖାଯାଇଛି। ଏୟୁର ଅର୍ଥ ଓରମ ଅର୍ଥାତ ଲାଟିନ୍ ଭାଷାରେ ଏହାର ଅର୍ଥ ସୁନା। ସେହିପରି ରୁଷ୍‌ର ଅର୍ଥ ରୁଷିଆ। ୨୦୧୮ରେ ପୁଟିନଙ୍କ ଚତୁର୍ଥ ଶପଥ ଗ୍ରହଣ ଉତ୍ସବରେ ଏହି କାର୍‌କୁ ପ୍ରଥମଥର ପାଇଁ ବ୍ୟବହାର କରାଯାଇଥିଲା। ଏହି କାରକୁ ରୁଷିଆର ଅରୁସ ମୋଟର୍ସ ତିଆରି କରିଥିଲା। ଆମେରିକା ରାଷ୍ଟ୍ରପତିଙ୍କ କାର୍ ବିଷ୍ଟଠାରୁ ଏହାର ସୁରକ୍ଷା ବୈଶିଷ୍ଟ୍ୟ ଅଧିକ ମଜବୁତ। ସେଥିପାଇଁ ଏହାକୁ 'ଚଳନ୍ତା ଦୁର୍ଗ' କୁହାଯାଏ। ଅରୁସ ସେନାଟ୍ ଲିମୋଜିନ୍' ମାତ୍ର ୬ ସେକେଣ୍ଡ ମଧ୍ୟରେ ଘଣ୍ଟାପ୍ରତି ଶୂନରୁ ୧୦୦ କିମି ବେଗରେ ଗତି କରିପାରିବ। ଏହାର ସର୍ବାଧିକ ଘଣ୍ଟାପ୍ରତି ବେଗ ୨୪୯ କିମି। ଏହି କାର୍ ଗୁଳି ଓ ଗ୍ରେନେଡ ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏଥିରେ ରନ୍- ଫ୍ଲାଟ ଟାୟାର ଲଗା ଯାଇଛି। ୬ ସେମିର ରେନ୍‌ଫୋର୍ସ କାଚ ଲଗାଯାଇଛି। ଏଥିରେ ଜରୁରୀକାଳୀନ ପ୍ରସ୍ଥାନର ବ୍ୟବସ୍ଥା ରହିଛି। ଏହା ଲମ୍ବ ୭ ମିଟର। ଅତିରିକ୍ତ ଅମ୍ଳଜାନ ସହ ଏହି କାର ରାସାୟନିକ ଆକ୍ରମଣକୁ ମଧ୍ୟ ପ୍ରତିହତ କରିପାରିବ।

## ଶାହବାଜ ସରିଫ୍‌ଙ୍କୁ ଅଣଦେଖା

ଟିଆନଜିନ୍, ୧।୯(ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ଅଣଦେଖାର ଶିକାର ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ହୋଇଛି। ଗୋଟେପଟେ ସମ୍ମିଳନୀରେ ବାକି ସବୁ ନେତା ସଂଯମ ଆଚରଣ କରିବା ସହ ଅତ୍ୟନ୍ତ ସହଜ ଭାବେ ଦେଖାଯାଉଥିବା ବେଳେ ଶାହବାଜଙ୍କ ହାବଭାବ ଭିନ୍ନ ମନେ ହେଉଥିଲା। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଫଟୋ ସେସନ ପରେ ଏକାଠି ଯାଉଥିଲେ। ଏତିକିବେଳେ ପଛରୁ ଶାହବାଜ ଅଚାନକ ମାଡି ଆସି ପୁଟିନଙ୍କ ସହ ହାତ ମିଳାଇବାକୁ ପ୍ରୟାସ କରୁଥିବାର ଭିଡିଓରେ ଦେଖାଯାଇଛି। ଶାହବାଜଙ୍କ ଏଭଳି ଆଚରଣକୁ ପାକିସ୍ତାନରେ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ତାଙ୍କ ହାବଭାବ ପରିହାସର ପାତ୍ର ହୋଇଛି ବୋଲି କୁହାଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜିନ୍‌ପିଙ୍ଗ ଓ ପୁଟିନ ପରସ୍ପର ସହ ଅତ୍ୟନ୍ତ ଆତ୍ମୀୟତାର ସହ ଆଲୋଚନା କରୁଥିବାର ଦେଖାଯାଇଥିଲା। ଏହି ସମୟରେ ଶାହବାଜ ପଛରେ ଛିଡ଼ା ହୋଇଥିଲେ। ଏହା ପୂର୍ବରୁ ମୋଦୀ ଏବଂ ପୁଟିନ ଏକାଠି ହାତ ଯାଉଥିବାବେଳେ ଶାହବାଜ ଉଭୟଙ୍କୁ ଚାତକ ପରି ଚାହିଁ ରହିଥିଲେ। ସେ ସମ୍ମିଳନୀରେ ଭାରତକୁ ସମାଲୋଚନା କରିଥିଲେ ମଧ୍ୟ ସଦସ୍ୟ ରାଷ୍ଟ୍ର ଏହାକୁ ହାଲ୍‌କାରେ ନେଇଥିଲେ।

## ସରକାରୀ ବାସଭବନ ଛାଡ଼ିଲେ ପୂର୍ବତନ ଉପ-ରାଷ୍ଟ୍ରପତି ଧନଖଡ଼

ନୂଆଦିଲ୍ଲୀ, ୧।୯(ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ସରକାରୀ ବାସଭବନ ଛାଡ଼ିଛନ୍ତି। ସେ ଦକ୍ଷିଣ ଦିଲ୍ଲୀ ଛତାରପୁରସ୍ଥିତ ଆଇଏନ୍‌ଏଲଡି ନେତା ଅଭୟ ଚୌତାଲାଙ୍କ ଫାର୍ମ ହାଉସକୁ ଯାଇଛନ୍ତି। ଧନଖଡ ପାଖାପାଖି ମାସେ ହେବ ଉପ- ରାଷ୍ଟ୍ରପତ ପଦରୁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ତାଙ୍କୁ ସାର୍ବଜନୀନ ସ୍ଥାନରେ ଦେଖିବାକୁ ମିଳି ନ ଥିଲା। ତେଣୁ ତାଙ୍କୁ ଗୃହବନ୍ଦୀ କରି ରଖାଯାଇଥିବା ନେଇ ବିରୋଧୀ ଅଭିଯୋଗ କରିଥିଲେ। ସେ ସଂସଦ ଭବନ ନିକଟରେ ଥିବା ଉପ- ରାଷ୍ଟ୍ରପତିଙ୍କ ବାସଭବନରେ ଏ ପର୍ଯ୍ୟନ୍ତ ରହୁଥିଲେ। ତାଙ୍କୁ ୩୪ ଏପିଜେ ଅବଦୁଲ କଲାମ ଆଜାଦ ମାର୍ଗରେ ଏକ ବଙ୍ଗଳା ଦିଆଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ୩ ମାସ ସମୟ ଲାଗିବ। ପୂର୍ବତନ ଉପ- ରାଷ୍ଟ୍ରପତି ହିସାବରେ ୭୪ ବର୍ଷୀୟ ଧନଖଡ ଏକ ନୂଆ ବଙ୍ଗଳ ଦେବାକୁ ବିଭାଗୀୟ ମନ୍ତ୍ରଣାଳୟକୁ ଆବେଦନ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧନଖଡ ଜୁଲାଇ ୨୧ରେ ଉପ- ରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ।

## ସୁରତ କପଡ଼ା ମିଲ୍‌ରେ ନିଆଁ; ୨ ମୃତ, ୨୦ ଆହତ

ସୁରତ, ୧।୯(ଏଜେନ୍ସି): ଗୁଜରାଟର ସୁରଜ ଜିଲ୍ଲାର ଜୋଳବା ଗାଁରେ ଥିବା ସନ୍ତୋଷ ଟେକ୍ସଟାଇଲ୍ ମିଲ୍‌ରେ ସୋମବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଲ୍‌ରେ ନିଆଁ ଲାଗିବା କାରଣରୁ ୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ରାସାୟନିକ ପଦାର୍ଥ ଥିବା ଏକ ଡ୍ରମ୍ ଫାଟିବା ଫଳରେ ମିଲ୍‌ରେ ନିଆଁ ଚାରିଆଡକୁ ବ୍ୟାପୀ ଯାଇଥିଲା। ଆହତଙ୍କୁ ବାରଡୋଲୀର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରଡୋଲୀର ଫାୟାର ବିଗ୍ରେଡ୍‌ର ୮ରୁ ୧୦ଟି ଗାଡ଼ି ନିଆଁ ଲିଭାଇବାକୁ ପ୍ରୟାସ ଜାରି ରଖିଛନ୍ତି। କେତେଜଣ ଶ୍ରମିକ ମିଲ ଭିତରେ ଫସି ରହିଛନ୍ତି। ନିଆଁ ଲାଗିବା ପରେ ମିଲ୍ ଭିତରରେ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଏବେ ମଧ୍ୟ ନିଖୋଜ ରହିଛନ୍ତି।

# ଏସ୍‌ସିଓ ସମ୍ମିଳନୀରେ ଆମେରିକୀୟ ଶୁଳ୍କକୁ ନିନ୍ଦା



ବେଜିଂ, ୧।୯ (ଏଜେନ୍ସି): ଚୀନ୍‌ର ଜିଆନଜିନ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତକୁ ବଡ଼ ସଫଳତା ମିଳିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତିରେ ସଦସ୍ୟ ରାଷ୍ଟ୍ରମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏସ୍‌ସିଓର ଘୋଷଣାପତ୍ରରେ କୁହାଯାଇଛି ଯେ ଏହି ଆକ୍ରମଣର ଅପରାଧୀ, ପ୍ରୋତ୍ସାହନକାରୀ ଏବଂ ସେମାନଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଦଣ୍ଡ ଦେବା ଜରୁରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଉପରେ ସାରା ବିଶ୍ୱର ନଜର ଥିଲା। ଏଠାରେ ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଆଲୋଚନା କରିଥିଲେ। ଏହି ମଞ୍ଚ ବିଶ୍ୱରେ ଏକ ନୂଆ ବ୍ୟବସ୍ଥା ଗଠନ କରିବ ବୋଲି କୁହାଯାଉଛି। ଶୁଳ୍କ ଯୋଗୁ ଅନେକ ରାଷ୍ଟ୍ର ଆମେରିକାଠାରୁ ଦୂରେଇ ଯାଉଥିବାବେଳେ ଏସ୍‌ସିଓ ମାଧ୍ୟମରେ ବ୍ରିକ୍ସ ରାଷ୍ଟ୍ରେ ଏକାଠି ହୋଇ ବାଣିଜ୍ୟ କାରବାର ପାଇଁ ନୂଆପନ୍ଥା ଆପଣାଇବାକୁ ଚର୍ଚ୍ଚା କରିଛନ୍ତି। ଚୀନ୍ ରାଷ୍ଟ୍ରପତି ଆମେରିକାକୁ ଆହ୍ୱାନ ଦେଇ ଏକପାଖିଆ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି। ‹ଗ୍ଲୋବାଲ ସାଉଥ›କୁ ପ୍ରାଧାନ୍ୟ ଦେଉଥିବା ବିଶ୍ୱରେ ନୂଆ ସୁରକ୍ଷା ଏବଂ ଆର୍ଥିକ ବ୍ୟବସ୍ଥା ନେଇ ପ୍ରାୟ ୨୦ ରାଷ୍ଟ୍ରମୁଖ୍ୟଙ୍କ ସାମ୍‌ନାରେ ନିଜ ଆଭିମୁଖ୍ୟ ରଖିଛନ୍ତି। ଏକଚାଟିଆ ନୀତି ଏବଂ କ୍ଷମତା ରାଜନୀତି ବିରୋଧରେ ସ୍ପଷ୍ଟ ନୀତି ଆପଣାଇ ବହୁମୁଖୀ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେବା ଲାଗି କହିଛନ୍ତି।

ଏହି ସମ୍ମିଳନୀରେ ମୋଦୀ, ପୁଟିନ ଏବଂ ଜିନପିଙ୍ଗଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ହେଉଛି। ଆମରିକା ଶୁଳ୍କର ମୁକାବିଲା ପାଇଁ ତିନି ନେତା ଆଲୋଚନା କରିଥିବା କୁହାଯାଉଛି। ଏହାକୁ ତ୍ରିପାକ୍ଷିକ ରଣନୀତି ଭାବେ ଦେଖାଯାଉଛି। ଚୀନ୍ ଗସ୍ତ ଶେଷ କରି ଭାରତ ଫେରିବା ପୂର୍ବରୁ ମୋଦୀ ଏସ୍‌ସିଓ ବୈଠକକୁ ସମ୍ବୋଧନ କରି କହିଥିଲେ ଯେ ଆତଙ୍କବାଦ ବିଶ୍ୱ ପାଇଁ ବିପଦ। ପହଲଗାମ ଆକ୍ରମଣ ଆତଙ୍କବାଦର ସବୁଠାରୁ ଭୟାନକ ରୂପକୁ ଦର୍ଶାଉଛି। ଆତଙ୍କବାଦକୁ ମୁକ୍ତ ସମର୍ଥନ ଦେଉଥିବା କାହିଁକି ସହ୍ୟ କରାଯିବ ବୋଲି ପଚାରି ଥିଲେ। କେବଳ ଯୋଗାଯୋଗ ନୁହେଁ, ବିଶ୍ୱାସ ଏବଂ ବିକାଶ ଦ୍ୱାର ସମ୍ବନ୍ଧ ମଜବୁତ ହୋଇଥାଏ। ସେ ଏସ୍‌ସିଓକୁ ସୁରକ୍ଷା, ଯୋଗାଯୋଗ ଏବଂ ସୁଯୋଗ ଦର୍ଶାଇ ଥିଲେ। ସେହିପରି ସମ୍ମିଳନୀରେ ନାଟୋର ସମ୍ପ୍ରସାରଣ ନ ହେଲେ ୟୁକ୍ରେନ ଯୁଦ୍ଧ ଶେଷ ହୋଇଯିବ ବୋଲି ପୁଟିନ ଉଲ୍ଲେଖ କରିଥିଲେ। ସମ୍ମିଳନୀ ପରେ ଦ୍ୱିପାକ୍ଷିକ ବୈଠକକୁ ଯିବା ପାଇଁ ପୁଟିନ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଉଭୟ ନେତା କାର୍ ଭିତରେ ୪୫ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା କରିଥିଲେ। ଦ୍ୱିପାକ୍ଷିକ ବୈଠକରେ ପୁଟିନ ଏବଂ ମୋଦୀ ସମ୍ବନ୍ଧକୁ ଅଧିକ ମଜବୁତ କରାଯିବ ବୋଲି କହିଥିଲେ। ମୋଦୀ କହିଥିଲେ ଯେ କଠିନ ସମୟରେ ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି। ଏହି ସମ୍ବନ୍ଧ କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱର ଶାନ୍ତି, ସମୃଦ୍ଧି ଓ ସ୍ଥିରତା ପାଇଁ ଜରୁରୀ।

# ଚୀନ୍, ରୁଷ୍ ସହ ଭାରତର ବନ୍ଧୁତା ଆମେରିକା ପାଇଁ ଅସହ୍ୟ

- ତେଲ ପରେ ଜାତି ରାଜନୀତିରେ ମୁଣ୍ଡ ପୁରାଇଲେ ଟ୍ରମ୍ପଙ୍କ ପରାମର୍ଶଦାତା
- ରୁଷ ତେଲ୍‌ରୁ ଭାରତୀୟ ବ୍ରାହ୍ମଣଙ୍କୁ ଲାଭ; ବହୁମୂଲ୍ୟ ଦେଉଛି ଦେଶ
- ଚୀନ, ରୁଷ୍‌ର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇ ଚାଲିଛି। ଦୁନିଆରେ ଦୁଇ ଦୁଇଟି ଯୁଦ୍ଧ ଚାଲିଥିବାବେଳେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ଭଲ ରହିଛି। କିନ୍ତୁ ଶୁଳ୍କ ଲଗାଇ ବିଶ୍ୱ ବଜାରକୁ ଅସ୍ଥିର କରିଥିବା ଆମେରିକା ପାଇଁ ଏହା ଅସହ୍ୟ ପାଲଟି ଯାଇଛି। ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଇ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିବା ଆମେରିକା ପାଇଁ ଏସ୍‌ସିଓ ଶିଖର ସମ୍ମିଳନୀ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ତିନି ଦେଶ ପାରସ୍ପରିକ ବାଣିଜ୍ୟିକ ଏବଂ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି। ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲାଗି ଭାରତ, ଚୀନ୍ ଏବଂ ରୁଷ୍ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ବୋଲି ତିନି ନେତା ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କର ମୁକାବିଲା କରିବାକୁ ଏହି ସମ୍ମିଳନୀରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଏହି ସମ୍ମିଳନୀ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବା ଆମେରିକା ପାଇଁ ଏହି ଦୁଇ ଦେଶ ସହ ଭାରତର ସମ୍ବନ୍ଧକୁ ସହଜରେ ହଜମ କରିପାରୁନି। ଶୁଳ୍କ ଚାପ ପକାଇବାରେ ବିଫଳ ହୋଇଥିବା ୱାସିଂଟନ ଏବେ ଭାରତର ଜାତି ରାଜନୀତି ପ୍ରସଙ୍ଗ ଉଠାଇ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରିଛି। ମୋଦୀ ଏବଂ ପୁଟିନ ଆଲୋଚନା ପୂର୍ବରୁ ଦୁଇ ଦେଶର ସମ୍ବନ୍ଧ ବିଷୟରେ ଉଲ୍ଲେଖ କରି ବିବାଦକୁ ହ୍ରାସ କରିବା ପାଇଁ ଆମେରିକା ସଙ୍କେତ ଦେଇଛି।

ଅନ୍ୟପଟେ ଟ୍ରମ୍ପଙ୍କ ବାଣିଜ୍ୟିକ ପରାମର୍ଶଦାତା ପିଟର ନଭାରୋ ରୁଷ୍ ତେଲ କିଣିବାକୁ ନେଇ ପୁଣି ଭାରତକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରୁଷ୍ ତେଲ କିଣି ଭାରତୀୟ ବ୍ରାହ୍ମଣ ଲାଭ କମାଉଛନ୍ତି। କିନ୍ତୁ ସମଗ୍ର ଭାରତ ଏହାର ମୂଲ୍ୟ ଦେଉଛି। ରୁଷରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଅର୍ଥ ଦେଉଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ ସର୍ବାଧିକ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏବଂ ଆମେରିକାର କ୍ଷତି ହେଉନାହିଁ, ବରଂ ସାଧାରଣ ଭାରତୀୟ ବହୁମୂଲ୍ୟ ଦେଉଛନ୍ତି। ଏହା ସମସ୍ତଙ୍କୁ ବୁଝିବାକୁ ହେବ। ନଭାରୋ ଭାରତକୁ ରୁଷ୍‌ର ୱାସିଂ ମେସିନ କହିଛନ୍ତି। ଭାରତ କେବଳ ବାଣିଜ୍ୟ ଅସନ୍ତୁଳନ ବୃଦ୍ଧି କରୁନାହିଁ, ବରଂ ଏଭଳି ମେଣ୍ଟ ସୃଷ୍ଟି କରିଛି ଯାହା ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ନଭାରୋ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର। ଏହି ଦେଶ ଚୀନ୍ ଏବଂ ରୁଷର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ। କମ୍ୟୁନିଷ୍ଟ ଦେଶ ରୁଷ ସହ ମୋଦୀ କାହିଁକି ହାତ ମିଶାଉଛନ୍ତି ତାହା ବୁଝାପଡୁନାହିଁ। ନଭାରୋଙ୍କ ଏହି ଟିପ୍ପଣୀକୁ କଂଗ୍ରେସ ନେତା ପବନ ଖେଡ଼ା ବିରୋଧ କରି କହିଛନ୍ତି ଯେ ଆମେରିକା ଏଭଳି ଆଧାରହୀନ ଟିପ୍ପଣୀ ଦେବା ଅନୁଚିତ। ସେହିପରି ଟିଏମସି ସାଂସଦ ସାଗରିକା ଘୋଷ କହିଛନ୍ତି ଯେ ବିଶ୍ୱରେ ଇଂରାଜୀ କହୁଥିବା ଧନୀକ ଶ୍ରେଣୀର ଲୋକଙ୍କୁ ବ୍ରାହ୍ମଣ କୁହଯାଏ। ଏଭଳି ସ୍ଥିତିରେ ନଭାରୋଙ୍କ ବୟାନ ବିଭ୍ରାନ୍ତିକର। ଏହା ତାଙ୍କ ଅଜ୍ଞାନତାକୁ ଦର୍ଶାଉଛି। ଏହା ପୂର୍ବରୁ ନଭାରୋ ୟୁକ୍ରେନ ସଂଘର୍ଷକୁ ମୋଦୀଙ୍କ ଯୁଦ୍ଧ କହିଥିଲେ।

## ବିହାର ଭୋଟର ତାଲିକାରେ ନାମ ସାମିଲର ତାରିଖ ବଢ଼ିବନି

ନୂଆଦିଲ୍ଲୀ, ୧।୯ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ମାମଲାର ଶୁଣାଣି ହୋଇଛି। ଏସ୍‌ଆଇଆରର ସମୟସୀମା ବଢ଼ାଇବା ନେଇ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ତେବେ ଆଜି ପରେ ଦାଖଲ କରାଯାଇଥିବା ଦାବି ଏବଂ ଆପତ୍ତିକୁ ବିଚାର କରାଯିବ ବୋଲି କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଚିଠା ଭୋଟର ତାଲିକାରେ ନାମ ସାମିଲ କିମ୍ବା ସଂଶୋଧନ ପାଇଁ ଆଜି ଶେଷ ତାରିଖ ଥିଲା। ଆବେଦନକାରୀ ଏହି ସୀମାକୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଥିଲେ। ତେବେ ସେପ୍ଟେମ୍ବର ୩୦ ପରେ ବି ଆବେଦନ ସ୍ୱୀକାର କରାଯିବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ କାଗଜପତ୍ର ଜମା କରିଥିବା ଏବଂ ୧.୩୪ ଲକ୍ଷ ନାମ କଟାଇବାକୁ ନିବେଦନ କରିଥିବା ସୂଚନା ଦିଆଯାଇଥିଲା। ତେଣୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଥିଲେ।

# ସିମ୍‌ଲାରେ ଭୂସ୍ଖଳନ ଯୋଗୁଁ ୪ ମୃତ

**ଉତ୍ତର ଭାରତରେ ପ୍ରବଳ ବର୍ଷା**



ଡେରାଡୁନ, ୧।୯(ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହିମାଚଳରେ ରବିବାରଠାରୁ ବର୍ଷା ଜାରି ରହିଛି। ସିମଲାର କୋଟଖାଇ, ଜୁବ୍ବାଲ ଓ ଜୁଙ୍ଗାରେ ରବିବାର ବିଳମ୍ବିତ ରାତିରେ ଭୂସ୍ଖଳନ ହୋଇଛି ଓ ଏଥିରେ ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ହିମାଚଳକୁ ବିଧାନସଭାରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ କବଳିତ ରାଜ୍ୟ ଭାବେ ଘୋଷଣା କରିଛନ୍ତି। ଚଣ୍ଡିଗଡ଼- ମନାଲୀ ଫୋରଲେନ୍ ସମେତ ୫ଟି ରାଜପଥ ଓ ପାଖାପାଖି ୮୦୦ଟି ସଡ଼କକୁ ବନ୍ଦ କରାଯାଇଛି। କୁଲ୍ଲୁ ସମେତ ୧୦ଟି ଜିଲ୍ଲାରେ ସୋମାବାର ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

## ଉତ୍ତରାଖଣ୍ଡ ୪ ଧାମ ଯାତ୍ରା ୫ ପର୍ଯ୍ୟନ୍ତ ସ୍ଥଗିତ

## ହରିୟାଣାର ୬ ଜିଲ୍ଲାରେ ବନ୍ୟା ସ୍ଥିତି

ଉତ୍ତରାଖଣ୍ଡର କେଦାରନାଥ ଜାତୀୟ ରାଜପଥରେ ସୋମବାର ଭୂସ୍ଖଳନ ଯୋଗୁଁ ଦୁଇଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟରେ ରେଡ ଆଲର୍ଟ ଜାରି କରାଯାଇଛି ଓ ୪ ଧାମ ଯାତ୍ର ସହ ହେମକୁଣ୍ଡ ସାହିବ ଯାତ୍ରା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ରାଜୋରି ଜିଲ୍ଲାରେ ଭୂସ୍ଖଳନ କାରଣରୁ ୧୨ଟି ଘର ଭାଙ୍ଗିଯାଇଛି। ହରିୟାଣାର ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସିରସାରେ ୫୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସୋମବାର ସକାଳେ ହାଥିନିକୁଣ୍ଡ ବ୍ୟାରେଜ୍‌ରେ ୨୯, ୩୧୩ କ୍ୟୁସେକ ଜଳ ଛଡା ଯାଇଛି। ଫଳରେ ଯମୁନାର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ବହୁଛି। ଦିଲ୍ଲୀ ସରକାର ବନ୍ୟା ନେଇ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ପଞ୍ଜାବର ୯ ଜିଲ୍ଲା ଯଥା ଫଜିଲକା, ଫିରୋଜପୁର, କପୁରଥାଲା, ପଠାନକୋଟ, ତାରା ତାରାନ ଓ ବର୍ଣ୍ଣାଲଶରେ ବନ୍ୟା ସ୍ଥିତି ଜାରି ରହିଛି। ଏପର୍ଯ୍ୟନ୍ତ ୧୩୧୨ ଗାଁ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଜଳନ୍ଧର ଓ ଲୁଥିଆନାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜସ୍ଥାନର ବିକାନେରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି।

ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଜୁନ୍ ୨୦ରୁ ମୌସୁମୀ ଆସିବା ପରେ ହିମାଚଳରେ ଏପର୍ଯ୍ୟନ୍ତ ୩୨୦ ଲୋକ ବର୍ଷା ଜନିତ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଅନ୍ୟପଟେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ୍‌ଙ୍କ ସହ କଥା ହୋଇ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବରେ ସ୍କୁଲ ଓ କଲେଜକୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।

## କୋର୍ଟରେ ପଡ଼ି ରହିଛି ସିବିଆଇର ୭, ୦୭୨ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୧।୯(ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ (ସିବିଆଇ) ବାର୍ଷିକ ବିବରଣୀ ପ୍ରକାଶ ପାଇଛି। ଏଥିରେ ସିବିଆଇର ୭୦୭୨ ଦୁର୍ନୀତି ମାମଲା ଦେଶର ବିଭିନ୍ନ କୋର୍ଟରେ ପଡ଼ି ରହିଥିବା କୁହାଯାଇଛି। ତେବେ ଚିନ୍ତାର ବିଷୟ ହେଉଛି ଯେ, ଏଥିରୁ ୨, ୬୬୦ ମାମଲା ୧୦ ବର୍ଷ ପୁରୁଣା। ପୁଣି ଏଥିରୁ ୩୭୯ ମାମଲା ୨୦ ବର୍ଷରୁ ଅଧିକ ସମୟ ହେଲା ଅଟକି ରହିଛି। ସେହିପରି ୧୦ରୁ ୨୦ ବର୍ଷ ତଳର ୨, ୨୮୧ ମାମଲା ପଡ଼ି ରହିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ୩ ବର୍ଷରୁ କମ୍ ସମୟ ହେଲା ୧, ୫୦୬ ମାମଲା, ୩ରୁ ୫ ବର୍ଷର ୭୯୧ ମାମଲା ଓ ୫ରୁ ୧୦ ବର୍ଷର ୨, ୧୧୫ ମାମଲା କୋର୍ଟରେ ପଡ଼ିଛି। ସିବିଆଇ ଓ ଅଭିଯୁକ୍ତଙ୍କ ୧୩, ୧୦୦ ସଂଶୋଧନ ଆବେଦନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ପଡ଼ି ରହିଥିବା ସୂଚନା ଦିଆଯାଇଛି। ଏଗୁଡିକ ମଧ୍ୟରୁ ୬୦୬ ଆବେଦନ ୨୦ ବର୍ଷରୁ ଅଧିକ ସମୟର ଏବଂ ୧, ୨୨୭ ଆବେଦନ ୧୫ରୁ ୨୦ ବର୍ଷ ହେଲା ବିଚାରାଧୀନ ରହିଛି ବୋଲି ସୂଚନା ଦିଆଯାଇଛି।


## ସରିଲା ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ୬ ମାସରେ ଭୁଶୁଡ଼ିବ କେନ୍ଦ୍ର ସରକାର: ଖଡ୍‌ଗେ

## ହାଇଡ୍ରୋଜେନ ବୋମା ବିସ୍ଫୋରଣ: ରାହୁଲ

ପାଟନା, ୧।୯ (ଏଜେନ୍ସି): ବିହାରରେ ୧୬ ଦିନ ହେଲା ଚାଲିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସୋମବାର ପାଟନାରେ ଶେଷ ହୋଇଛି। ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରି ସକାଳ ୧୧ଟାରେ ରାହୁଲ ପଦଯାତ୍ରା ଆରମ୍ଭ କରିଥିଲେ। ସାଢ଼େ ତିନି ଘଣ୍ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ହାଇକୋର୍ଟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହା ପୂର୍ବରୁ ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଯାତ୍ରାକୁ ଡାକବଙ୍ଗଳା ଛକରେ ଅଟକାଇ ଦେଇଥିଲେ। ଏଠାରେ ଜନସଭାକୁ ସମ୍ବୋଧନ କରି ରାହୁଲ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଜେପିକୁ ନିଶାଣ କରିଥିଲେ। ସେ ୬ ମାସ ମଧ୍ୟରେ କେନ୍ଦ୍ର ସରକାର ଭୁଶୁଡ଼ି ଯିବ ବୋଲି ଦାବି କରିଥିଲେ। ବିଜେପି ଭୋଟ ଚୋରି କରି ବିହାର ଜିତିବାକୁ ପ୍ରୟାସ କରୁଛି ବୋଲି ଅଭିଯୋଗ ଲଗାଇ ଥିଲେ। ତେଣୁ ଲୋକଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। ସତର୍କ ନ ରହିଲେ ଲୋକଙ୍କୁ ବୁଡ଼ାଇ ଦେବେ। ଏହା ସହିତ ସରକାରଙ୍କ ପକ୍ଷରୁ ପୁଲିସ ବ୍ୟବସ୍ଥା ହୋଇ ନ ଥିବା ଖଡଗେ କହିଥିଲେ। ସେ ଏହାକୁ ନେଇ ପୁଲିସକୁ ଚେତାବନୀ ଦେଇଥିଲେ। ଖୁବଶୀଘ୍ର ଆମ ସରକାର ଆସିବାକୁ ଯାଉଛି। ସେତେବେଳେ ପୁଲିସକୁ କାମ କରିବାକୁ ପଡିବ ବୋଲି ଖଡଗେ କହିଥିଲେ। ରାହୁଲ କହିଥିଲେ ଯେ ଲୋକଙ୍କ ଭୋଟ ଚୋରି କରି ଏନ୍‌ଡିଏ ଜିତିଛି। ମହାରାଷ୍ଟ୍ରରେ ବି ଏମାନେ ଭୋଟ ଚୋରି କରିଥିଲେ। କେବଳ ଦେଶରେ ନୁହେଁ, ଚୀନ୍ ଲୋକ ମଧ୍ୟ କହୁଛନ୍ତି 'ଭୋଟ ଚୋର, ଗଦି ଛାଡ଼'। ଏହି ଯାତ୍ରାକୁ ବିଜେପି ଲୋକ କଳା ପତାକା ଦେଖାଉଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପରମାଣୁ ବୋମାଠାରୁ ହାଇଡ୍ରୋଜେନ ବୋମା ବଡ଼। ଏହି ବୋମା ଆସୁଛି। ବିସ୍ଫୋରଣ ହେଲେ ଚୋରିର ସତ୍ୟ ବିଷୟରେ ସାରା ଦେଶ ଜାଣିବ। ଆମେ ସମ୍ବିଧାନକୁ ହତ୍ୟା କରିବାକୁ ଦେବୁ ନାହିଁ। ବିହାରରେ ଏହି ଯାତ୍ରାକୁ ଲୋକେ ଅଶେଷ ସମର୍ଥନ ଦେଇଛନ୍ତି।

ରାହୁଲଙ୍କ ଅଭିଭାଷଣ ସରିବା ପରେ ଦୁଇ ଯୁବକ କଳା ପତାକା ଦେଖାଇ ଥିଲେ। ଏହା ପରେ ହଙ୍ଗାମା ଆରମ୍ଭ ହୋଇଥିଲା। ପୁଲିସ ସେଠାରୁ ଦୁଇ ଯୁବକଙ୍କୁ ଯେନତେନ ଉପାୟରେ ବାହାର କରି ଥାନାକୁ ନେଇଥିଲା। ସେହିପରି ତେଜସ୍ୱୀ କହିଥିଲେ ଯେ ଲାଲୁ ଜୀ ବିଜେପିକୁ ଡରି ନ ଥିଲେ। ତାଙ୍କ ପୁଅ ମଧ୍ୟ ଏତଲାକୁ ଡରିବ ନାହିଁ। ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଥିବା କୁହାଯାଉଛି। ଏହାର ଗୋଟିଏ ଇଞ୍ଜିନ ଅପରାଧ ଏବଂ ଅନ୍ୟଟି ଦୁର୍ନୀତି। ଏମାନେ ବିହାରୀଙ୍କୁ ଠକିବାକୁ ଚାହୁଁଛନ୍ତି।



# ନଈରେ ଓଲଟିଲା ଡଙ୍ଗା ଶ୍ରମିକଙ୍କୁ ଉଦ୍ଧାର କଲା ହେଲିକପ୍ଟର୍

ମାଲକାନଗିରି, ୧।୯(ସମିସ): ମଝି ନଦୀରେ ଫସି ରହିଥିବା ଜଣେ ଶ୍ରମିକଙ୍କୁ ହେଲିକପ୍ଟର୍ ଯୋଗେ ଉଦ୍ଧାର କରାଯିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଓ ଛତିଶଗଡ଼ ପ୍ରଶାସନର ମିଳିତ ଉଦ୍ୟମ ଯୋଗୁଁ ଗୋଟିଏ ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ନୂଆ ଜୀବନ ପାଇଥିବା ଶ୍ରମିକଜଣଙ୍କ ହେଲେ, ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମର ଇର୍ମା ସୋଡ଼ି। ସୂଚନାନୁଯାୟୀ, ଇର୍ମା ଛତିଶଗଡ଼ ସୁକୁମା ଜିଲ୍ଲାରେ ଥିବା ଏକ କଦଳୀ ବାଗିଚାରେ କାମ କରନ୍ତି। ଗତ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସେ ସାବେରୀ ନଦୀ ପାର୍ ହୋଇ ଘରକୁ ଫେରୁଥିଲେ। ତେବେ ବର୍ତ୍ତମାନ ନଦୀରେ ଜଳପ୍ରବାହ ଓ ସ୍ରୋତ ଅଧିକ ଥିବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଏହା ଦେଖି ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଜୀବନ ବଞ୍ଚାଇଥିଲେ। କିନ୍ତୁ ନଦୀର ପ୍ରଖର ସ୍ରୋତରୁ ସେ ବାହାରକୁ ଆସି ପାରିନଥିଲେ। ରାତିତମାମ ସେମିତି ମଝି ନଈରେ ଫସି ରହିଥିଲେ। ତେବେ ଆଜି ସକାଳେ କିଛି ଲୋକେ ଇର୍ମାଙ୍କୁ ଦେଖି ପଡ଼ିଆ ଦମକଳବାହିନୀକୁ ଖବର ଦେଇଥିଲେ। ଖବର ପାଇ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ସଂପର୍କରେ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ଜଳସ୍ରୋତ ଯୋଗୁଁ ଦମକଳବାହିନୀ



ଇର୍ମାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଛତିଶଗଡ଼ ସରକାର ହେଲିକ୍ୟାପ୍ଟର୍ ଯୋଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ। ସିଆରପିଏଫ୍‌ର ଏକ ହେଲିକ୍ୟାପ୍ଟର୍ ଇର୍ମାଙ୍କୁ ଉଦ୍ଧାର ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣିଥିଲେ। ପରେ ତାଙ୍କୁ ସୁକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇର୍ମା ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

# ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର

## ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଧମକ

ଭୁବନେଶ୍ୱର,୧।୯(ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ବିକାଶ ଭାବନା କମ୍, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ନୂଆ ଏନ୍‌ଏସି ଘୋଷଣା କରାଯାଇଛି ବୋଲି ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି। ଏହିକ୍ରମରେ ବିଜେଡି ଧଧ ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରଙ୍କ ଦ୍ୱାରା ଏନ୍‌ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡ଼ିକୁ ପାତରଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଦଳ ଅଭିଯୋଗ କରିଛି।



■ ପୂର୍ବରୁ ଘୋଷିତ ୧୮ ଟି ଅଞ୍ଚଳକୁ ସରକାର ପୁନଃ ଘୋଷଣା କରିଛନ୍ତି
■ ବାଦ୍ ପଡ଼ିଥିବା ଅଞ୍ଚଳଗୁଡ଼ିକରେ ଦେଖାଦେଲାଣି ପ୍ରବଳ ଜନଅସନ୍ତୋଷ

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ପୌର ଅଧିନିୟମ ୧୯୫୦ ଅନୁଯାୟୀ ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରିଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତରଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇ ନାହିଁ, ଯାହା ସରକାରଙ୍କ ପାତରଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡା କଣ୍ଟାବାଞ୍ଜି ଏନ୍‌ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନ୍‌ଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପିକ୍‌ଅପ୍ ଧକ୍କାରେ ଦୁଇ ଭାଇ ମୃତ

ତୁରେକେଲା, ୧।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ବୁଲାଣି ନିକଟରେ ଆଜି ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ଦୁଇଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବେଲପଡ଼ା ଥାନା ଭାଲୁଖାଇ ଗାଁର ରାଜକୁମାର ରାଏ ଓ ତାଙ୍କ ଭାଇ ଦିନେଶ ରାଏ। ତୁରେକେଲା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରାଜକୁମାର ଓ ଦିନେଶ ଆଜି ସକାଳେ ତୁରେକେଲାରୁ କଣ୍ଟାବାଞ୍ଜି ଫେରୁଥିବା ବେଳେ ଲର୍କିଗାଁ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାଜକୁମାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନେଶର ମୃତ୍ୟୁ ଘଟିଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ୍‌ଟି ଫେରାର୍ ହୋଇଯାଇଥିଲା। ପୁଲିସ୍ ଉକ୍ତ ଗାଡ଼ିକୁ ତୁରେକେଲା ଥାନା ସାଲେମୁଡ଼ଗା ଗାଁରୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ଅପରପେକ୍ଷ, ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୨ କଲରାପତରିଆ ବାଘ ଛାଲ ଜବତ, ୪ ଗିରଫ




ରାୟଗଡ଼ା, ୧।୯(ସମିସ): ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ ଆଜି ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘଛାଲ ଜବତ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ରାୟଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି। ରାୟଗଡ଼ା ରେଞ୍ଜର୍ କାମେଶ୍ୱର ଆଚାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳର ଅଞ୍ଜରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା, ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣଙ୍କ ସହ ମିଶି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜକୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ। ଏହି ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଡିରେକ୍ଟର ଅଫ୍ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ ଓ ଏନେଇ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ଅଚାରୀ ସୂଚନା ଦେଇଛନ୍ତି। ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି। ଉଭୟ ବାଘର ବୟସ ୫/୭ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଏସିଏଫ ଅଶୋକ ପ୍ରଧାନ ପ୍ରକାଶ କହିଛନ୍ତି।

# ଆର୍‌ଆଇ, ଅମିନ ପ୍ରିଲିମ୍‌ସ ଅକ୍ଟୋବର ୮ରୁ

ଭୁବନେଶ୍ୱର, ୧।୯(ସମିସ): ବାତିଲ୍ ହୋଇଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ପୁଣିଥରେ ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର୍ ବେସଡ୍ ନିଯୁକ୍ତି ପରୀକ୍ଷା(ସିବିଆର୍‌ଇ) ମାଧ୍ୟମରେ ଆଶାୟୀମାନେ ପରୀକ୍ଷା ଦେବେ। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଏକାଧିକ ସିଫ୍ଟରେ ପରୀକ୍ଷା ହେବ। ଏଥିପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା ଆପଣାଯିବ। ଏହାସହ ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର କରାଯିବ। ଯେଉଁ ଜିଲ୍ଲାରେ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ନାହିଁ, ସେହି ଜିଲ୍ଲାର ପିଲାମାନେ ଆବେଦନସମୟରେଅଗ୍ରାଧିକାରଦେଇଥିବାଜିଲ୍ଲାରେପରୀକ୍ଷାଦେବେ। ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ ବୋଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ।

# ନିଶା ବେପାରୀଙ୍କୁ 'ପ୍ରହାର'

## ନିଶାଦ୍ରବ୍ୟ ଜବତ ହେଲେ ଦୋକାନ ସିଲ୍

ଭୁବନେଶ୍ୱର,୧।୯(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ଜାମିନରେ ଆସିବା ପରେ ମଧ୍ୟ ନିଶା ବେପାର ଛାଡ଼ୁନାହାନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଛି। ଏ ସବୁରେ ରୋକ୍ ଲଗାଇବା ପାଇଁ ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ପ୍ରହାର'। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ଅଭ୍ୟାସଗତ ଅପରାଧୀଙ୍କ ତାଲିକା କରି ବିଏନ୍‌ଏସ୍‌ଏସ୍ ୧୨୯ରେ ସେମାନଙ୍କୁ ବୁକ୍ କରିବାକୁ କୁହାଯାଇଛି। ନିଶା ବେପାରୀଙ୍କୁ ଧରିବା ଲାଗି ଚଢ଼ଉକୁ ଜୋରଦାର କରିଛି ପୁଲିସ। ଚଢ଼ଉ ସମୟରେ ଶିକ୍ଷାନୁଷ୍ଠାନ ନିକଟରେ ବିଶେଷ ଧ୍ୟାନ ଦିଆଯାଉଛି। କୌଣସି ଦୋକାନରୁ ନିଶାଦ୍ରବ୍ୟ ଜବତ ହେଲେ, ସଂପୃକ୍ତ ଦୋକାନକୁ ତୁରନ୍ତ ସିଲ୍ କରାଯିବ। କେଉଁ ଥାନାର କେଉଁ କେସ ଆଧାରରେ ସିଲ୍ କରାଯାଇଛି, ସେନେଇ ସଂପୃକ୍ତ ଦୋକାନରେ ପୋଷ୍ଟର୍ ମରାଯିବ। ଅଭ୍ୟାସଗତ ଅପରାଧୀଙ୍କଠାରୁ ନିଶାଦ୍ରବ୍ୟ ଜବତ ହେଲେ ସେମାନଙ୍କ ବିରୋଧରେ ୧୧୧ ବିଏନ୍‌ଏସ୍ ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ୱତନ୍ତ୍ର ଧରପଗଡ଼ ବେଳେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ମ୍ୟୁନିସିପାଲିଟି, ଏନ୍‌ଏସି ଓ ପଞ୍ଚାୟତ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଚଢ଼ଉ ବେଳେ ଅଧିକ ପରିମାଣର ନିଶାଦ୍ରବ୍ୟ ଓ ଅଧିକ ନିଶା ବେପାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଏମ୍‌କେସିଜିରେ ପୁଣି ରାଗିଂ

ବ୍ରହ୍ମପୁର, ୧।୯ (ସମିସ): ବ୍ରହ୍ମପୁର ଏମ୍‌କେସିଜିରେ ପୁଣି ରାଗିଂ। ଏମ୍‌ବିବିଏସ୍ ଦ୍ୱିତୀୟ ବର୍ଷର ଜଣେ ଛାତ୍ରଙ୍କୁ ୬ରୁ ୭ଜଣ ବରିଷ୍ଠ ଛାତ୍ର ରାଗିଂ କରୁଥିବା ନେଇ ଅଭିଯୋଗ ହୋଇଛି।

■ ୟୁନିଅନ ବୈଠକ ନାଁରେ ନିର୍ଯାତନା
■ ଆଜି ଆଣ୍ଟି ରାଗିଂ ସେଲ୍ ବୈଠକ

ରାଗିଂର ଶିକାର ଛାତ୍ରଜଣଙ୍କ ଏ ସଂପର୍କରେ ଦିଲ୍ଲୀ ଆଣ୍ଟି ରାଗିଂ ସେଲ୍‌ରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଆଣ୍ଟି ରାଗିଂ ସେଲ୍‌ର ନିର୍ଦ୍ଦେଶରେ ଏମ୍‌କେସିଜି କର୍ତ୍ତୃପକ୍ଷ ହଷ୍ଟେଲକୁ ଯାଇ ସଂପୃକ୍ତ ଛାତ୍ରଙ୍କୁ ପଚରାଉଚରା କରିଛନ୍ତି। ଆସନ୍ତାକାଲି (ମଙ୍ଗଳବାର) ଏନେଇ ଏମ୍‌କେସିଜି ଆଣ୍ଟି ରାଗିଂ ସେଲ୍‌ର ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଛାତ୍ରଜଣଙ୍କୁ ହଷ୍ଟେଲରେ ପଢ଼ିବାକୁ ଦିଆଯାଉ ନଥିବା ବେଳେ ୟୁନିୟନ ବୈଠକ ନାମରେ ତାଙ୍କୁ ଡାକି ଘଣ୍ଟାଘଣ୍ଟା ଧରି ଠିଆ କରାଯାଉଥିଲା। ପ୍ରତିବାଦ କଲେ ବରିଷ୍ଠ ଛାତ୍ରମାନେ ତାଙ୍କୁ ହଷ୍ଟେଲକୁ ଡକାଇ ସେଠାରେ ଆଣ୍ଠେଇ ବସିବାକୁ ବାଧ୍ୟ କରୁଥିଲେ। କଲେଜର ୬ରୁ ୭ଜଣ ସିନିୟର୍ ଛାତ୍ର ଅଗଷ୍ଟ ୧୮ ତାରିଖରେ ଏଭଳି ଜୁନିୟର ଛାତ୍ରଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେହିପରି ଗତ ୧୯ ତାରିଖରେ ୟୁନିଅନ ବୈଠକ ନାମରେ ପୁଣିଥରେ ଉକ୍ତ ଛାତ୍ରଙ୍କୁ ଡକାଇଯାଇଥିଲା। କିନ୍ତୁ ଛାତ୍ରଜଣଙ୍କ ନଯିବାରୁ ବରିଷ୍ଠ ଛାତ୍ରମାନେ କେବିନ୍ ବ୍ଲକକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏହାସହ ସିନିୟର୍ ଛାତ୍ର ପ୍ରତିଦିନ ମଦ୍ୟପାନ ସହ ଡିଜେ ଲଗାଇ ନାଚ କରି ତାଙ୍କ ପାଠ ପଢ଼ିବାରେ ସମସ୍ୟା କରାଉଥିବା ଅଭିଯୋଗ ହୋଇଛି।

# ପରକୀୟା ପ୍ରୀତି ସନ୍ଦେହରେ ଭାଇକୁ ଗୁଳି

ଅନୁଗୋଳ, ୧।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା କମଳପୁର ଗାଁର ଦଳିତ ବସ୍ତିରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଗାଁର ସୁରଭି ନାଏକ। ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ପରକୀୟା ପ୍ରୀତିରୁ ଏହି ଗୁଳିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କମଳପୁର ଗାଁର ସୁରଭି ନାଏକ ଓ କ୍ଷୀରୋଦ ନାଏକ ଦୁଇ ଭାଇ। ଉଭୟ ବିବାହିତ ଓ ସେମାନଙ୍କର ପିଲାଛୁଆ ଅଛନ୍ତି। କିଛି ବର୍ଷ ହେବ ସୁରଭିଙ୍କ ସ୍ତ୍ରୀଙ୍କ ସହ କ୍ଷୀରୋଦଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜଣାପଡ଼ିବା ପରେ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହିଥିଲା। ସୁରଭିଙ୍କ ସ୍ତ୍ରୀ ୧୨ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। କ୍ଷୀରୋଦ ତାଙ୍କ ସ୍ତ୍ରୀକୁ ଲୁଚାଇ ରଖିଥିବା ସୁରଭି ସନ୍ଦେହ କରୁଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କ୍ଷୀରୋଦ ଏକ ବନ୍ଧୁକ ଆଣି ସୁରଭିଙ୍କୁ ଗୁଳିମାଡ଼ କରିଥିଲେ। ସୁରଭିଙ୍କ ଡାହାଣ ପାଖ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି।

# ୭ ହଜାର କର୍ମଚାରୀଙ୍କୁ ମିଳିନାହିଁ ୬ ମାସର ଦରମା

ଭୁବନେଶ୍ୱର,୧।୯(ସମିସ): ରାଜ୍ୟରେ ବନ ବିଭାଗରେ ପାଖାପାଖି ୭ ହଜାର ଅସ୍ଥାୟୀ କର୍ମଚାରୀ କାମ କରୁଛନ୍ତି। ଜୀବନକୁ ବାଜି ଲଗାଇ ଏହି କର୍ମଚାରୀମାନେ ବଣ, ଜଙ୍ଗଲରେ ଡ୍ୟୁଟି କରୁଛନ୍ତି। କାଠ ମାଫିଆ, ପଶୁ ଶିକାରୀ, ହାତୀ, ବାଘ ଆଦିଙ୍କ ବିପଦକୁ ଖାତିର ନ କରି କାର୍ଯ୍ୟ କରୁଥିବା ଏହି ଅସ୍ଥାୟୀ କର୍ମଚାରୀମାନେ ୬ ମାସ ହେବ ଦରମା ପାଇନାହାନ୍ତି। ମାସକୁ ୧୦-୧୨



ହଜାର ଟଙ୍କା ଦରମାରେ କାମ କରୁଥିବା ଏହି କର୍ମଚାରୀମାନେ ଏତେ ଦିନ ହେବ ଦରମା ନ ପାଇବାରୁ ଶେଷରେ ବାଧ ହୋଇ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ 'ଅରଣ୍ୟ ଭବନ' ଘେରାଉ କରିଛନ୍ତି । ରାଜ୍ୟର ବିଭିନ୍ନ ବନଖଣ୍ଡରେ କାର୍ଯ୍ୟରତ ହଜାର ହଜାର ଅସ୍ଥାୟୀ ବନ କର୍ମଚାରୀମାନଙ୍କ ଧାରଣା ପରେ ବନ ବିଭାଗରେ ଭାଳେଣି ପଡ଼ିଛି।

ବନ ବିଭାଗର ଏହି ଅସ୍ଥାୟୀ କର୍ମଚାରୀମାନେ ଦରମା ସମସ୍ୟା ସହ ମୋଟ୍ ୭ ଟି ଦାବି ନେଇ ଧାରଣା ଦେଇଛନ୍ତି। ଦୀର୍ଘ ସେବା ଓ ଅଭିଜ୍ଞତାକୁ ବିଚାର କରି କର୍ମଚାରୀଙ୍କୁ ସ୍ଥାୟୀ କରିବା ସହ ଦୈନିକ ଶ୍ରମିକ ଭାବେ ପାରିଶ୍ରମିକ ବଦଳରେ ୩୦ ଦିନର ଦରମା ସହ ଆଉଟସୋର୍ସିଙ୍ଗ କର୍ମଚାରୀ ମାନେ ପାଉଥିବା ବର୍ଦ୍ଧିତ ଦରମା, ପ୍ରୋତ୍ସାହନ ଭତ୍ତା, ବାର୍ଷିକ ଛୁଟି ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ବିପଦପୂର୍ଣ୍ଣ ଓ କୁଶଳୀ କାର୍ଯ୍ୟକୁ ବିଚାର କରି ଉଚ୍ଚକୁଶଳୀ କର୍ମଚାରୀ ଭାବେ ପ୍ରାପ୍ୟ ପ୍ରଦାନ କରିବା ସହ ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ ବା କର୍ତ୍ତବ୍ୟ ସମ୍ପାଦନ କାଳରେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ କରୁଥିବା କର୍ମଚାରୀଙ୍କୁ ସର୍ବନିମ୍ନ ୨୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଓ ପଙ୍ଗୁ କର୍ମଚାରୀଙ୍କୁ ସର୍ବନିମ୍ନ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ସହ ପରିବାରର ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବିଭାଗୀୟ କାର୍ଯ୍ୟ ପାଇଁ ମୋବାଇଲ୍ ଡାଟା ଭାଉଚର ଯୋଗାଇଦେବା ସହ ବିନା ଅପରାଧରେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଏବଂ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍କାର୍ଡ, ୱାଚର, ପାରା ଫରେଷ୍ଟ ଇତ୍ୟାଦି ବିଭିନ୍ନ ସଂଜ୍ଞା ବଦଳରେ ଗୋଟିଏ ସାର୍ବଜନୀନ ସଂଜ୍ଞା

## ଅସ୍ଥାୟୀ ବନ କର୍ମଚାରୀଙ୍କ ଘେରରେ ଅରଣ୍ୟ ଭବନ

ପ୍ରଦାନ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ମାସିକ ପ୍ରାପ୍ୟ ଠିକ ସମୟରେ ପ୍ରଦାନ , ଇପିଏଫ ଓ ଇଏସ୍‌ଆଇ ମଧ୍ୟ ଆକାଉଣ୍ଟରେ ଠିକ ସମୟରେ ଦାଖଲ କରିବାକୁ କୁହାଯାଇଛି। ୬ ମାସ ଧରି ଦରମା ପାଇନଥିବା କର୍ମଚାରୀଙ୍କୁ ତୁରନ୍ତ ଦରମା ଦେବା ସହ ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ବିଭାଗ ନିମନ୍ତେ ଉଦ୍ଦିଷ୍ଟ ଖାକି ପୋଷାକ (ବର୍ଷକୁ ଦୁଇ ହଳ), ସୁରକ୍ଷା ଉପକରଣ, ଟର୍ଚ୍ଚ ଓ ବିଭାଗୀୟ ପରିଚୟ ପତ୍ର ଆଦି ପ୍ରଦାନ କରିବାକୁ ଦାବି କରାଯାଇଛି।

ଧାରଣାରତ କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ବନ ବିଭାଗ ପାଇଁ କାମ କରିବା ସମୟରେ ଜୀବନ ପ୍ରତି ବିପଦ ରହୁଛି। କିନ୍ତୁ ସେହି ଅନୁସାରେ ସୁବିଧା ମିଳି ପାରୁନାହିଁ। ପ୍ରତିଦିନ ୧୨-୧୫ ଘଣ୍ଟା କାମ କଲେ ମଧ୍ୟ ଦିନ ମଜୁରିଆଠୁ କମ୍ ଦରମା ମିଳୁଛି। ପାଖାପାଖି ୭ହଜାର ଆଉଟ୍‌ସୋର୍ସିଂ କର୍ମଚାରୀ ବିଭାଗ ଅଧୀନରେ କାମ କରୁଛନ୍ତି; କିନ୍ତୁ ଏମାନଙ୍କୁ ଠିକ ଭାବରେ ବେତନ ମିଳୁନି। ଏହାକୁ ନେଇ ବାରମ୍ବାର ବିଭାଗୀୟ ମୁଖ୍ୟ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆଜି ଯାଏଁ କୌଣସି ସହାୟତା କିମ୍ବା ପ୍ରତିଶ୍ରୁତି ମିଳିନାହିଁ। ଅସ୍ଥାୟୀ କର୍ମଚାରୀଙ୍କ ଧାରଣା ପରେ ଘଟଣା ସ୍ଥଳରେ ଦୁଇଜଣ ପିସିସିଏଫ୍ ସୁରେଶ ପନ୍ଥ, ପ୍ରେମ କୁମାର ଝା ପହଞ୍ଚି ଦାବି ପୂରଣ ନେଇ ୧୫-୩୦ ଦିନ ସମୟ ମାଗିଛନ୍ତି। ଏହା ସହ ସେମାନଙ୍କ ଦ୍ୱାରା ଯାହା ସମ୍ଭବ ତାହା ପୂରଣ ହେବ ବୋଲି ପ୍ରତିଶୃତି ଦେଇଛନ୍ତି। ଯେଉଁ ଦାବିଗୁଡ଼ିକ ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ, ସେ ବିଷୟରେ ସରକାରଙ୍କୁ ଲିଖିତ ଭାବେ ଅବଗତ କରାଯିବ ବୋଲି ଦୁଇ ପିସିସିଏଫ୍ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ କର୍ମଚାରୀମାନେ ଆନ୍ଦୋଳନ ସ୍ଥଗିତ ରଖିଛନ୍ତି। ମାତ୍ର ଯଦି ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ନିଆ ନ ଯାଏ, ତେବେ ସମସ୍ତ ଅସ୍ଥାୟୀ କର୍ମଚାରୀ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବେ ବୋଲି ରାଜ୍ୟ ଅସ୍ଥାୟୀ ବନ କର୍ମଚାରୀ ସଂଘ ଚେତାବନୀ ଦେଇଛି।

## ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ

# କେକ୍ ନେବାକୁ ଆସିଥିବା ବାପାକୁ ଚାପିଦେଲା ଡମ୍ଫର୍

ସୋର,୧।୯(ସମିସ): ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ। କେକ୍ ନେବାକୁ ବଜାର ଆସିଥିବା ବାପାକୁ ଡମ୍ଫର୍ ଚାପିଦେଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଆଜି ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମର ଉମାକାନ୍ତ ପାଢ଼ୀ(୩୫)। ପୁଲିସ୍ ଶବକୁ ଜବତ

### କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତଙ୍କ ରାସ୍ତାରୋକ

କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକକୁ ଗିରଫ ଦାବିରେ ସ୍ଥାନୀୟ ଲୋକ ସୋର-ଗୋପୀନାଥପୁର ରାସ୍ତାରେ ଧାରଣାରେ ବସିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ଶେଷ ଖବର ଲେଖା ହେବା ବେଳକୁ ଅବରୋଧ ହଟିନଥିଲା।

ସୂଚନାନୁଯାୟୀ, ଉମାକାନ୍ତଙ୍କ ଝିଅର ଆଜି ଜନ୍ମଦିନ ଥିଲା। ଏଥିପାଇଁ ପରିବାରରେ ଖୁସିର ମାହୋଲ ଥିଲା। ଅପରାହ୍ଣରେ ଉମାକାନ୍ତ ଏକ




କେକ୍ ଆଣିବା ପାଇଁ ସୋର ବଜାର ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଗୁଡ଼ିବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ଫର୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଡମ୍ଫର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

## ଖଡ଼ିଶ ଗ୍ରାମର ଯୁବକଙ୍କ ଆତ୍ମହତ୍ୟା ଘଟଣାକୁ ୧୮ ଦିନ

# ହତ୍ୟା ଅଭିଯୋଗ ଆଣି ଥାନା ସମ୍ମୁଖରେ ଧାରଣା



**ଗୋପ,୧।୯ (ସମିସ):** ଗୋପ ଥାନା ଅଧୀନ ପୟରା ଗ୍ରାମ ପଞ୍ଚାୟତସ୍ଥିତ ଖଡ଼ିଶ ଗ୍ରାମର ତ୍ରିନାଥ ଭୋଇ ଗତ ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ମାତ୍ର ଘଟଣାର ୧୮ ଦିନ ପରେ ପରିବାର ଲୋକେ ତ୍ରିନାଥଙ୍କୁ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଆତ୍ମହତ୍ୟା ଦିନ ସେହି ଗ୍ରାମର ଜନୈକ ବ୍ୟକ୍ତିଙ୍କ ସହ ତ୍ରିନାଥଙ୍କ ଗଣ୍ଡଗୋଳ ହୋଇଥିବା ଓ ପରେ ସେହି ବ୍ୟକ୍ତି ତ୍ରିନାଥଙ୍କ ଘରକୁ ଫୋନ୍ କରି ଧମକ ଦେଇଥିବା ଅଭିଯୋଗ କରିଥିବାବେଳେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରୁନଥିବା ପ୍ରତିବାଦରେ ଶତାଧିକ ବ୍ୟକ୍ତି ଗୋପ ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୧୪ ତାରିଖରେ ଗୋପ ଥାନା ପୟରା ପଞ୍ଚାୟତ ଖଡ଼ିଶ ଗ୍ରାମର ଜିତେନ୍ଦ୍ର ଭୋଇଙ୍କ ପୁଅ ତ୍ରିନାଥ ଭୋଇ ଗ୍ରାମରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିକଟରେ ଥିବା ଏକ ଆମ୍ବ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଖବରପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ସେହି ସମୟରେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇନଥିଲା। ମୃତ ଯୁବକଙ୍କ ଦାଦା ବିପିନ ଲେଖାପଢ଼ା ଜାଣି ନ ଥିବାରୁ ଗୋପ ଥାନା ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ଅଭିଯୋଗ ଲେଖିବାକୁ କହିଥିଲେ। ଘଟଣା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବା ପରେ ଅଭିଯୋଗ ପତ୍ର ଲେଖାଯାଇଥିଲା। ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ଭୁଲ୍ ରିପୋର୍ଟ ଲେଖିଦେଇଥିବା ମୃତ ଯୁବକଙ୍କ ଦାଦା ପୁଲିସ ଆଗରେ କହିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଘଟଣା ଘଟିବା ଦିନ ତ୍ରିନାଥଙ୍କ ସହ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ମାରପିଟ୍ ହୋଇଥିବାବେଳେ ବିଳମ୍ବିତ ରାତିରେ ସମ୍ପୃକ୍ତ ଯୁବକ ତ୍ରିନାଥଙ୍କ ପରିବାରକୁ ଫୋନ୍ ମାଧ୍ୟମରେ ଧମକ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପ୍ରତିବାଦରେ ଶତାଧିକ ବ୍ୟକ୍ତି ଧାରଣା ଦେଇଛନ୍ତି। ଧାରଣାସ୍ଥଳରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ପୁନର୍ବାର ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖବର ପାଇ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ଗୋପ ଥାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ କହିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଏନ୍‌ଏସି ଘୋଷଣାରୁ ବଞ୍ଚିତ କାକଟପୁର; ଜନଅସନ୍ତୋଷ

**କାକଟପୁର,୧।୯ (ସମିସ):** ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ପୀଠ କାକଟପୁରକୁ ଏନ୍‌ଏସି(ବିଜ୍ଞପିତ ଅଞ୍ଚଳ ପରିଷଦ) ଘୋଷଣାରୁ ବାଦ୍ କରାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। କାକଟପୁର ଏନ୍‌ଏସି ପାଇଁ ଆବଶ୍ୟକ ସମସ୍ତ କ୍ରାଇଟେରିଆ (ଜନସଂଖ୍ୟା, ବଜାର, ବ୍ୟବସାୟ, ପରିଚ୍ଛନ୍ନ, ସଡ଼କ, ପାଣି, ପର୍ଯ୍ୟଟନ, ଧାର୍ମିକ ମହତ୍ତ୍ୱ) ୨୦୧୨ରୁ ପୂରଣ କରୁଥିଲେ ମଧ, କାହିଁକି ଏନ୍‌ଏସି ଘୋଷଣା ହୋଇନାହିଁ ଏହା ଏବେ ପ୍ରଶ୍ନ ସୃଷ୍ଟି କରିଛି। ପୂର୍ବ ବିଜେଡି ସରକାର ସମୟରେ ୨୦୨୪ରେ ବିଜେପି ବିରୋଧୀ ଦଳରେ ଥିବାବେଳେ ଏନ୍‌ଏସି ଦାବିରେ ତୀବ୍ର ଆନ୍ଦୋଳନ କରିଥିଲା। ସେଥିରେ ୧୨ ଘଣ୍ଟିଆ କାକଟପୁର ବନ୍ଦ ମଧ୍ୟ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାରକୁ ଆସିବା ସତ୍ତ୍ୱେ, କାକଟପୁର ଏନ୍‌ଏସି ପାଇଁ କୌଣସି ପ୍ରୟାସ ନ ହେବାକୁ ନେଇ ଲୋକମାନେ "ଦଳୀୟ ପ୍ରତିଶୋଧ'ର କଥା କହୁଛନ୍ତି। କାକଟପୁରର ବର୍ତ୍ତମାନ ବିଧାୟକ ବିଜେଡି ଦଳର ଥିବାବେଳେ, ବିଜେପି ସରକାରରୁ ଏନ୍‌ଏସି ବାଦ୍ କରାଯିବାକୁ ସ୍ଥାନୀୟ ଲୋକମାନେ ଇଚ୍ଛାଶକ୍ତିର ଅଭାବ ଓ ରାଜନୈତିକ ଅଣବାଛନ୍ଦି ବୋଲି ବ୍ୟାଖ୍ୟା କରୁଛନ୍ତି। ତେବେ ସରକାର କାକଟପୁରକୁ ଏନ୍‌ଏସି ଘୋଷଣା କରିବାରେ ଅବହେଳା କଲେ, ତାହାର ପ୍ରତିଫଳ ଆଗାମୀ ନିର୍ବାଚନରେ ନିଶ୍ଚିତ ଦେଖିବାକୁ ମିଳିବ।

**● ଏମିତି ବି ମୃତ୍ୟୁ ଆସେ**

## ଗପସପ ହେଉଥିବାବେଳେ ଟଳିପଡ଼ିଲେ ଯୁବକ

**ଗୋପ,୧।୯ (ସମିସ):** ସୋମବାର ସକାଳେ ଗୋପ ଥାନା ଅଧୀନସ୍ଥ ନାଗପୁର ବଜାରଠାରେ ଥିବା ଏକ ଚା' ଦୋକାନରେ ଚା' ପିଇ ସାରି କଥା ହେଉଥିବା ସମୟରେ ଜଣେ ଯୁବକ ଟଳିପଡି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହି ମୃତ୍ୟୁ ହୃଦ୍‌ଘାତଜନିତ ହୋଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ସୂଚନା ଅନୁଯାୟୀ, ସବୁଦିନ ପରି ନାଗପୁର ଗ୍ରାମର ରବିନ୍ଦ୍ର ମଲ୍ଲିକ ଚା' ପିଇବା ପାଇଁ ନାଗପୁର ବଜାରକୁ ଆସିଥିଲେ। ଏକ ଚା' ଦୋକାନରେ ଚା' ପିଇ ଗପସପ କରୁଥିବା ସମୟରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେଠାରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ଉପସ୍ଥିତ ଲୋକମାନେ ପରିବାର ବର୍ଗଙ୍କୁ ଖବର ଦେବାପରେ ଚିକିତ୍ସା ନିମନ୍ତେ ରବିନ୍ଦ୍ରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୁଲିସ ଡାକ୍ତରଖାନାରେ ପହଞ୍ଚି ରବିନ୍ଦ୍ରଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ସୂଚନା ଦେଇଛନ୍ତି।

## ସତ୍ୟବାଦୀକୁ ଏନ୍‌ଏସି ମାନ୍ୟତା ପାଇଁ ଉଠିଲା ଦାବି

**ସାକ୍ଷୀଗୋପାଳ,୧।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ରାଜ୍ୟରେ ଯେଉଁ କିଛି ଅଞ୍ଚଳ ଏନ୍‌ଏସି ହେବା ନେଇ ଘୋଷଣା କରାଯାଇଥିଲା ସେଥିରେ ସତ୍ୟବାଦୀର ନାମ ରହିଥିଲା। ମାତ୍ର ଏବେ ବିଜେପି ସରକାର ନିକଟରେ ଯେଉଁ ଏନ୍‌ଏସି ଘୋଷଣା କରିଛନ୍ତି ସେଥିରେ ସତ୍ୟବାଦୀର ନାମ ବାଦ୍ ପଡ଼ିଛି। ଏହାକୁ ନେଇ ସତ୍ୟବାଦୀର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଅବସ୍ଥା ଏଭଳି ହେଲାଣି ଆଗକୁ ଏଥିପାଇଁ ପାଇଁ ବଡ଼ ଧରଣର ଜନ ଆନ୍ଦୋଳନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏନେଇ ସୋମବାର ସତ୍ୟବାଦୀର କିଛି ସଂଗଠନର କର୍ମକର୍ତ୍ତା ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ବିଡିଓ ଦେବାଶିଷ ନାୟକଙ୍କୁ ଭେଟି ଆଲୋଚନା କରିବା ସହ ସତ୍ୟବାଦୀକୁ ତୁରନ୍ତ ଏନ୍‌ଏସି ଘୋଷଣା କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ସୋମବାର ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଏକ ବୈଠକ ଡାକିଥିଲେ। ଯେଉଁଥିରେ ସତ୍ୟବାଦୀ ଓ ବ୍ରହ୍ମଗିରିକୁ କିଭଳି ତୁରନ୍ତ ଏନ୍‌ଏସି ଘୋଷଣା କରାଯିବ ତା' ଉପରେ ବିସ୍ତୃତ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏହା ଉପରେ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି।

## ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ରାଧାଷ୍ଟମୀ ଉତ୍ସବ

**ନୟାହାଟ,୧।୯ (ସମିସ):** ସର୍ବଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ଅଧିଷ୍ଠାତ୍ରୀ ମା' ରାଧାରାଣୀ ଦେବୀଙ୍କ ଜନ୍ମ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦରଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳ ଆଳତି, ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା ପରେ ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା, ମାଆମାନଙ୍କ ଦ୍ୱାରା ବନ୍ଦାପନା ହୋଇଥିଲା। ଏହି ଉପଲକ୍ଷେ ଓଁ ରାଧେ ଶ୍ରୀରାଧେ ଜୟ ଜୟ ରାଧେ ନାମରେ ଚତୁର୍ଥ ପ୍ରହରୀ କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଶ୍ରୀକୃଷ୍ଣ ନାଟ ମନ୍ଦିରରେ ପ୍ରେମାଚାର୍ଯ୍ୟଙ୍କ ରଚିତ ମଧୁ ଭାଗବତର ପଞ୍ଚମ ଅଧ୍ୟାୟ ମା' ରାଧାରାଣୀଙ୍କ ଜନ୍ମ ପଠନ ପରେ ଆନନ୍ଦରେ ମିଷ୍ଟାନ ବଣ୍ଟନ କରାଯାଇଥିଲା। ବର୍ଷକରେ ଏହି ଦିନ ପ୍ରେମାଚାର୍ଯ୍ୟ ମଧୁସୂଦନ ରାଧା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ବାତ୍ସଲ୍ୟ ଭଜନଗୁଡ଼ିକ ସେବିକା ସବିତା ଦାସ, ଶକୁନ୍ତଳା ଦାସ, ଅନୁ ମା', ବାସନ୍ତୀ ମା', ଶାନ୍ତି ମା' ପ୍ରମୁଖ ଗାନ କରିଥିଲେ। ପ୍ରତି ବର୍ଷ ପରି ଭଗବାନ ଶ୍ରୀକୃଷ୍ଣଙ୍କ ଏକୋଇଶା (ନାମକରଣ) ଉତ୍ସବ ଆସନ୍ତା ୪ ତରିଖରେ ଆଶ୍ରମରେ ପାଳନ କରାଯିବ ବୋଲି



ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ମହେଶ ସାହୁ, ନୀଳମଣି ସାହୁ, ପ୍ରଭାତ ଦୀକ୍ଷିତ୍, ବ୍ରଜବନ୍ଧୁ ସାହୁ, ଶକୁନ୍ତଳା ଦାଶ, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ। ଡ. ରତ୍ନାକର ମହାନ୍ତି ରାଧାଭାବ ଉପରେ ଆଲୋକପାତ କରିଥିଲେ।

## ପୋଖରୀରେ ବୁଡ଼ି ୩ ବର୍ଷର ଶିଶୁ ମୃତ

**ନିମାପଡ଼ା,୧।୯ (ସମିସ):** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାମନାଳ ପଞ୍ଚାୟତ ମାଳିସାହି ଗ୍ରାମର ତପନ ନାୟକଙ୍କ ୩ ବର୍ଷର ଶିଶୁକନ୍ୟାର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗ୍ରାମର ମହାଦେବଙ୍କ ମନ୍ଦିର ନିକଟରେ ଥିବା ପୋଖରୀ ତୁଠରେ ଝିଅର ଚପଲ ପଡ଼ିଥିବା ଦେଖି ପରିବାର ଲୋକମାନେ ପୋଖରୀରେ ଖୋଜାଖୋଜି କରିବା ପରେ ଝିଅକୁ ପାଇ ତୁରନ୍ତ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ନିମାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କଳ୍ପତରୁ ସାଂସ୍କୃତିକ ପରିଷଦର ସମ୍ବର୍ଦ୍ଧନା ଉତ୍ସବ



**ବଳଙ୍ଗା,୧।୯ (ସମିସ):** ବଳଙ୍ଗା ନିକଟସ୍ଥ ଭାଣପୁର କଳ୍ପତରୁ ସାଂସ୍କୃତିକ ପରିଷଦ ପକ୍ଷରୁ ଗଣେଶ ପୂଜା ଉପଲକ୍ଷେ ଏକ ସମ୍ବର୍ଦ୍ଧନା ଉତ୍ସବ ଓ ଭଜନ ସମାରୋହ କାର୍ଯ୍ୟକ୍ରମ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ରେଞ୍ଚ ସରପଞ୍ଚ ପ୍ରଶନ୍ନ ସ୍ୱାଇଁ, ନିମାପଡ଼ା କଲେଜ ଅଧ୍ୟାପକ ସୁବ୍ରତ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ମହାନ୍ତି, ଅଶ୍ୱନୀ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକ ସଂଘର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ଅତିଥିମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ୩୦ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଭଜନ ସମାରୋହକୁ ମୁଖ୍ୟ ଅତିଥି ଶ୍ରୀ ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରିଷଦର ସଦସ୍ୟ ସଂଗ୍ରାମ କିଶୋର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମ୍ପାଦକ ବଳରାମ ପରିଡ଼ାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବେସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ାଇ ହୀନସ୍ତା !

**ନୟାହାଟ,୧।୯ (ସମିସ):** ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସ ପାଉଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନରେ ବଢ଼ିବାରେ ଲାଗିଛି। ବେସରକାରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀ ନାମଲେଖା ସମୟରେ ଗାଁ ଗାଁ ବୁଲି ଅଭିଭାବକମାନଙ୍କୁ ମିଠାକଥା କହି ତମ ପିଲା ଭବିଷ୍ୟତରେ ଭଲ ମଣିଷ ହେବା ପ୍ରତିଶ୍ରୁତି ଦେଇ ସ୍କୁଲରେ ନାମଲେଖା ପାଇଁ ହଜାର ହଜାର ଟଙ୍କା ନେଇଥାନ୍ତି। ତା'ପରେ ଆରମ୍ଭ ହୁଏ ଶୋଷଣ। ପ୍ରତି ମାସରେ ଗାଡ଼ି ଭଡ଼ା, ଦରମା, ବହି, ଖାତା, କଲମ, ପେନ୍‌ସିଲ୍ ବାବଦରେ ପ୍ରଚୁର ଅର୍ଥ ନେଇଥା'ନ୍ତି। ପ୍ରତିମାସ ପହିଲାରେ ଅଭିଭାବକ ଦରମା ଦେଇ ନ ପାରିଲେ ଫାଇନ୍ ଲାଗୁ କରାଯାଏ। ନୟାହାଟ ଅଞ୍ଚଳରେ ଗରିବ ଶ୍ରେଣୀର ଲୋକ ସରକାରୀ ବିଦ୍ୟାଳୟରେ ମାଗଣା ପାଠପଢ଼ା ଛାଡ଼ି ବେସରକାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ପାଠପଢ଼ାଇ ହୀନସ୍ତା ହୋଇଥାନ୍ତି। ଜଣେ ଅଭିଭାବକ ନିଜ ନାମ ଗୋପନ ରଖି କହିଛନ୍ତି ଯେ ଦରମା ବାବଦରେ ଫାଇନ୍ ବହୁତ ବାଧୁଛି। ବେସରକାରୀ ଶିକ୍ଷାନୁଷ୍ଠାନରେ ଅଣତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅଳ୍ପ ଦରମାରେ କାମ କରୁଥିବାବେଳେ ଅନୁଷ୍ଠାନର ମୁଖିଆ ମାଲେମାଲ୍ ହେଉଥିବାବେଳେ ବେସରକାରୀ ଶିକ୍ଷାନୁଷ୍ଠାନକୁ କେତେକ ଅଭିଭାବକ ମୁହଁ ଫେରାଇ ସରକାରୀ ଶିକ୍ଷାନୁଷ୍ଠାନକୁ ଯିବାକୁ ଆଗ୍ରହ ପ୍ରକାଶ କଲେଣି।

## ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଯାପିତ



**ସାକ୍ଷୀଗୋପାଳ,୧।୯ (ସମିସ):** ଶ୍ରୀରାଧା ଜନ୍ମ ମହୋତ୍ସବ ପାଇଁ ସାକ୍ଷୀଗୋପାଳ ମନ୍ଦିର ଚଳଚଞ୍ଚଳ ହୋଇଛି। ସିଂହଦ୍ୱାର ଭଜନ ସମାରୋହ କମିଟି, ସାକ୍ଷୀଗୋପାଳ ପକ୍ଷରୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ତିନିଦିନିଆ ଶ୍ରୀରାଧା ଜନ୍ମ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ରୂପେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ରୂପେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସତ୍ୟବାଦୀ ଅଞ୍ଚଳର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ ରାଧାକୃଷ୍ଣ ପରସ୍ପର ଅଭିନ୍ନ ବୋଲି କହିବା ସହିତ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜରିଆରେ ଆଧ୍ୟାତ୍ମିକ ଅନୁଭବ ସୁଯୋଗ ଜୁଟିଥାଏ ବୋଲି କହିଥିଲେ। ପର୍ଯ୍ୟଟନ କ୍ଷେତ୍ର ସାକ୍ଷୀଗୋପାଳର ପର୍ଯ୍ୟଟନଭିତ୍ତିକ ଉନ୍ନୟନ ଏବଂ ଆକର୍ଷଣୀୟ କରିବା ସହିତ ତୀର୍ଥଯାତ୍ରୀଙ୍କ ନିମନ୍ତେ ମୌଳିକ ସୁବିଧାସୁଯୋଗ ଯୋଗାଇଦେବା ସମ୍ପାଦକୀୟ ବିବରଣୀ ପାଠ କରି ସମ୍ପାଦକ ଦିବାକର ମହାପାତ୍ର ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଂସ୍କୃତିକ ସନ୍ଧ୍ୟା ପ୍ରାରମ୍ଭରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଆୟୋଜିତ ଭଜନ ସମାରୋହରେ କଣ୍ଠଶିଳ୍ପୀ ନରେନ୍ଦ୍ର କୁମାର, ପୂଜା ଝା, ସ୍ମୃତି ମହାପାତ୍ର, ବିକ୍ରମ ଅଲୁବା, ଦେବସ୍ମିତା ହୋତା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ଜିତେନ ମହାପାତ୍ର, ଆଲୋକ ଖୁଣ୍ଟିଆ, ଅଦାଲତ ଖୁଣ୍ଟିଆ, ରବିନ୍ଦ୍ର ନାଥ ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଜନ ହୋତା ସଂଯୋଜନା କରିଥିଲେ।

## ବରଗଛ ତଳେ ଚାଲିଛି ଦମକଳ କେନ୍ଦ୍ର



**କଣାସ,୧।୯ (ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ରାସ୍ତାଘାଟର ସୁବିଧା ନ ଥିବାରୁ କଣାସ ବ୍ଲକ୍‌ର କୌଣସି ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ ପୁରୀ କିମ୍ବା ଜଟଣୀ, ଟାଙ୍ଗୀ, ଚାନ୍ଦପୁର ଦୀର୍ଘ ୪୦କିମି ଦୂରରୁ ଦମକଳ ଆସି ବହୁ ବିଳମ୍ବରେ ପହଞ୍ଚୁଥିବାରୁ କଣାସ ଅଞ୍ଚଳବାସୀ କଣାସଠାରେ ଦମକଳ କେନ୍ଦ୍ର ଖୋଲିବା ପାଇଁ ବାରମ୍ବାର ଦାବି କରିଥିଲେ। ୨୦୧୩ରେ କଣାସ ପଞ୍ଚାୟତ ସମିତି ନିକଟ ବରଗଛ ତଳେ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଖୋଲାଯାଇଥିଲା। ସ୍ଥାୟୀ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇ ଗୃହ ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ହେଲା ସରିଥିଲେ ମଧ୍ୟ ପାନୀୟଜଳର ବ୍ୟବସ୍ଥା ନ ଥିବାରୁ ୧୨ ବର୍ଷ ହେଲା ସେହି ବରଗଛ ତଳେ ଅସ୍ଥାୟୀ ଭାବେ ଦମକଳ କେନ୍ଦ୍ର ଚାଲିଛି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପାନୀୟଜଳ ଯୋଗାଇଦେବା ପାଇଁ ୨.୪.୨୦୨୪, ୨୧.୫.୨୦୨୪ ଓ ୨.୮.୨୦୨୫ରେ ତିନିଟି ପତ୍ର ପୁରୀ ଜିଲ୍ଲାପାଳ ଗ୍ରାମ୍ୟ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କଣାସ ଦମକଳ ବାହିନୀର ଅଧିକାରୀ ବାରମ୍ବାର ଦାବିପତ୍ର ଦେଇଥିଲେ ମଧ୍ୟ ସେଥିପ୍ରତି ଅଧିକାରୀମାନେ କର୍ଣ୍ଣପାତ କରୁନଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ଗ୍ରାମ୍ୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ମେଗା ପାଇପ୍ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି ଆଉ କିଛିଦିନ ପରେ ପାନୀୟଜଳ ଯୋଗାଇବା ସମ୍ଭବ ହେବ ବୋଲି କହିଛନ୍ତି।

## ଆରପାରିରେ ପିପିଲି କୋର୍ଟ ମୋହରିର



**ପିପିଲି,୧।୯ (ସମିସ):** ଆରପାରିରେ ପିପିଲି କୋର୍ଟର କାର୍ଯ୍ୟରତ ବରିଷ୍ଠ ମୋହରିର ପ୍ରଫୁଲ୍ଲ ବେହେରା। ଦୀର୍ଘ ୨୫ ବର୍ଷ ଧରି କାର୍ଯ୍ୟକରି ଆସୁଥିବାବେଳେ ସୋମବାର ଅସୁସ୍ଥ ଯୋଗୁଁ କୋର୍ଟକୁ ଆସିନଥିଲେ। ମଧ୍ୟାହ୍ନରେ ହଠାତ୍ ଓଲଟି ପଡ଼ିଯିବାରୁ ପରିବାର ଲୋକେ ପିପିଲି ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପିପିଲି କୋର୍ଟର ଆଇନଜୀବୀ, କର୍ମଚାରୀ ଏବଂ ମୋହରିରମାନେ ଶେଷ ଦର୍ଶନ କରିଥିଲେ।

## ବାଜା ରୋଷଣୀରେ ବିଦାୟନେଲେ ମା' ମଙ୍ଗଳା



**କୁଣ୍ଢେଇ,୧।୯ (ସମିସ):** ଓଡ଼ିଆ ଝିଅଙ୍କର ମୁଖ୍ୟ ପର୍ବ ହେଉଛି ଖୁଦୁରୁକୁଣୀ ପୂଜା। ଏହି ପୂଜା ଭାଦ୍ରବ ମାସର ପ୍ରଥମ ରବିବାରଠାରୁ ଆରମ୍ଭ ହୋଇ ଇନ୍ଦୁ ପୂର୍ଣ୍ଣିମାରେ ଶେଷ ହୁଏ। ଚଳିତ ବର୍ଷ ଇନ୍ଦ୍ର ପୂର୍ଣ୍ଣିମା ଚନ୍ଦ୍ରଗ୍ରହଣ ଥିବାରୁ ଏହା ପୂର୍ବ ପାଳିରେ ସୋମବାର ମା' ମଙ୍ଗଳାଙ୍କୁ ମେଲାଣି ଦେଲେ ପୂଜା କରୁଥିବା ଗାଁର ଝିଅମାନେ। ବାଜପୁର ଗ୍ରାମର ଚାରିଖଣ୍ଡି ପାଟଣା ବାଜପୁର, କୃଷ୍ଣନଗର ପାଟଣା, ରାଧାମାଧବ ପାଟଣା ଓ ଶ୍ୟାମରାୟ ପାଟଣାରେ ପୂଜିତ ହୋଇଥିବା ମଙ୍ଗଳାଙ୍କ ମୃଣ୍ମୟ ପ୍ରତିମା ବିସର୍ଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଁର ଝିଅ ଓ ମହିଳାମାନେ ମା'ଙ୍କୁ ବାଜା ରୋଷଣୀରେ ନେଇ ପୁଣ୍ୟତୋୟା ପ୍ରାଚୀ ନଦୀର କୁଣ୍ଢେଇ ହାଟ ଘାଟରେ ବିସର୍ଜନ କରିଥିଲେ।

## ସାର ଦୋକାନ ଓ ସେବା ସମବାୟ ସମିତିରେ କୃଷି ବିଭାଗର ଚଢ଼ଉ



**ପିପିଲି,୧।୯ (ସମିସ):** କୃଷି ଜିଲ୍ଲା ଅଧିକାରୀ ସାକ୍ଷୀଗୋପାଳଙ୍କ ନେତୃତ୍ୱରେ ଗଠିତ ଏକ ୪ଜଣିଆ ସ୍କ୍ୱାଡ୍ ଦ୍ୱାରା ପିପିଲି ବ୍ଲକ୍‌ର ୬ଟି ଲାଇସେନ୍ସପ୍ରାପ୍ତ ସାର ଦୋକାନ ଏବଂ ଏକ ପ୍ରାଥମିକ ସେବା ସମବାୟ ସମିତି ଉପରେ ଅତର୍କିତ ଚଢ଼ଉ କରାଯାଇଛି। ବଜାରରେ ୟୁରିଆ ସାରର ନିର୍ଦ୍ଧାରିତ ଦରଠାରୁ ଚଢ଼ା ଦରରେ ବିକ୍ରୟ, ସାରର ଅଭାବ ସମ୍ପର୍କରେ ଚାଷୀଙ୍କ ଅଭିଯୋଗ କ୍ରମେ ଏହି ସ୍କ୍ୱାଡ୍ ଚଢ଼ଉ କରି ନିୟମ ଉଲ୍ଲଂଘନ କରିଥିବା ୩ଜଣ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହିତ ନିର୍ଦ୍ଧାରିତ ଦରଠାରୁ ଅଧିକ ଦରରେ ସାର ବିକ୍ରୟ ନ କରିବା ପାଇଁ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ ଦେଇଥିଲେ। ଏହାକୁ ଅମାନ୍ୟ କରି ଚାଷୀମାନଙ୍କୁ ହଇରାଣ କଲେ ଲାଇସେନ୍ସ ରଦ୍ଦ କରିଦିଆଯିବ ବୋଲି ଜିଲ୍ଲା କୃଷି ଅଧିକାରୀ ଡ. ପରେଶ ପଣ୍ଡା ଚେତାବନୀ ଦେଇଛନ୍ତି। ଆହୁରି ମଧ୍ୟ ମାର୍କଫେଡ୍‌ର ଅଧିକାରୀ ଏବଂ ହୋଲ୍‌ସେଲର୍‌ମାନଙ୍କୁ ସୋସାଇଟି ତଥା ରିଟେଲ ସାର ବ୍ୟବସାୟୀଙ୍କୁ ସାର ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହକାରୀ କୃଷି ଅଧିକାରୀ ସସ୍ମିତା ମହାନ୍ତି ରୁଆ ଧାନରେ ମୂଳସାର ପ୍ରୟୋଗ କରି ନ ଥିବା ଏବଂ ବୁଣା ଧାନ କରିଥିବା ଚାଷୀମାନଙ୍କୁ କେବଳ ୟୁରିଆ ଉପରେ ନିର୍ଭରଶୀଳ ନ ହୋଇ ମିଶ୍ରିତ (କମ୍ପ୍ଲେକ୍ସ) ସାର ପ୍ରୟୋଗ ଉପରେ ଗୁରୁତ୍ୱ ଦେବା ପାଇଁ ଅନୁରୋଧ କରିଛନ୍ତି। ଯୋଜନା ଅଧିକାରୀ ସାକ୍ଷୀଗୋପାଳ ବିକାଶ ବିହାରୀ ପୃଷ୍ଟି ଏବଂ ମଣ୍ଡଳ ବୈଷୟିକ ପରିଚାଳକ ଉମାକାନ୍ତ ଦଳାଇ ମଧ୍ୟ ଏହି ଚଢ଼ଉରେ ସାମିଲ ହୋଇଥିଲେ।

# କୁଶଭଦ୍ରା ବଞ୍ଚାଅ ଅଭିଯାନ

## ଲୁପ୍ତପ୍ରାୟ କୁଶଭଦ୍ରା କେବେ ଫେରିପାଇବ ତା'ର ହୃତ ଗୌରବ ?




**ନିମାପଡ଼ା,୧।୯ (ସମିସ):** ସ୍ଥାନୀୟ ଶ୍ରୀରାମ ମଣ୍ଡପ ପରିସରରେ କୁଶଭଦ୍ରା କାନ୍ଦୁଛି ପରିବାର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ଐତିହାସିକ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତାଭାବେ ନିମାପଡ଼ା କଲେଜ ଭୂତତ୍ତ୍ୱ ବିଭାଗର ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ଶରତ କୁମାର ସେନାପତି, ନିଗମାନନ୍ଦ ସାହୁ, ଭାଗୀରଥି ଓଝା, ଚନ୍ଦ୍ରକାନ୍ତ ବରାଳଙ୍କ ସମେତ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବର୍ତ୍ତମାନ କୁଶଭଦ୍ରା ନଦୀ ଶୁଖିଲା ପଡ଼ିଛି। ଏହାର ପୁନଃଉଦ୍ଧାର ପାଇଁ ଚିନ୍ତାପ୍ରକଟ କରିଛନ୍ତି ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଓ ଅନେକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା। ଭୁବନେଶ୍ୱର କୁଆଖାଇ ନଦୀରୁ ବାହାରିଥିବା କୁଶଭଦ୍ରା ନଦୀଟି ବର୍ତ୍ତମାନ ଶୁଖିଲା ପଡ଼ିଛି। ଏହି ନଦୀ ପାର୍ଶ୍ୱ ଅଞ୍ଚଳରେ ଥିବା ୫ଟି ବ୍ଲକ୍‌ର ହଜାର ହଜାର ଜନସାଧାରଣ ଏହା ଉପରେ ନିର୍ଭର କରିଥାନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ ସମୟରେ ଏହି ନଦୀଜଳରେ ପଥର ସବୁ ବୁହାହୋଇ ସେଠାକୁ ଯାଉଥିଲା। ବର୍ତ୍ତମାନ ନଦୀର ଗର୍ଭାଶୟ ପୋତି ହୋଇଯିବା ଫଳରେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ନଦୀଟି ଶୁଖିଲା ପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରି ଚାଷବାସ କରୁଥିବା ହଜାର ହଜାର ଚାଷୀ ଏବେ ଏକପ୍ରକାର ଚିନ୍ତାରେ ପଡ଼ିଯାଇଛି। ନଦୀଟି ପୋତି ହୋଇ ଯିବା ଫଳରେ ଉପର ମୁଣ୍ଡରୁ ପାଣି ଆସିବାରେ ବାଧା ଉପୁଜୁଛି, ବର୍ତ୍ତମାନ ଏହାର ପୁନଃଉଦ୍ଧାର ଆବଶ୍ୟକ ପଡୁଛି ବୋଲି ମୁଖ୍ୟବକ୍ତା ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ନଦୀର ପୁନଃଉଦ୍ଧାର, ମୁହାଣ ଖନନ, ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି କୁଶଭଦ୍ରା କାନ୍ଦୁଛି ପରିବାର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ଜନସାଧାରଣ।

# ଶ୍ରୀକ୍ଷେତ୍ର ସିଟି

୧/୯/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୪୪,୧୯୪/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୩୦.୪୦୦ ଗ୍ରାମ୍





## ଶ୍ରୀମନ୍ଦିର ପରିସରରେ ଖୋଲିଲା ସ୍ତନ୍ୟପାନ ଗୃହ

ପୁରୀ,୧।୯ (ସମିସ): ଶ୍ରୀମନ୍ଦିର ପରିସରରେ ହୋଇଛି ଶିଶୁ ତଥା ମା'ମାନଙ୍କ ସକାଶେ ମାତୃ ଶିଶୁ ସ୍ତନ୍ୟପାନ ଗୃହ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ମନ୍ଦିର ଭିତରେ ଶାଖା କାର୍ଯ୍ୟାଳୟ ତଳେ ଶୀତତାପ ନିୟନ୍ତ୍ରିତ ଏକ ଗୃହରେ ଏକକାଳୀନ ୪ଜଣ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ସେପଟେ ଏଥିରେ ଦୁଇ ଜଣ ଲେଖାଏଁ ମହିଳା ଜେଟିପିଙ୍କୁ ନିୟୋଜିତ କରାଯାଇଛି। ଶ୍ରୀମନ୍ଦିରକୁ ପ୍ରତିଦିନ ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଆସୁଥିବାବେଳେ ଅନେକ ମା' ନିଜ ଛୋଟ ଶିଶୁଙ୍କୁ ନେଇ ଆସିଥା'ନ୍ତି। ବିଶେଷକରି ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁ ଏବଂ ମା'ମାନଙ୍କ ଆବଶ୍ୟକତାକୁ ନଜରରେ ରଖି ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା ହୋଇଥିବାବେଳେ ସୋମବାରଠାରୁ ଏହା କାର୍ଯ୍ୟକ୍ଷମ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଉଭୟ ଭକ୍ତ ଓ ସେବାୟତ ସ୍ୱାଗତ କରିଛନ୍ତି। ଏହା ବ୍ୟତୀତ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ମଧ୍ୟ ସ୍ତନ୍ୟପାନ କକ୍ଷର ଆବଶ୍ୟକତା ରହିଛି। ଅନ୍ୟପଟେ ଏହି ସ୍ତନ୍ୟପାନ କକ୍ଷରେ ମେଡିକାଲ ଟିମ୍ ମଧ୍ୟ ମୁତୟନ ହୋଇଥିବା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ କହିଛନ୍ତି।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ପୁରୀ,୧।୯ (ସମିସ): ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ୍ ୧୨୨ଟି ଅଭିଯୋଗ ମିଳିଥିଲା। ସେଥିରୁ ୯୪ଟି ବ୍ୟକ୍ତିଗତ, ୨୦ଟି ଗ୍ରାମ ସମ୍ବନ୍ଧୀୟ ଓ ୮ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ୍ ୧୬ଟିର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇଥିଲା। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆସନ୍ତା ୮ ତାରିଖରେ ପିପିଲି ବ୍ଲକ୍ ସମ୍ମିଳନୀ କକ୍ଷରେ, ୧୫ରେ ଡେଲାଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ଓ ୨୨ ତାରିଖରେ ଗୋପ ବ୍ଲକ୍ ସମ୍ମିଳନୀ କକ୍ଷରେ ଦିନ ୧୦ଟା ସମୟରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

## ବୃଦ୍ଧାଶ୍ରମର ପ୍ରଥମ ମହଲା ଗୃହ ପ୍ରବେଶ ଉତ୍ସବ

ପୁରୀ,୧।୯ (ସମିସ): ପୁରୀର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ପକ୍ଷରୁ ପରିଚାଳିତ ବୃଦ୍ଧାଶ୍ରମ ପ୍ରଥମ ମହଲା ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ୨୦୨୦ ଫେବୃଆରୀ ୯ରେ ଏକ ଭଡ଼ା ଘରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଆଜି ଏକ ଦ୍ରୁମରେ ପରିଣତ ହୋଇଛି। ଅନୁଷ୍ଠାନରେ ପ୍ରତ୍ୟେକ ସଦସ୍ୟ ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ୨୦୨୪ ଜାନୁଆରୀ ୧୩ରେ ପୁରୀ ସଦର ବେଲଦଳଠାରେ ଅନୁଷ୍ଠାନର ନିଜସ୍ୱ କୋଠାରେ ବୃଦ୍ଧାଶ୍ରମ ଆରମ୍ଭ ହୋଇଥିଲା। ଭାଦ୍ରବ ଶୁକ୍ଳ ଅଷ୍ଟମୀରେ ବୃଦ୍ଧାଶ୍ରମ ପ୍ରଥମ ମହଲା ଗୃହ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ବୃଦ୍ଧାଶ୍ରମରେ ବର୍ତ୍ତମାନ ୨୭ ଜଣ ବାପା-ମାଆ ରହୁଥିବାବେଳେ ପ୍ରଥମ ମହଲା ପରେ ଆହୁରି ୧୫ ଜଣ ବୃଦ୍ଧ ବାପା-ମାଆ ରହିପାରିବେ।

# ମଙ୍ଗଳା ପୀଠ ଓ ଦେଉଳି ମଠକୁ ରଥ ଚକ ଦିଆଯାଉ

ପୁରୀ,୧।୯ (ସମିସ): ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠ ଓ ଦେଉଳି ମଠକୁ ଗୋଟିଏ ଲେଖାଏଁ 'ରଥଚକ' ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଦାବି କରି ଆସୁଛନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁଙ୍କ ସମେତ ଚତୁର୍ଦ୍ଧାମୂର୍ତ୍ତିଙ୍କର ନବକଳେବର ସମୟରେ ଦାରୁସନ୍ଧାନରେ ଦଇତାପତିମାନେ ଶ୍ରୀକ୍ଷେତ୍ରରୁ ଯାତ୍ରା ଆରମ୍ଭ କରିଥା'ନ୍ତି କାକଟପୁର ମା' ମଙ୍ଗଳାଙ୍କ ପୀଠକୁ। ଏହି ଦଇତାପତିମାନଙ୍କ ସଦଳବଳେ ପ୍ରଥମେ ମା'ଙ୍କ ପାଖରେ ପୂଜାର୍ଚ୍ଚନା କରି ପରବର୍ତ୍ତି ସମୟରେ ଦେଉଳି ମଠରେ ରାତ୍ରିଯାପନ କରିବା ସହ ମା'ଙ୍କ ନିକଟରେ ଅଧିଆ ପଡ଼ିଥା'ନ୍ତି। ତାଙ୍କଠାରୁ ସ୍ୱପ୍ନାଦେଶ ପରେ ଦାରୁ ସନ୍ଧାନ ହୋଇଥାଏ। ଏହି ପ୍ରସ୍ତୁତି କାଳରେ ସେମାନେ ଆଦ୍ୟ ଲିଳା କ୍ଷେତ୍ର ରୂପେ ପରିଚିତ ମଙ୍ଗଳା ମନ୍ଦିର ନିକଟ ଦେଉଳି ମଠରେ ଅବସ୍ଥାନ କରିବାର ପରମ୍ପରା ଅଛି। ସ୍ୱପ୍ନାଦେଶ ନ ହେବା ପର୍ଯ୍ୟନ୍ତ ଅନୁସନ୍ଧାନକାରୀ ଦଳ ଏହି ମଠରେ ଶିବିର ସ୍ଥାପନ କରି ରହିଥାଆନ୍ତି। ମା'ଙ୍କ ସ୍ୱପ୍ନାଦେଶ ପ୍ରାପ୍ତି ପରେ ସେମାନେ ନିର୍ଦ୍ଦେଶିତ ମାର୍ଗରେ ଯାତ୍ରାକରି ଦାରୁ ପ୍ରାପ୍ତି ପରେ ଯଥାରୀତି ପାଳନ ପୂର୍ବକ ଶ୍ରୀକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ସେଥିପାଇଁ ମଙ୍ଗଳା ପୀଠ ଓ ଦେଉଳି ମଠକୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଲୀଳା କ୍ଷେତ୍ର ବୋଲି କୁହାଯାଏ। ୧୯୬୯ରେ ଦେଉଳି ମଠ ପରିସରରୁ ସୁଦର୍ଶନଙ୍କ ଦାରୁ ଏବଂ ୧୯୯୨ରେ ନବକଳେବର ସମୟରେ ଅସ୍ତରଙ୍ଗ ନିକଟସ୍ଥ ମାଳଦା ଗ୍ରାମରୁ ମା' ସୁଭଦ୍ରାଙ୍କ ଦାରୁ ମିଳିଥିଲା। ମାତ୍ର ଏଯାବତ୍ ଏହି ପୀଠମାନଙ୍କରେ ଶ୍ରୀଜୀଉଙ୍କର ସ୍ମାରକୀ ସ୍ୱରୂପ 'ରଥଚକ' ରଖାଯାଇପାରି ନାହିଁ। ତେଣୁ ଏହି ପୀଠକୁ ମହାପ୍ରଭୁଙ୍କ ରଥଚକ ପ୍ରଦାନ କରିବାକୁ ସୋମବାର କେତେକ ପ୍ରତିନିଧିମଣ୍ଡଳୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।



ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ଗୋଟିଏ ରଥ ଚକ, ଦେଉଳି ମଠ ପରିସରରେ ତିନିଟି ରଥଚକ ଓ ମାଳଦା ଗ୍ରାମରୁ ଦାରୁ ପ୍ରାପ୍ତି ପରେ ତା'ର ସ୍ମାରକୀ ସ୍ୱରୂପ ଏକ ସୁଭଦ୍ରା ମନ୍ଦିର ନିର୍ମାଣ ସରିଛି। ସେହି ମନ୍ଦିର ପ୍ରାଙ୍ଗଣରେ ଏକ ରଥ ଚକ ସ୍ଥାପନ କରିବାର ବ୍ୟବସ୍ଥା କରାଗଲେ ଏହି ସ୍ଥାନମାନଙ୍କର ସମ୍ପତ୍ତିର ଯଥାର୍ଥତା ବଜାୟ ରହିବା ସଙ୍ଗେ ସଙ୍ଗେ ପୀଠମାନଙ୍କର ମହିମା ପ୍ରଚାରପ୍ରସାର ହୋଇପାରିବ। ତେଣୁ ମହାପ୍ରଭୁଙ୍କ ବିଶ୍ୱାବାସୁ ସେବକ ବିନାୟକ ଦାଶମହାପାତ୍ରଙ୍କ ସହ କାକଟପୁର-ଅସ୍ତରଙ୍ଗ ଅଞ୍ଚଳବାସୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନଧି ତଥା ପୂର୍ବତନ ବିଧାୟକ ରବି ମଲ୍ଲିକ, ଅସ୍ତରଙ୍ଗ ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ସମାଜସେବୀ ପ୍ରତାପ ପରିଡ଼ା, ଅଶୋକ ପଡ଼ିଆରୀ, ଦେଉଳି ମଠ ସେବାୟତ ମିଚୁ ରଞ୍ଜନ ଦୀକ୍ଷିତ, ସାମ୍ବାଦିକ ନିରଞ୍ଜନ ଦାସ, ଦୁଃଶାସନ ନାୟକ, ପ୍ରସାର ଖୁଣ୍ଟିଆ, ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, ଲୋକନାଥ ସ୍ୱାଇଁ, ଆର୍ଯ୍ୟ ବିଶ୍ୱାଳ, ସମୀର ବେହେରା, ଆର୍ତ୍ତତ୍ରାଣ ମହାନ୍ତି, ସମୀର କର, ଆଦିତ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାକଟପୁର-ଅସ୍ତରଙ୍ଗର ପ୍ରମୁଖ ଦାରୁକ୍ଷେତ୍ରଗୁଡ଼ିକୁ ରଥ ଚକ ପ୍ରଦାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି।

## ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ସାରସ୍ୱତ ସମାରୋହ

ପୁରୀ,୧।୯ (ସମିସ): ପୂଜ୍ୟପୂଜାର ଅନ୍ୟତମ ଅଗ୍ରଣୀ ଓ ପ୍ରାଚୀନ ସାରସ୍ୱତ ସଂଗଠନ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ଉତ୍ସବ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ, ରାଜ୍ୟସ୍ତରୀୟ କବି ଲେଖକ



ସମ୍ମେଳନ, ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ଓ ବିବିଧ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହ ଗତ ରବିବାର ପବିତ୍ର ରାଧାଷ୍ଟମୀ ତିଥିରେ ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଓ ଅନ୍ୟାନ୍ୟ ଗ୍ରନ୍ଥ ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ଗ୍ରନ୍ଥ। ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଗ୍ରାମ, ସାଧନା ପୀଠ ବଡ଼ ଓଡ଼ିଆ ମଠ ଓ ସମାଧି ପୀଠ ସାତଲହଡ଼ି ମଠ, ଓଡ଼ିଆ ଜାତି ପାଇଁ ମହାନ ପୁଣ୍ୟସ୍ଥଳ। ଏ ସବୁର ଯଥାର୍ଥ ବିକାଶ ଏପର୍ଯ୍ୟନ୍ତ ମଧ୍ୟ ହୋଇପାରି ନାହିଁ। ଏଥିପାଇଁ ସରକାର ଅବହେଳା ନ କରି ଏସବୁ ପୀଠର ସର୍ବାଙ୍ଗୀଣ ବିକାଶ ପାଇଁ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଦେବା ନିହାତି ଜରୁରୀ। ଓଡ଼ିଆ ସାହିତ୍ୟର ବିକାଶ ଅତିବଡ଼ୀ ସ୍ମୃତିରକ୍ଷା ଦିଗରେ ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ଭୂମିକା ଅଭିନନ୍ଦନୀୟ ବୋଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

ଓଡ଼ିଆ ସାହିତ୍ୟ ଏକାଡେମୀର ସହଭାଗିତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହର ପ୍ରଥମ ଅଧିବେଶନ କବିତାପାଠ ଓ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ ବରିଷ୍ଠ ସାହିତ୍ୟିକ ବିଜୟଲକ୍ଷ୍ମୀ ଦାଶ (ମିଶ୍ର)। ଦ୍ୱିତୀୟ ଅଧିବେଶନ ତଥା ସମ୍ମାନ ପ୍ରଦାନ ସମାରୋହରେ ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଉଦ୍‌ଘାଟକ, ଅବସରପ୍ରାପ୍ତ ପ୍ରଶାସକ ଅମରନାଥ ମିଶ୍ର, ଶ୍ରୀମନ୍ଦିର ସେବାୟତ ଭଗବାନ ସୁଆର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର "ଦକ୍ଷଣା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ, ଡ. ଭଗବାନ ଜୟସିଂହ, ସୁରମା ବଳିୟାରସିଂହ, ସନ୍ତୋଷ କୁମାରୀ ସେଠୀ (ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ), ଡ. ସୁରେନ୍ଦ୍ର ପ୍ରସାଦ ମହାନ୍ତି, ବିଚିତ୍ରାନନ୍ଦ ପଣ୍ଡା, ତ୍ରିଲୋଚନ ଦାସ, କୃଷ୍ଣ ଚନ୍ଦ୍ର ରଥ, ରୋଜାଲିନ ପଣ୍ଡା ପ୍ରମୁଖଙ୍କୁ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ପଞ୍ଚମ

ପୁରୀ,୧।୯ (ସମିସ): ସ୍ୱାସ୍ଥ୍ୟପକ୍ଷେ ନଡ଼ିଆର ଉପକାରିତା ଓ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନଡ଼ିଆ ଦିବସ ପାଳନ କରାଯାଏ। ନଡ଼ିଆରେ ଅନେକ ପ୍ରକାର ପୋଷକତତ୍ତ୍ୱ ରହିଛି; ଯାହା ଆମ ଶରୀର ପାଇଁ ନିତାନ୍ତ ଆବଶ୍ୟକ। ପ୍ରକାଶ ଥାଉକି, ନଡ଼ିଆ ଉତ୍ପାଦନରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଜଳରୁ ଜାଳ ପର୍ଯ୍ୟନ୍ତ ଏହା ସଭିଙ୍କ କଲ୍ୟାଣରେ ଲାଗିଥାଏ। ଏହି ସୁବର୍ଣ୍ଣ ଫଳର ପାଣି ପରି ଏହାର ରସ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଲୌରିକ ଏସିଡ୍ ଆମ ଶରୀରକୁ ଜୀବାଣୁ, କୀଟାଣୁ ଓ କବକ ଦ୍ୱାରା ହେଉଥିବା ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ପରିବାର, ପୁରୀ ପକ୍ଷରୁ ସୋମବାର ଏକ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତୋଟାସାହି ନିବାସୀ ଗଙ୍ଗା ବେହେରା(୬୦)ଙ୍କୁ ଦୀର୍ଘ ବର୍ଷ ହେଲା ପଇଡ଼ ବିକ୍ରି କରି ପରିବାର ପ୍ରତିପୋଷଣ କରି ଆସୁଥିବା ଯୋଗୁଁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକଳ୍ପ ଫାଉଣ୍ଡେସନ ଟ୍ରଷ୍ଟ ପରିବାର ଦ୍ୱାରା ପରିଚାଳିତ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କ ପାଇଁ ପଇଡ଼ ପାଣିର ବ୍ୟବସ୍ଥା କରାଯାଇଥିଲା। ଅନୁଷ୍ଠାନର ରସା ସୁଷମା ସାହୁ, ହିତବ୍ରତ ବାହିନୀପତି, ରାକେଶ ଦାସ, ଯୋଗେନ୍ଦ୍ର ସାହୁ, ପୂର୍ଣ୍ଣିମା ରଥ, ବାସନ୍ତୀ ସାହୁ, ସୁଷମା ବେହେରା, ଗାୟତ୍ରୀ ବିଶ୍ୱକର୍ମା, ହରଷ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

ପୁରୀ,୧।୯ (ସମିସ): ପୁରୀରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇଥିଲା। ଆଗକୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଲାଗି ସଫଳ ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ସହିତ ଆଗାମୀ ଦିନରେ ବୈଠକ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ନେଇ ଓସିଏ ସମ୍ପାଦକ ମତବ୍ୟକ୍ତ କରିଥିଲେ। ସେହିପରି ଓସିଏର ସାଧାରଣ ନିର୍ବାଚନ ବିଳମ୍ବରେ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ଟି-୨୦ ମ୍ୟାଚ୍‌ର ସଫଳ ଆୟୋଜନ ନେଇ ସାଧାରଣ ନିର୍ବାଚନକୁ ଘୁଞ୍ଚାଯାଇଥିବା ବୈଠକରେ ପାରିତ ହୋଇଥିଲା। ସେହିପରି ବାରବାଟୀ ଷ୍ଟାଡିୟମ୍ ପରିସରରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ନେଇ ବୈଠକରେ ଆଲୋଚନା କରାଯାଇଥିବା ବେଳେ ଛୋଟ ଛୋଟ ପିଲାମାନଙ୍କୁ କ୍ରିକେଟ ଖେଳ ପ୍ରତି ଆକର୍ଷିତ କରିବା ଲକ୍ଷ୍ୟରେ ଏହି ସେଣ୍ଟର ମାଧ୍ୟମରେ କାର୍ଯ୍ୟକ୍ଷମ କରାଯିବା ନେଇ ଆଲୋଚନା ହୋଇଥିଲା। କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ନାମରେ ସେଣ୍ଟରର ନାମକରଣ କରାଯିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଆସନ୍ତା ସେପ୍ଟେମ୍ବର ୧୫ ତାରିଖଠାରୁ ଓଡ଼ିଶାରେ ଓଡ଼ିଶା କ୍ରିକେଟ ଲିଗ୍ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ସଫଳ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ସଞ୍ଜୟ ରାଉଳ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଓସିଏ ସଦସ୍ୟମାନେ ଯୋଗଦେଇଥିଲେ।

## ଶ୍ରୀମନ୍ଦିରକୁ ନେଇ ମାଳ ମାଳ ଫେକ୍ ୱେବ୍‌ସାଇଟ୍

# ନକଲି ୱେବ୍‌ସାଇଟ୍ ପ୍ରତି ସତର୍କ ରହିବାକୁ ପୁଲିସର ପରାମର୍ଶ

ପୁରୀ,୧।୯ (ସମିସ): ଶ୍ରୀମନ୍ଦିରକୁ ନେଇ ମାଳ ମାଳ ୱେବ୍‌ସାଇଟ୍‌ରେ ରହିଛି ଫେକ୍ ତଥ୍ୟ। ଏଥିରେ ଟଙ୍କା ଦେଇ ଭିଆଇପି ଦର୍ଶନ ବାବଦରେ ରହିଛି ଫେକ୍ ସୂଚନା। ଏ ନେଇ ଭକ୍ତମାନେ ସଚେତନ ହେବା ଆବଶ୍ୟକତା ରହିଛି। ଗତ ୩୦ ତାରିଖରେ ଚଙ୍କହବକ୍ସ୍ତବକ୍ସସଗ୍ସରଙ୍ଖବ.ମକ୍ଟଙ୍କ ନାମକ ଏକ ନକଲି ୱେବ୍‌ସାଇଟ୍ ପୁରୀ ପୁଲିସର ନଜରକୁ ଆସିଥିଲା। ଯାହା ଶ୍ରୀଜଗନ୍ନାଥ ମନ୍ଦିରରେ "ବିଶେଷ ପୂଜା ସେବା' ପ୍ରଦାନ କରୁଥିଲା। ପୁଲିସ ରିପୋର୍ଟ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ବର୍ତ୍ତମାନ ଏହି ମାମଲା ତଦନ୍ତାଧୀନ ଅଛି। ସେହିପରି ରବିବାର ଇଣ୍ଡିଆ ଥ୍ରୀଲ୍‌ସ ଓ ଜଗନ୍ନାଥ ପୁରୀ ଦର୍ଶନ ନାମକ ଆଉ ଏକ ନକଲି ୱେବ୍‌ସାଇଟ୍ ଚିହ୍ନଟ ହୋଇଥିଲା, ଯାହା "ବିଶେଷ ଦର୍ଶନ' ସେବା ପ୍ରଦାନ କରୁଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଭିଯୋଗ ଆଧାରରେ ସାଇବର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ସମୟୋଚିତ ହସ୍ତକ୍ଷେପ ସହିତ ଉକ୍ତ ୱେବ୍‌ସାଇଟ୍‌କୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରାଯାଇଛି। ପୁରୀ ପୁଲିସ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଏପରି ନକଲି ୱେବ୍‌ସାଇଟ୍ ପ୍ରତି ସତର୍କ ରହିବାକୁ ଅନୁରୋଧ କରାଯାଇଛି। ମନ୍ଦିର ସମ୍ବନ୍ଧୀୟ ସୂଚନା ପାଇଁ ସମସ୍ତଙ୍କୁ କେବଳ ସରକାରୀ ଏବଂ ଶ୍ରୀମନ୍ଦିର ପ୍ରଶାସନ ସାଇଟ୍ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ସାଇବର ଠକେଇର ସନ୍ଦେହ ହେଲେ, ତୁରନ୍ତ ସାଇବର ଥାନା ସହିତ ୮୨୮୦୪୯୧୩୦୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ପୁରୀ ଜିଲ୍ଲାରେ ପର୍ଯ୍ୟଟନ ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ ୧୧୨ କିମ୍ବା ପର୍ଯ୍ୟଟନ ହେଲ୍ପଲାଇନ୍ ୬୩୭୦୯୬୭୧୦୦କୁ ଡାଏଲ୍ କରିବାକୁ ପୁରୀ ପୁଲିସ ପକ୍ଷରୁ କୁହାଯାଇଛି। ସେପଟେ ସମସ୍ତ ହୋଟେଲ ମାଲିକ ଏବଂ ସେବା ପ୍ରଦାନକାରୀଙ୍କୁ ସତର୍କ ରହିବାକୁ ଓ ନିୟମିତ ଭାବରେ ଯାଞ୍ଚ କରିବାକୁ କୁହାଯାଇଛି। ଭକ୍ତ ଓ ପର୍ଯ୍ୟଟକଙ୍କୁ ଠକାମିରୁ ରକ୍ଷା ପାଇବା ପାଇଁ ତୁରନ୍ତ ସାଇବର ଥାନାର ସହାୟତା ନେବାକୁ କୁହାଯାଇଛି। ଭକ୍ତ ଓ ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ପୁରୀ ପୁଲିସର ସର୍ବୋଚ୍ଚ ପ୍ରାଥମିକତା। ପ୍ରଭୁ ଜଗନ୍ନାଥ ଏବଂ ଶ୍ରୀମନ୍ଦିର ନାମରେ ଭକ୍ତମାନଙ୍କୁ ଠକିବାକୁ ଚେଷ୍ଟା କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଅଗଷ୍ଟ ମାସ ପର୍ଯ୍ୟନ୍ତ ୪୦୮ଟି ଅନ୍‌ଲାଇନ୍ ଟଙ୍କା ଠକେଇ ଅଭିଯୋଗ ହୋଇଥିବାବେଳେ ୩୧୯୦ଟି ବ୍ୟାଙ୍କ ଆକାଉଣ୍ଟକୁ ରଦ୍ଦ କରାଯାଇଛି। ୧୨୫ ଫେକ୍ ୱେବ୍‌ସାଇଟ୍‌କୁ ଅଚଳ କରାଯାଇଥିବାବେଳେ ୬୬ଟି ସୋସିଆଲ୍ ମିଡିଆ ଆକାଉଣ୍ଟ ଅବରୋଧ କରାଯିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ସଞ୍ଜୟ ମିଶ୍ରଙ୍କୁ 'ଯୋଗ ଶ୍ରୀ' ସମ୍ମାନ

ପୁରୀ,୧।୯ (ସମିସ): ଗତ ୨୯ ତାରିଖରେ ଝାଡ଼େଶ୍ୱରୀ କ୍ଲବ୍ ଓ ଶ୍ରୀମା ଯୋଗ ମନ୍ଦିର ଏବଂ ହେଲ୍‌ଥ ପଏଣ୍ଟର ମିଳିତ ସହଯୋଗରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏକ ରାଜ୍ୟସ୍ତରୀୟ ସଙ୍ଗୀତ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଝାଡ଼େଶ୍ୱରୀ କ୍ଲବ୍‌ର



ବରିଷ୍ଠ ଜିମ୍ନାଷ୍ଟିକ୍ସ, ଯୋଗାସନ ଏବଂ ମାଲ୍‌ଖମ୍ବ ପ୍ରଶିକ୍ଷକ ସଞ୍ଜୟ ମିଶ୍ରଙ୍କୁ ତାଙ୍କର କର୍ତ୍ତବ୍ୟନିଷ୍ଠ ଏବଂ କଠିନ ପରିଶ୍ରମର ଫଳସ୍ୱରୂପ 'ଯୋଗ ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଛି। କିଛିଦିନ ପୂର୍ବେ ଲଜପତ୍ ଭବନ ନୂଆଦିଲ୍ଲୀଠାରେ ସେ 'ଆଦିଯୋଗୀ ଯୋଗ ଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ।

## ଶ୍ରୀକ୍ଷେତ୍ରର ସାହିତ୍ୟିକ ଦମ୍ପତି ସମ୍ମାନିତ

ପୁରୀ,୧।୯ (ସମିସ)

ସମ୍ପ୍ରତି ଭଦ୍ରକର ମାଖଲପୁରଠାରେ ଅନୁଷ୍ଠିତ ଦିବଂଗତ ସମାଜସେବୀ ମାୟାଧର ପାଢ଼ୀଙ୍କ ଦଶମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅବସରରେ ଓଡ଼ିଆ ସାହିତ୍ୟକୁ ସାମଗ୍ରିକ ଅବଦାନ ନିମନ୍ତେ ଶ୍ରୀକ୍ଷେତ୍ରର ବିଶିଷ୍ଟ ସାହିତ୍ୟିକ ଦମ୍ପତି ମାନସ ରଞ୍ଜନ ମହାପାତ୍ର ଓ ଶୈଳବାଳା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଲୋକନାଥ ପାଠାଗାରକୁ ମଧ୍ୟ ସେମାନେ ପଠନ ପ୍ରବୃତ୍ତିର ବିକାଶ ପାଇଁ ପୁସ୍ତକ ପ୍ରଦାନ କରିଥିଲେ। ଶିକ୍ଷା ଓ ସଂସ୍କୃତିର ବିକାଶ ପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଏହି ଦମ୍ପତି ଗତ ଅର୍ଦ୍ଧଶତାବ୍ଦୀ ଧରି କାର୍ଯ୍ୟରତ।

### ସାତଲହଡ଼ି ମଠରେ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ

# 'ଭାଗବତ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ'

ପୁରୀ,୧।୯ (ସମିସ): ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ଓଡ଼ିଆ ଭାଗବତ ଓଡ଼ିଆ ଅସ୍ମିତାର ପ୍ରତୀକ। ଏହା ଯୁଗ ଯୁଗକୁ ଆମ ସଂସ୍କୃତିର ରକ୍ଷା କବଚ ପାଲଟିଥିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୋମବାର ପୁରୀ ସାତଲହଡ଼ି ମଠଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମ ଭାବନା କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶୁକଦେବ ମହାନ୍ତି



ଭାଗବତ ସମର୍ପଣ ଓ ଭକ୍ତିର ସୂତ୍ର ବୋଲି କହିଥିଲେ। ଏହାକୁ ଏତେ ସରଳତାରେ, ଭାବରେ ଓ ସାବଲୀଳ ଭାଷାରେ ଅତିବଡ଼ୀ ଜଗନ୍ନାଥ ଦାସ ରଚନା କରିଛନ୍ତି ଯେ ଅତି ସାଧାରଣ ଲୋକଟିଏ ମଧ୍ୟ ଏହାକୁ ପଢ଼ି, ଶୁଣି, ବୁଝି ପ୍ରଭାବିତ ହୋଇପାରୁଛନ୍ତି। ଯୁଗ ଯୁଗ ପାଇଁ ଏହା ସମଗ୍ର ମାନବ ଜାତିକୁ ପ୍ରେରଣା ଦେଇ ଚାଲିଥିବ ବୋଲି ସେ କହିଥିଲେ। ଆଲୋଚକ ଭାବେ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ନିର୍ମଳା ଫତେସିଂହ, ପଣ୍ଡିତ ବିପିନ ବିହାରୀ ମିଶ୍ର, ଭାଷ୍ୟକାର ବଦ୍ରି ମିଶ୍ର ପ୍ରମୁଖ ଯୋଗଦେଇ ଭାଗବତର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆମ ଜୀବନ ଚର୍ଯ୍ୟାରେ ଭାଗବତର ଭୂମିକା ସମ୍ପର୍କରେ ଆଲୋଚନା କରିବା ସହ ଜନ୍ମ ପୂର୍ବରୁ ମୃତ୍ୟୁ ପରେ ମଧ୍ୟ ଭାଗବତର ପ୍ରାସଙ୍ଗିକତା ରହିଛି ବୋଲି ସେମାନେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଓ ଭାଗବତ ଚିରକାଳ ଆମକୁ ଶାନ୍ତି ଓ ମୁକ୍ତି ପ୍ରଦାନର ମାଧ୍ୟମ ହୋଇ ଚାଲିଥିବ ବୋଲି କହିଥିଲେ। ଏକାଡେମୀର ସହ ସଚିବ ସଞ୍ଜୟ ଛୁଆଳସିଂ ପ୍ରାରମ୍ଭିକ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଂହଦ୍ୱାରଠାରେ ଆନୁଷ୍ଠାନିକ ପୂଜାର୍ଚ୍ଚନା ପରେ ଦୀପଦାନ କରାଯାଇଥିଲା। ପରେ ସଂକୀର୍ତ୍ତନ ଦଳମାନଙ୍କ ସହଯୋଗରେ ଏକ ଶୋଭାଯାତ୍ରା ସାତଲହଡ଼ି ମଠ ପର୍ଯ୍ୟନ୍ତ ଅଣାଯାଇଥିଲା। ମଠରେ ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଈପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।
-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

## ସମ୍ପର୍କ ସୁଧୁରୁଛି

ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ପରିଲକ୍ଷିତ ପରିବର୍ତ୍ତନ ଭାରତ ଓ କାନାଡ଼ା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ସକାଶେ ସୁଯୋଗ ସୃଷ୍ଟି କରିଛି। ଖାଲିସ୍ତାନ ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଅଭିଯୋଗ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦ୍ୱିପାକ୍ଷିକ ସମ୍ପର୍କରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ଦୁଇନେତା ନିଜ ନିଜର ଦୂତାବାସ ଅଧିକାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରିଥିଲେ। କାନାଡ଼ା ସରକାରରେ ଶିଖଙ୍କ ନୂତନ ଗଣତାନ୍ତ୍ରିକ ଦଳର ସମର୍ଥନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଜଷ୍ଟିନ ଟ୍ରୁଡୋ ଚାପରେ ଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିଯିବା. ପଛରେ ଏହା ହିଁ ଥିଲା ମୁଖ୍ୟ କାରଣ।

ଜଷ୍ଟିନ ଟ୍ରୁଡୋଙ୍କ ପରେ ପରେ ମାର୍କ କର୍ଣ୍ଣେ ଏବେ କାନାଡ଼ାର ପ୍ରଧାନମନ୍ତ୍ରୀ। ଉଭୟ ଅବଶ୍ୟ ଲିବରାଲ ପାର୍ଟିର ନେତା। କଞ୍ଜରଭେଟିଭ୍ ପାର୍ଟିର ପରାଜୟ ଟ୍ରମ୍ପଙ୍କ ପ୍ରାଧାନ୍ୟ ଓ ପତିଆରା ପ୍ରଦର୍ଶନରେ ବାଧକ ସାଜିଛି। କାନାଡ଼ା ମଧ୍ୟ ଅନ୍ୟ ରାଷ୍ଟ୍ରଭଳି ଆମେରିକା ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତିର ସମ୍ମୁଖୀନ ହୋଇଛି। ତେବେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ନୀତି ନିକଟରେ ଆତ୍ମସମର୍ପଣ ନ କରି କାନାଡ଼ା ନିଜର ସାର୍ବଭୌମତ୍ୱ ଅତୁଟ ରଖିବ ଘୋଷଣା କରିଥିଲେ କାର୍ଣ୍ଣେ। ଲୋକପ୍ରିୟତାରେ ପଛରେ ପଡ଼ିଥିବା ତାଙ୍କ ଦଳ ନିର୍ବାଚନରେ ଏହି ପ୍ରସଙ୍ଗଭିତ୍ତିରେ ସଫଳତା ହାସଲ କରିଥିଲା। ତେବେ ଆଜିର ପରିବର୍ତ୍ତିତ ବିଶ୍ୱ ଭୂରାଜନୀତିର ସମ୍ବେଦନଶୀଳତା ଦୃଷ୍ଟିରୁ ଭାରତ- କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସକାଶେ ଉଭୟ ଦେଶ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଦୀର୍ଘ ଦଶମାସ ଧରି ଶୂନ୍ୟ ପଡ଼ିଥିବା ଦୂତାବାସର ଉଚ୍ଚାୟୁକ୍ତ ପଦ ପୂରଣ କରିଛନ୍ତି ଦୁଇଦେଶ। ବରିଷ୍ଠ କୂଟନୀତିଜ୍ଞ ଦୀନେଶ କୁମାର ପଟ୍ଟନାୟକ କାନାଡ଼ାରେ ଏବଂ ଖ୍ରୀଷ୍ଟୋଫର କୁଟର ଭାରତରେ ଉଚ୍ଚାୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ରୁ ଭାରତୀୟ ବିଦେଶ ସେବାର ଅଧିକାରୀ ଦୀନେଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ପ୍ରେକ୍ଷାପଟ୍ଟରେ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି ଯେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ସୁଦୃଢ଼ କରିବାରେ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ କି ମାର୍କ କର୍ଣ୍ଣେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ପରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଶୁଭେଚ୍ଛା ପ୍ରଦାନକୁ ନେଇ ଯେଉଁ ବାର୍ତ୍ତାଳାପ ହୋଇଥିଲା ସେଥିରୁ ମନେ ହେଉଥିଲା ଦୁଇ ଦେଶ ମଧ୍ୟରେ ଖୁବ୍ଶୀଘ୍ର ସମ୍ପର୍କର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି।

ସମଗ୍ର ବିଶ୍ୱରେ ଆମେରିକାର ଅତିରିକ୍ତ ଶୁଳ୍କ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ସେଥିରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ ସମ୍ପର୍କ ସୁଧାରିବା ସକାଶେ ଶତ୍ରୁ-ମିତ୍ର କ୍ରମେ ନୂଆ ନୂଆ ମଞ୍ଚରେ ଏକତ୍ର ହେଉଛନ୍ତି। କାନାଡ଼ା-ଭାରତ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କକୁ ସେ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇପାରେ। ●

## ବାୟୁ ପ୍ରଦୂଷଣ ବିପତ୍ତି

ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଉତ୍ତରଭାରତ। ମୋଟ ଜନସଂଖ୍ୟାରେ ୩୮.୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪ କୋଟି ଏହି ଅଞ୍ଚଳରେ ବସବାସ କରନ୍ତି। ବାୟୁ ପ୍ରଦୂଷଣ ଜନିତ ବିଭିନ୍ନ ରୋଗରେ ଏହି ଅଞ୍ଚଳର ଲୋକେ ଯେତେ ପୀଡ଼ିତ, ସେହି ଅନୁସାରେ ଆୟୁ ସୀମା ମଧ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପରିସ୍ଥିତି ସବୁଠାରୁ ଉଦ୍‌ବେଗଜନକ। ଫଳରେ ଦିଲ୍ଲୀରେ ଅଧିବାସୀଙ୍କ ଆୟୁ ସୀମା ହାରାହାରି ୮.୨ ବର୍ଷ ହ୍ରାସ ପାଉଛି। ବିହାରରେ ୫-୬ ବର୍ଷ, ହରିଆନାରେ ୫.୩ ବର୍ଷ ଓ ଉତ୍ତର ପ୍ରଦେଶରେ ହାରାହାରି ଆୟୁ ସୀମା ୫ ବର୍ଷ ହ୍ରାସ ପାଇଛି। ୨୦୨୩ରେ ଚିକାଗୋ ବିଶ୍ୱବିଦ୍ୟାଳୟ ବାୟୁ ପ୍ରଦୂଷଣ ଉପରେ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ଶିଶୁ ଓ ଗର୍ଭବତୀଙ୍କ ଅପୁଷ୍ଟଜନିତ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଏହି ବାୟୁ ପ୍ରଦୂଷଣ ଜନିତ କ୍ଷତି ପ୍ରାୟ ଦୁଇଗୁଣ ଅଧିକ। ସେହିଭଳି ଦୂଷିତ ପାନୀୟ ଜଳ, ଦୂଷିତ ପରିବେଶ ଓ ହାତ ଧୋଇବା ବର୍ଜିତ କ୍ଷତିଠାରୁ ଏହା ୫ ଗୁଣ ଅଧିକ। ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ଏକାଧିକ ପରୀକ୍ଷା ନିରୀକ୍ଷା କରାଯାଇ ଥିଲେ ମଧ୍ୟ ପରିବେଶ ଅପରିବର୍ତ୍ତିତ ରହିଛି। ଦେଶର ପ୍ରମୁଖ ନୀତିନିର୍ଦ୍ଧାରକ, ସର୍ବୋଚ୍ଚ ଅଦାଲତଠାରୁ ସବୁ ଉଚ୍ଚବର୍ଗର ଲୋକଙ୍କ ଆସ୍ଥାନ ଏଠାରେ ଥିଲେ ମଧ୍ୟ ଏହି ଗୁରୁତର ପରିସ୍ଥିତି ପ୍ରତି କାହାର ନିଘା ଥିଲା ଭଳି ମନେ ହେଉନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବାୟୁର ମାନକ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମାନକ ୫ ୟୁଜି/ଏମ୍କ୍ୟୁ୩ ରହିବା କଥା, କିନ୍ତୁ ଦିଲ୍ଲୀରେ ତାହା ପିଏମ ୨.୫ରେ ପହଞ୍ଚିଛି। ଏହି ପରିବେଶର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ଜନତା। କାରଣ ଶଯ୍ୟାଶାୟୀ ନହେବା ପର୍ଯ୍ୟନ୍ତ ଏହି ପ୍ରତିକୂଳ ପରିବେଶରେ ଭୋଗୁଥିବା ରୋଗର ଚିକିତ୍ସା ପାଇଁ. ସେମାନେ ଗୁରୁତ୍ୱ ଦେଇନଥା'ନ୍ତି। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାନ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ର ପ୍ରଦୂଷଣ ବଢ଼ିଛି। ନିର୍ଦ୍ଧାରିତ ଜାତୀୟ ବାୟୁମାନକଠାରୁ ଊର୍ଦ୍ଧ୍ୱରେ ଥିବା ଅଞ୍ଚଳରେ ଦେଶର ୪୬ ପ୍ରତିଶତ ଲୋକ ବସବାସ କରୁଛନ୍ତି। ସେମାନଙ୍କ ଆୟୁ ସୀମା ହାରାହାରି ଦେଢ଼ ବର୍ଷ ହ୍ରାସ ପାଇଛି। ଜୀବନ ପ୍ରତି ଅପେକ୍ଷାକୃତ କମ୍ ହାନିକାରକ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇଆସିଥିବା ବେଳେ ଏହା ଯେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ସେଥିପ୍ରତି ଏହି ରିପୋର୍ଟ ଧ୍ୟାନ ଆକର୍ଷଣ କରୁଛି। ବାୟୁ ପ୍ରଦୂଷଣ ଏତେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଶିଳ୍ପାୟନ ଅନିୟନ୍ତ୍ରିତ ଯାନବାହାନ ଚଳାଚଳ, ଘନ ଜଙ୍ଗଲ ବିନିମୟରେ ଖଣି ଖାଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ପ୍ରତିକୂଳ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ପାରୁନି। ତେଣୁ ପରିବେଶରେ ସନ୍ତୁଳନ ରକ୍ଷା କରି ବାୟୁପ୍ରଦୂଷଣକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି। ●

# ରାଷ୍ଟ୍ରନିର୍ମାଣରେ ଜନଜାତି ଜ୍ଞାନ-ବିଜ୍ଞାନର ଉପଯୋଗିତା

ଡ.ଅନ୍ତର୍ଜିତା ନାୟକ

ଭାରତର ବିଶାଳ ବିବିଧ ପରିଦୃଶ୍ୟରେ ଜନଜାତି ସମ୍ପ୍ରଦାୟ ଯୁଗ ଯୁଗ ଧରି ଜଙ୍ଗଲ, ପାହାଡ଼, ନଦୀ ଏବଂ ଜୈବ ବିବିଧତାର ରକ୍ଷକ ଭାବରେ ପରିଚିତ। ସେମାନଙ୍କର ଜୀବନ ଓ ଜୀବିକା ଶିଳ୍ପ କିମ୍ବା ଜଗତୀକରଣ ଉପରେ ନୁହେଁ, ବରଂ ପ୍ରକୃତିର ଏକ ଗଭୀର, ପାରସ୍ପରିକ ବୁଝାମଣା ଉପରେ ନିର୍ଭର କରେ। ଜନଜାତି ଜ୍ଞାନବ୍ୟବସ୍ଥା ଅଭିଜ୍ଞତା ଆଧାରିତ ପ୍ରମାଣ, ନୀତିଗତ ଦିଗ ଏବଂ ସମସାମୟିକ ପ୍ରୟୋଗକୁ ଏକତ୍ର କରି ଦେଶର ସମାବେଶୀ ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦେବାର ବେଳ ଆସିଛି। ଔଷଧୀୟ ଗୁଳ୍ମ ଚିହ୍ନଟଠାରୁ ଆରମ୍ଭ କରି ମୌସୁମୀ ପୂର୍ବାନୁମାନ ପର୍ଯ୍ୟନ୍ତ, ମରୁଡ଼ି-ପ୍ରତିରୋଧକ ଫସଲ ଚାଷରୁ ଆରମ୍ଭ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଜନଜାତିମାନେ ପଢ଼ି ପରେ ପିଢ଼ି ଦକ୍ଷତାର ଏକ ବିଶାଳ ଭଣ୍ଡାର। ବର୍ତ୍ତମାନ ଯେଉଁଠି ଜଳବାୟୁ ସଙ୍କଟ, ଜୈବ ବିବିଧତା, କାର୍ବନ ଅର୍ଥନୀତି ପ୍ରାଧାନ୍ୟ ବିସ୍ତାର କରୁଛି, ସେଇଠି ଜନଜାତି ଜ୍ଞାନ ସମୟ-ପରୀକ୍ଷିତ ମାର୍ଗ ପ୍ରଦାନ କରି ସ୍ଥାୟୀ ବିକାଶର ନୀତି ନିର୍ମାଣରେ ଅନେକ ଗୁରୁତ୍ୱ ବହନ କରେ।

ଜନଜାତି-ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ଲେଖାଯାଇନାହିଁ କି କୌଣସି ତଥ୍ୟାଗାରରେ ସଂରକ୍ଷିତ ନାହିଁ। ଏହା ଜନଜାତି ଲୋକଗୀତରେ, ରୀତିନୀତିରେ, ଜଙ୍ଗଲରେ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୁଏ। ଆଧୁନିକ ପ୍ରଯୁକ୍ତିବିଦ୍ୟାଠାରୁ ବହୁତ ଦୂରରେ ଜନଜାତି ଜ୍ଞାନ। କିନ୍ତୁ ସ୍ଥାୟିତ୍ୱ ଓ ପରିବର୍ତ୍ତନର ଏପରି ଏକ ସମୃଦ୍ଧ ନକ୍ସା ପ୍ରଦାନ କରେ, ଯାହା ଆଧୁନିକ ବୈଜ୍ଞାନିକ ଚିନ୍ତନ ସହିତ ମେଳ ଖାଏ। ଉଦାହରଣସ୍ୱରୂପ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ଜନଜାତି ଅଞ୍ଚଳର ଚାଷୀ, ବିଶେଷକରି ମହିଳା ଚାଷୀମାନେ, ୨୦୦ରୁ ଅଧିକ ସ୍ୱଦେଶୀ ମଞ୍ଜି କିସମ ସଂରକ୍ଷଣ କରିଛନ୍ତି, ଯେଉଁଥିରୁ ଅନେକ ମରୁଡ଼ି-ସହନଶୀଳ, କୀଟ-ପ୍ରତିରୋଧକ ଏବଂ ଜଳବାୟୁ ନମନୀୟ। ଦିନଥିଲା, ଯେତେବେଳେ ମାଣ୍ଡିଆ କେବଳ ଗରିବ ଓ ଜନଜାତିଙ୍କର ଖାଦ୍ୟ ଥିଲା। ହେଲେ ଆଜି ସେଇ ପଛୁଆ ଲୋକଙ୍କର ପଛୁଆ ଖାଦ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛି। କୋରାପୁଟର ଜନଜାତି ଅଞ୍ଚଳର ୩୩ରୁ ଅଧିକ ସ୍ୱଦେଶୀ ମାଣ୍ଡିଆ କିସମ ହାଇବ୍ରିଡ୍ କିସମ ଅପେକ୍ଷା ଅଧିକ ପୁଷ୍ଟିକର ବୋଲି ଚିହ୍ନଟ ହୋଇଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତେଲୁଗୁ, ବଡା, ଦଶହେରା କିସମର ମାଣ୍ଡିଆରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫାଇବର, ଫ୍ଲାଭୋନାଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅତ୍ୟାଧୁନିକ ହାଇବ୍ରିଡ୍ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟ ତୁଳନାରେ ଖୁବ୍ ଅଧିକ। ପ୍ରାକୃତିକ ଉପାୟରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନିଜର ସ୍ୱଦେଶୀ ବା ଦେଶୀୟ ପଦ୍ଧତି ଓ ଜ୍ଞାନକୌଶଳ ଉପଯୋଗ କରି ଜନଜାତିମାନେ କେତେ ଆଗୁଆ, ତାହାର ପ୍ରମାଣ ସମୟ ସମୟରେ ମିଳୁଛି। ଜନଜାତିଙ୍କର ଏହି ଫସଲ ପରିବେଶବିତ୍‌ଙ୍କଠାରୁ ଚାଷୀ, ବୈଜ୍ଞାନିକ ଓ ସରକାରଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ପ୍ରାଥମିକତା ପାଲଟିଛି।

ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ଜନଜାତି କୃଷି ପଦ୍ଧତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ମାଣ୍ଡିଆ ଚାଷ ସହିତ ଦେଶିଆ ଧାନ ଚାଷ, ଶାଳ ପତ୍ର, ମହୁଆ ଫୁଲ, ବାଉଁଶ, ଲାଖ, ମହୁ ଓ ଆହୁରି ଅନେକ ଜଙ୍ଗଲ ଉତ୍ପାଦ ଅନ୍ତର୍ଭୁକ୍ତ, ଯାହା ଜନଜାତି ସମ୍ପ୍ରଦାୟ ଦ୍ୱାରା ସଂଗୃହୀତ ଓ ସଂରକ୍ଷିତ। ପରିବେଶ ଓ ପ୍ରକୃତିକୁ କ୍ଷତି ନ ପହଞ୍ଚାଇ କିପରି ଉତ୍ପାଦନ ଓ ଅମଳ କରିହେବ, ତାହାର ଉପଯୁକ୍ତ ଜ୍ଞାନ ଜନଜାତିଙ୍କ ପାଖରେ। ସେମାନେ ନିଜର ତୀକ୍ଷ୍ଣ ନିରୀକ୍ଷଣ କଳା ଦ୍ୱାରା ଜାଣିପାରନ୍ତି କେଉଁ ଗଛ ସର୍ବାଧିକ ଉତ୍ପାଦନ କରେ, କେଉଁ ଫୁଲ ସବୁଠାରୁ ଭଲ କିଣ୍ୱନ କରେ ଏବଂ ପ୍ରାକୃତିକ ପୁନର୍ଜନ୍ମ କିପରି ସୁନିଶ୍ଚିତ କରିହେବ। ସେମାନେ କେବଳ ସଂଗ୍ରାହକ ନୁହନ୍ତି, ଜଙ୍ଗଲ ଅର୍ଥନୀତିଜ୍ଞ ଏବଂ ପରିବେଶବିତ୍।

ଏହାବ୍ୟତୀତ, ଭାରତର ଜନଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ପ୍ରାକୃତିକ ନିରାମୟର ରହସ୍ୟକୁ ମଧ୍ୟ ଆୟତ୍ତ କରି ରଖିଛନ୍ତି। ଓଡ଼ିଶାର ଡଙ୍ଗରିଆ କନ୍ଧଙ୍କଠାରୁ ଆରମ୍ଭ କରି ତାମିଲନାଡୁର ଇରୁଲା ପର୍ଯ୍ୟନ୍ତ ଜନଜାତି ଅଞ୍ଚଳର ଔଷଧୀୟ ବୃକ୍ଷଲତା ଏବଂ ଚିକିତ୍ସା ପଦ୍ଧତି, ଦୈନନ୍ଦିନ ଜୀବନରେ ଧୀରେ ଧୀରେ ସନ୍ନିବେଶିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଜନଜାତି ସମ୍ପ୍ରଦାୟ ଦ୍ୱାରା ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ୭, ୦୦୦ରୁ ଅଧିକ ଉଦ୍ଭିଦ ପ୍ରଜାତି ଚିହ୍ନଟ କରାଯାଇଛି। ଏହି ଚିକିତ୍ସାଗୁଡ଼ିକ ଅନେକ ଆୟୁର୍ବେଦ ଓ ୟୁନାନୀ ପ୍ରଣାଳୀରେ ସୂତ୍ରୀକରଣର ଆଧାର ମଧ୍ୟ ଗଠନ କରନ୍ତି। ବିଶ୍ୱସ୍ତରରେ, ଭେଷଜ ଓ ପାରମ୍ପରିକ ଔଷଧ ବଜାର ବୃଦ୍ଧି ପାଉଛି, ଯାହା ୨୦୩୦ ମସିହା ସୁଦ୍ଧା ୬୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଭାରତ, ଏହାର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ, ଏହି ଜ୍ଞାନକୁ ଆର୍ଥିକ ଢାଞ୍ଚାରେ ଆନୁଷ୍ଠାନିକ କରିବା ଆରମ୍ଭ କରିଛି। ରାଜ୍ୟ ସରକାରମାନେ ପ୍ରମାଣିତ ଜନଜାତି ଚିକିତ୍ସକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟସେବାରେ ଜନଜାତିଙ୍କର ଭୂମିକାକୁ ବୈଧତା ଦେବା ଏବଂ ଗବେଷଣା ପାଇଁ ଅନେକ ମାଧ୍ୟମ, ସାହାଯ୍ୟ ଓ ସହଯୋଗ ଦେବା ଆବଶ୍ୟକ ରହୁଛି, ଯାହା ଜନଜାତି ସମ୍ପ୍ରଦାୟର ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ଜ୍ଞାନକୁ ଜାତୀୟ ଓ ବିଶ୍ୱସ୍ୱାସ୍ଥ୍ୟ ରଣକୌଶଳରେ ଏକୀକୃତ କରିବା ଭଳି ଦ୍ୱିଗୁଣିତ ସୁଯୋଗ ଉନ୍ମୁକ୍ତ କରିବ। ଜନଜାତି ଏଥ୍ନୋମେଡିସିନର ବ୍ୟାବସାୟିକ ସମ୍ଭାବନା ବ୍ୟାପକ। କିନ୍ତୁ ଏହା ନୈତିକ ଢାଞ୍ଚା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯେପରି ଏହାର ଲାଭ ଓ ଶ୍ରେୟ ଜନଜାତିଙ୍କୁ ମିଳିପାରିବ।

ଜନଜାତି ଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଜଳବାୟୁ ଅନୁକୂଳତା ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ। ବୃଦ୍ଧି ପାଉଥିବା ବନ୍ୟା, ମରୁଡ଼ି ଓ ଅନିୟମିତ ପାଣିପାଗର ଏଇ ଯୁଗରେ ଜନଜାତି ସମ୍ପ୍ରଦାୟ ନିଜର ପବିତ୍ର ଉପବନ, ଗୋଷ୍ଠୀ ଜଳ ଅମଳ, ପାରମ୍ପରିକ ପାଣିପାଗ ପୂର୍ବାନୁମାନ ଏବଂ ସାଧାରଣ ଲୋକଙ୍କ ସାମୂହିକ ମାଲିକାନା ମଧ୍ୟରେ ପ୍ରାକୃତିକ ସମ୍ବଳର ପରିଚାଳନା ଜାରି ରଖିଛନ୍ତି। ମେଘାଳୟରେ, ବାଉଁଶ ବୁନ୍ଦା ଜଳସେଚନର ପ୍ରାଚୀନ ଅଭ୍ୟାସଠାରୁ ଆରମ୍ଭ କରି ଓଡ଼ିଶାର ନିୟମଗିରି ପାହାଡ଼ରେ ଡଙ୍ଗରିଆ କନ୍ଧଙ୍କ ପାହାଡ଼କୁ ପବିତ୍ର ବୋଲି ବିବେଚନା କରି ଜୈବ ବିବିଧତାକୁ ସଂରକ୍ଷିତ କରିବା ହେଉଛି ଅନନ୍ୟ, ଯାହାଦ୍ୱାରା ପରିବେଶ ଅବକ୍ଷୟକୁ ରୋକାଯାଇପାରୁଛି। ଭାରତୀୟ ପାଣିପାଗ ବିଭାଗ, ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଜନଜାତି ସମ୍ପ୍ରଦାୟ ସହିତ ସହଯୋଗ କରିବା ଆରମ୍ଭ କରିଛି। ପକ୍ଷୀ ସ୍ଥାନାନ୍ତରଣ, ପବନ ଢାଞ୍ଚା ଓ ମୃତ୍ତିକାର ଆର୍ଦ୍ରତା ପରି ପାରମ୍ପରିକ ସୂଚକକୁ ପାଣିପାଗ ସୂଚକାଙ୍କ ଭାବେ ଗବେଷଣା ଅନ୍ତର୍ଭୁକ୍ତ କରିଛି। ସାରା ବିଶ୍ୱ, ଏକ ସ୍ଥାୟୀ ବିକାଶ ଢାଞ୍ଚାର ସନ୍ଧାନରେ ଥିବା ବେଳେ ଜନଜାତିଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଦ୍ରୁତ ବିକାଶର ଆଢୁଆଳରେ ଜଙ୍ଗଲ ବିନାଶ, ବାଧ୍ୟତାମୂଳକ ବିସ୍ଥାପନ, ସ୍ଥାନୀୟ ଭାଷାଗୁଡ଼ିକର କ୍ଷୟ ଏବଂ ସମଜାତୀୟ ଶିକ୍ଷା ବ୍ୟବସ୍ଥା, ଶହ ଶହ ବର୍ଷର ଜ୍ଞାନକୁ ନିଶ୍ଚିହ୍ନ କରିବାର ଏକ ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। 'ୟୁନେସ୍କୋ ଆଟ୍‌ଲାସ୍ ଅଫ୍ ୱାର୍ଲ୍ଡ ଲାଙ୍ଗୁଏଜସ୍' ଅନୁଯାୟୀ, ଭାରତ ପୂର୍ବରୁ ୨୨୦ଟି ଭାଷା ହରାଇ ସାରିଛି ଏବଂ ସେଥିମଧ୍ୟରୁ ଅନେକ ହେଲେ ଜନଜାତି ଭାଷା। ପ୍ରତ୍ୟେକ ବିଲୁପ୍ତ ଭାଷା ଏକ ବିଶାଳ ଜ୍ଞାନଭଣ୍ଡାରର ସମ୍ପୂର୍ଣ୍ଣ ବର୍ଗୀକରଣ। ବଜାର ଜଗତୀକରଣ ହେବା ସହିତ ଅନେକ ବାଣିଜ୍ୟିକ ସଂସ୍ଥା କୌଣସି ସମ୍ମତି, ଶ୍ରେୟ ବା କ୍ଷତିପୂରଣ ବିନା ଜନଜାତି ଜ୍ଞାନ ସଂଗ୍ରହ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଇ ଜ୍ଞାନକୁ ବିକି ଭାଙ୍ଗି ଖାଇ, ଜନଜାତିଙ୍କ ଉପରେ ଦାଉ ସାଧୁଛନ୍ତି। ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) ଏବଂ ଜୈବ ବିବିଧତା ଅଧିନିୟମ (୨୦୦୨) ଭଳି ଆଇନଗୁଡ଼ିକ କିଛିମାତ୍ରାରେ ଜନଜାତିଙ୍କୁ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଅସମ୍ପୂର୍ଣ୍ଣ।

ନବସୃଜନ ପ୍ରତି ଆସକ୍ତ ଏକ ଯୁଗରେ ବୋଧହୁଏ ସବୁଠାରୁ ମୌଳିକ କାର୍ଯ୍ୟ ହେଉଛି ଅତୀତକୁ ଫେରିଯାଇ ଯାହା ଆମେ ହରାଇଛୁ ତାହା ପୁନରୁଦ୍ଧାର କରିବା ଏବଂ ପ୍ରକୃତି ସହିତ ସନ୍ତୁଳନରେ ବଞ୍ଚିବା। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଜନଜାତି ସମ୍ପ୍ରଦାୟ ଓ ଜନଜାତି ଜ୍ଞାନ। ଯଦି ଏହାକୁ ପ୍ରୋତ୍ସାହିତ କରାଯାଏ, ତେବେ ଏହି ଜ୍ଞାନ ଏକ ସବୁଜ, ଅଧିକ ସମାବେଶୀ ଅର୍ଥବ୍ୟବସ୍ଥାକୁ ଶକ୍ତି ଯୋଗାଇବ, ଯାହା କେବଳ ମୋଟ ଘରୋଇ ଉତ୍ପାଦକୁ ନୁହେଁ, ବରଂ ସୌହାର୍ଦ୍ଦ୍ୟ, ସମାବେଶୀ ଓ ନମନୀୟତାକୁ ଗୁରୁତ୍ୱ ଦେବ। ଫଳସ୍ୱରୂପ, ଭାରତ କେବଳ ନିଜର ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ସହିତ ସାରା ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ। ●

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଚାନ୍ଦା ଏକ ସାମାଜିକ ବ୍ୟାଧି

ଅଧ୍ୟାପକ ଅଶୋକ ମହାରଣା



ପାର୍ବଣ ଋତୁ ଚାନ୍ଦାର ଋତୁ। ଭକ୍ତି କମ, ଅହଂଭାବ, ଆଡ଼ମ୍ବରର ସ୍ୱୟମ୍ବର। ଦିଅଁଙ୍କ ନାମରେ ମାନସିକ, ଶାରୀରିକ ନିର୍ଯାତନା। ଦେଲେ ସୁନାପୁଅ, ନଦେଲେ ରୋଷର ଶିକାର। ଚାନ୍ଦା, ତା' ପୁଣି ବିଭିନ୍ନ ନାମ ଓ ଉପାୟରେ ଆଦାୟ। କେହି କହେ ସହାୟତା ତ କେହି କହେ ଦାନ। ଭକ୍ତି ନାମରେ ଏକ କଳଙ୍କିତ ପ୍ରଥା କାଳକାଳ ଧରି ଚାଲିଆସିଛି, ଯାହା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି।

ପର୍ବପର୍ବାଣୀ ଆମ ସଂସ୍କୃତିର ପରିଚାୟକ। ପୂଜା ପାର୍ବଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଡ଼ମ୍ବରପୂର୍ଣ୍ଣ ପୂଜା କରାଯାଉଛି। ସତରେ କ'ଣ ଈଶ୍ୱର ଆଡ଼ମ୍ବରପୂର୍ଣ୍ଣ ତୋରଣ, ଝଲମଲ ଲାଇଟ, ସୁନାମୁକୁଟ, ରୂପା ମେଢ଼, ଟନ ଟନ ଓଜନର ଗହଣାରେ ମଣ୍ଡିହୋଇ ଭକ୍ତଙ୍କ ପାଇଁ ଆର୍ଶୀବାଦର ପେଡ଼ି ଖୋଲି ଦେଉଛନ୍ତି? ପ୍ରତିଯୋଗିତାପୂର୍ଣ୍ଣ ପୂଜାର୍ଚ୍ଚନାରେ ବ୍ୟସ୍ତ ମଣିଷ ଭକ୍ତିକୁ ବାଜି କରିଛି। ଶାସ୍ତ୍ର, ବେଦ, ପୁରାଣ କେଉଁଥିରେ ଲେଖା ଏହି ବାହ୍ୟାଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନାର କାହାଣୀ? ଯେଉଁଠି ନଡ଼ିଆଟିଏ ହସ୍ତପ୍ରସାରୀ ପ୍ରଭୁ ନେଉଛନ୍ତି, ସେଠି ସୁନାରୁପାର ମୁକୁଟରେ କ'ଣ ଅଛି? ବାଧ୍ୟବାଧକତାରେ ଚାନ୍ଦା ଆଦାୟ କରି ପୂଜାର୍ଚ୍ଚନା କରିବାରେ ଭକ୍ତି ନା ଶକ୍ତି ପ୍ରଦର୍ଶିତ ହୁଏ, ଭକ୍ତ ନା ଭଗବାନଙ୍କ ପୂଜନ କରାଯାଏ?

ପରିବର୍ତ୍ତିତ ପରିବେଶ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଯୋଗୁଁ ଆମେ ଭକ୍ତି ଅପେକ୍ଷା ଭୋଗବିଳାସକୁ ଅଧିକ ଗୁରୁତ୍ୱ ଦେବାରେ ବ୍ୟସ୍ତ। ଦ୍ୱିଅର୍ଥବୋଧକ ସଙ୍ଗୀତ, ଅଶ୍ଳୀଳ ଉଦ୍ଦାମ ଉଦଣ୍ଡ ନୃତ୍ୟର ତାଳେ ତାଳେ ଆବାଳବୃଦ୍ଧବନିତା ଉଚ୍ଛୃଙ୍ଖଳର ଶୀର୍ଷରେ ଉପନୀତ। ଆମେ ହିଁ ସୃଷ୍ଟି କରୁ ଅପସଂସ୍କୃତିର ମାର୍ଗ। ଆମେ ହିଁ ବୁଣୁ ସାମଜିକ ଅଧୋପତନର ମଞ୍ଜି। ସେଇଥିପାଇଁ ପୂଜା ଅପେକ୍ଷା ଭୋଗଲାଳସାରେ ହିଁ ଆମର ବିଶ୍ୱାସ। ଭକ୍ତି ନାମ ମାତ୍ର। ମଦ ମାଂସ ଭିତରେ ହଜିଯାଏ 'ଭକ୍ତ' ନାମକ ବ୍ୟକ୍ତି ଓ 'ଭକ୍ତି' ନାମକ ସକାରାତ୍ମକ ଚିନ୍ତନ। ଏହା କ'ଣ ଆମ ସଂସ୍କୃତି ନା ପରମ୍ପରା? ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ଭକ୍ତିଯୋଗରେ କହିଛନ୍ତି 'ଯସ୍ମାନ୍ନୋଦ୍‌ବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ / ହର୍ଷାମର୍ଷଭୟୋଦ୍‌ବେଗୈର୍ମୁକ୍ତୋ ଯଃସବମେ ପ୍ରିୟଃ।' ଅର୍ଥାତ 'ଯାହା ପାଇଁ କେହି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦବିଗ୍ନ ବା ବିଚଳିତ ହୋଇପଡ଼େ ନାହିଁ, ଯେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ ସେ ମୋର ଅତିପ୍ରିୟ।' ପୁନଶ୍ଚ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ / ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ / ସନ୍ତୁଷ୍ଟ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ / ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦଭକ୍ତଃ ସ ମେ ପ୍ରିୟଃ।' ଅର୍ଥାତ୍ ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଂକାର ଶୂନ୍ୟ ଏବଂ ସୁଖଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ଯେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋ'ଠାରେ ଯୁକ୍ତ ହୋଇଥାଏ ସେ ମୋର ଅତିପ୍ରିୟ।

ତେବେ ପୂଜା ପାଇଁ ଆମେ କେଉଁସ୍ତରକୁ ଓହ୍ଲାଇ ଆସୁ? ଚାନ୍ଦା ପାଇଁ ଗୁଣ୍ଡାରାଜ ସହିତ ମନକୁ ଆଘାତ୍ ଦେଇ ଚାନ୍ଦା ଆଦାୟ କରିଥାଉ। କପର୍ଦ୍ଦକ ଶୂନ୍ୟ ଦୀନଦୁଃଖୀଦରିଦ୍ର ବି ପ୍ରଭୁଙ୍କୁ ଭକ୍ତିରେ ବାନ୍ଧିରଖିପାରେ। ନହେଲେ କ'ଣ ସାମାନ୍ୟ ଖୁଦ କଣିକା ହେଉ କି ଶବରୀର ଅଇଁଠା କୋଳିକୁ ପ୍ରଭୁ ସାଦରେ ଗ୍ରହଣ କରିପାରିଥା'ନ୍ତେ ନା ଦାସିଆ ବାଉରିର ନଡ଼ିଆକୁ ଗ୍ରହଣ କରିଥା'ନ୍ତେ!

ଶାସ୍ତ୍ର ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି। ପ୍ରଭୁଙ୍କର ନାମ ଓ ଭଜନ ଶ୍ରବଣ, ପ୍ରଭୁଙ୍କର ନାମ କୀର୍ତ୍ତନ ଓ ସ୍ମରଣ, ପ୍ରଭୁଙ୍କର ପାଦ ସେବା, ସକ୍ଷମ ଅନୁସାରେ ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଭଳି ଭକ୍ତି ରହିଛି। ଏତ ପ୍ରଭୁଙ୍କ ନିକଟରେ ସମର୍ପଣ ଓ ସମର୍ପିତ ହେବାର ଗୋଟିଏ ଗୋଟିଏ ମାଧ୍ୟମ। କିନ୍ତୁ ଏବେ ପୂଜା, ଭକ୍ତି ଓ ଭକ୍ତର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ଏହା ସମାଜିକ ଅଧୋପତନର ପ୍ରଦର୍ଶନ। ପୂଜା ଈଶ୍ୱରପ୍ରାପ୍ତିର ଏକ ମାଧ୍ୟମ ହୋଇପାରେ। କିନ୍ତୁ ପୂଜା ନାମରେ ଏଭଳି ମାନସିକତା ଈଶ୍ୱରଙ୍କ ପ୍ରତି ଏକ ଉପହାସ। ସେଇଥିପାଇଁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ମନୁଷ୍ୟମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ସେପରି ଭାବରେ ଗ୍ରହଣ କରିଥାଏ।

ସାମ୍ପ୍ରତିକ ସମୟରେ ଗାଁଠାରୁ ସହର ଚାନ୍ଦା ଦିଅଁ ପୂଜା ନାମରେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ମଧୁର ଶୋଷଣ ମାଧ୍ୟମରେ ଶୋଷିତ ହେଉଥିବା ଏବଂ ଭୟାତୁର ମଣିଷ ଚାନ୍ଦା ନଦେବାର ପରିଣାମ ଚିନ୍ତା କରି ଅନ୍ଧ, ମୂକ, ବଧିରର ଅଭିନୟ କରୁଥାଉ। ଆଇନ ତା' ରାସ୍ତାରେ। ଦଣ୍ଡବିଧାନ ତା' ରାସ୍ତାରେ। କିଏ କାହିଁକି ପ୍ରତିବାଦ କରି ଶତ୍ରୁଅର୍ଜନ କରିବ? ବରଂ ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ। ●

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

# ମଙ୍ଗଳର କବକ ଗୃହ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ପୃଥିବୀ ବାହାରେ ବସତି ସ୍ଥାପନ କଥା ଚିନ୍ତା କଲେ ମନକୁ ପ୍ରଥମେ ଆସିଥା'ନ୍ତି ଦୁଇଟି ମହାକାଶ ପିଣ୍ଡ - ଚନ୍ଦ୍ର ଓ ମଙ୍ଗଳ। ଚନ୍ଦ୍ର ଆମର ନିକଟତମ। ଅଦ୍ୟାବଧି ଏହା ଉପରେ ମଣିଷ ପହଞ୍ଚି ସାରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ୍ୟ ହୋଇସାରିଛି। ଅତଏବ ପ୍ରଥମେ ଏହିଠାରେ ହିଁ ବସତି ସ୍ଥାପନ କରିବାର ସମ୍ଭାବନା ଅଧିକ ବୋଲି ମନେ ହେବା ସ୍ୱାଭାବିକ। ତେବେ ବର୍ତ୍ତମାନ କେତେକ ବୈଜ୍ଞାନିକ ମତ ଦେଲେଣି ଯେ ଚନ୍ଦ୍ର ତୁଳନାରେ ମଙ୍ଗଳ ପୃଷ୍ଠ ଅଧିକ ବାସୋପଯୋଗୀ। କାରଣ ଏଠାରେ ଥିବା ବାୟୁମଣ୍ଡଳ, ଭୂପୃଷ୍ଠର ସଂରଚନା, ରାସାୟନିକ ଉପାଦାନ ଇତ୍ୟାଦି କିଛିଟା ପୃଥିବୀର ଅନୁରୂପ। ଅତଏବ ସେଠାରେ ବସତିଟିଏ ସ୍ଥାପନ କଲେ ଦୂରଦୂରାନ୍ତାରର ମହାକାଶ ଏବଂ ଗ୍ରହନକ୍ଷତ୍ରମାନଙ୍କୁ ଅଧ୍ୟୟନ କରିବା ସହଜ ହେବ।

ମଙ୍ଗଳ ପୃଷ୍ଠରେ ବସତି ସ୍ଥାପନ କରିବାକୁ ହେଲେ ତାହା କେଉଁ ପଦାର୍ଥରେ ଗଢ଼ାଯିବ ଏହାକୁ ନେଇ ନାନାକଥା ଚିନ୍ତା କରାଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା ସେଠାରେ ସ୍ଥାନୀୟ ଭାବେ ଏକ କବକ ବା 'ଫଙ୍ଗସ୍' ଚାଷ କରି ତହିଁରୁ ପ୍ରସ୍ତୁତ ପ୍ଲାଷ୍ଟିକ୍‌ରେ ଘର ତିଆରି। ଏଦିଗରେ ପ୍ରଥମ ପଦକ୍ଷେପ ରୂପେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଜ୍ଞାନାଗା।ର ମଧ୍ୟରେ ମଙ୍ଗଳ ଗ୍ରହ ଅନୁରୂପ କୃତ୍ରିମ ପରିବେଶଟିଏ ସୃଷ୍ଟି କରି ତହିଁରେ ପ୍ଲାଷ୍ଟିକ ପାତ୍ରରେ ଏବର କବକଟିକୁ ବଢ଼ାଇବାର ସଫଳତା ମିଳିଛି। ତପ୍ରରେ ଏହାକୁ ବ୍ୟବହାର କରି ବାସଗୃହ ସଦୃଶ୍ୟ ସଂରଚନାଟିଏ ଗଢ଼ି ତନ୍ମଧ୍ୟରେ ତାହାର ବଂଶ ବିସ୍ତାର କରାଯାଇ ପାରୁଛି। ଅତଏବ ଏବର ସବୁଜ କବକରୁ ମଙ୍ଗଳ ଗ୍ରହରେ ବାସଗୃହ ନିର୍ମାଣ କରାଯାଇ ପାରିବ ବୋଲି ମନେ କରାଯାଉଛି।

ହାର୍ଭାର୍ଡଠାରେ ଏବର ଗବେଷଣା ଚଳାଇଥିବା ବୈଜ୍ଞାନିକମାନଙ୍କ ମୁଖ୍ୟ ହେଲେ ରବିନ୍ ୱାର୍ଡସ୍ ୱର୍ଥ। ତାଙ୍କ ମତରେ ସେମାନେ ଏ ପଦାର୍ଥଟିକୁ ଏଥିପାଇଁ ବାଛିବାର କାରଣ ହେଲା ଯେ ଥରେ ତହିଁରୁ କିଛି ସେଠାକୁ ନେଇ ଗଲେ ସେଠାରେ ତାହା ଚାଷ କରି ଅଧିକରୁ ଅଧିକ ଉତ୍ପନ୍ନ କରାଯାଇ ପାରିବ। ପୁନଶ୍ଚ ଏହା ମଧ୍ୟ ଅମ୍ଳଜାନ ସୃଷ୍ଟି କରିବ। ଏହି କବକଟିର ନାମ ହେଲା ଡୁନାଲିଏଲା ଟେର୍ଟିଓଲେକ୍ଟା। ରବିନ୍ ଓ ତାଙ୍କ ସହଯୋଗୀମାନେ ଏହାକୁ ୫ ମିଲିମିଟର ସ୍ଥୂଳତା ବିଶିଷ୍ଟ ଜୈବପ୍ଲାଷ୍ଟିକ ନିର୍ମିତ ପାତ୍ରରେ ନେଇ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଥିଲେ। ଏଥିମଧ୍ୟରେ ସୃଷ୍ଟି କରାଯାଇଥିଲା ଆମ ବାୟୁମଣ୍ଡଳ ଚାପର ୦.୬ ଶତାଂଶ, ଯାହାକି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଚାପ ସହିତ ସମାନ। ପୁନଶ୍ଚ ମଙ୍ଗଳ ଅନୁରୂପ ବାୟୁରେ ଥିଲା ପ୍ରାୟ ୭୫ ରୁ ୮୦ ଶତାଂଶ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବାଷ୍ପ। ତନ୍ମଧ୍ୟରେ ପ୍ରାୟ ୧୦ ଦିନ ରଖିଲା ପରେ ଦେଖାଗଲା ଯେ ସେଗୁଡ଼ିକ ସାଧାରଣ ଭାବେ ବଢ଼ୁଛନ୍ତି ଏବଂ ଆଲୋକ ସଂଶ୍ଲେଷଣ କରୁଛନ୍ତି।

ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଅନମାର ମେନେଜେସ୍‌ଙ୍କ ମତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କାରଣ ମଙ୍ଗଳ ପୃଷ୍ଠରେ ଦୀର୍ଘ ସମୟ ଧରି ରହିବାକୁ ହେଲେ ଦରକାରୀ ପଦାର୍ଥଗୁଡ଼ିକୁ ସେଠାରେ ଉତ୍ପାଦନ କରିବାକୁ ପଡ଼ିବ। ଏହି ଆବଶ୍ୟକତାର ଅନେକାଂଶ ଉକ୍ତ କବକ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଆଶା କରାଯାଏ। ପୁନଶ୍ଚ ଏହା ଶ୍ୱାସ କ୍ରିୟା ଲାଗି ଅମ୍ଳଜାନ ମଧ୍ୟ ଯୋଗାଇବାକୁ ସକ୍ଷମ।

ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା ଆହୁରି କିଛି ବର୍ଷ ସମୟ ନେବ। ଇତିମଧ୍ୟରେ ଏ କବକ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିହେବ। ଆବଶ୍ୟକ ହେଲେ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ତାହାକୁ ସେଠାରେ ଚାଷ କରିବା, ତହିଁରୁ ଖାଦ୍ୟ ଉପଯୋଗୀ ପ୍ରଜାତିମାନ ସୃଷ୍ଟି କରିବା ଏବଂ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ଲାଗି ଉପଯୁକ୍ତ କରାଯାଇ ପାରିବ। ଏହାବ୍ୟତୀତ ବୈଜ୍ଞାନିକମାନେ ଏବେ ମଙ୍ଗଳପୃଷ୍ଠରେ ବ୍ୟବହାର ଲାଗି ଆହୁରି ଅନେକ ପ୍ରଦାର୍ଥ ଉପରେ ଅଧ୍ୟୟନ ଚଳାଇଛନ୍ତି। ବିଜ୍ଞାନାଗାରମାନଙ୍କରେ ସେଠାରେ ଅନୁରୂପ ପରିବେଶମାନ ସୃଷ୍ଟି କରି ଜନ୍ମଧ୍ୟରେ ତାହା ସବୁ ପରୀକ୍ଷା କରାଯାଉଛି। ଏସବୁରେ ସଫଳତା ହେବ ମଙ୍ଗଳ ଗ୍ରହରେ ବସତି ସ୍ଥାପନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିକ୍ଷେପ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

ଭୁବନେଶ୍ୱର, ୩୧।୯ (ସମିସ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ

**ଶୃଙ୍ଖଳିତ ନୀତିକାନ୍ତି ଉପରେ ଗୁରୁତ୍ୱାରୋପ**

ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସମାନଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳ ଭାବେ ଗଢ଼ି ତୋଳିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ପୁରୀ ସହରରେ ଅନେକ ସୁବିଧା ଉପଲବ୍ଧ କରାଯିବ। ପରିଚାଳନା କମିଟିର ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ (ସୁଆର ମହାସଭା), ରଘୁବୀର ଦାସ (ମଠାଧୀଶ), ରାମନାରାୟଣ ଗୋଚ୍ଛିକାର (ପ୍ରତିହାରୀ ନିଯୋଗ), ମଧୁସୂଦନ ସିଂହାରୀ (ପୁଷ୍ପାଳକ ନିଯୋଗ) ଏବଂ ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

# ଏଥର ଡିଜେ, ବାଣ ଓ ନିଶାମୁକ୍ତ ଦୁର୍ଗାପୂଜା

ଭୁବନେଶ୍ୱର,୧।୯(ସମିସ): ଏଥର ଡିଜେ, ବାଣ ଓ ନିଶାମୁକ୍ତ ହେବ ଦୁର୍ଗାପୂଜା। ଜଳିବନି ଲେଜର ଲାଇଟ୍, ଷ୍ଟେଜରେ ହେବନି ଅଶ୍ଳୀଳ ନୃତ୍ୟ। ମୁତୟନ ହେବେ ମହିଳା ପୁଲିସ, ସିସିଟିଭିରେ ଛାଉଣୀ ହେବ ସବୁ ମଣ୍ଡପ। ବଟି ମାଗିଲେ ବନ୍ଧାହେବେ ପୂଜା କମିଟି ସଦସ୍ୟ। ଖୁସି ଓ ଉତ୍ସାହ ନେଇ ପୁଣି ଫେରିଛି ମହାପାର୍ବଣ ଦୁର୍ଗାପୂଜା। ମା'ଙ୍କର ଷୋଳ ପୂଜାର ଅବ୍ୟବହିତ ପୂର୍ବରୁ ସରିଛି

- **ଜଳିବନି ଲେଜର ଲାଇଟ୍, ଷ୍ଟେଜରେ ହେବନି ଅଶ୍ଳୀଳ ନୃତ୍ୟ**
- **ପ୍ରତି ମଣ୍ଡପରେ ରହିବେ ମହିଳା ପୁଲିସ**
- **ରାତି ୧୦ଟା ବଦଳରେ ୧୨ ସୁଦ୍ଧା ମେଲୋଡ଼ି ସାରିବାକୁ ନିର୍ଦ୍ଦେଶ**

ପ୍ରସ୍ତୁତି ବୈଠକ। ଆଜି ପୁଲିସ ସେବାଭବନରେ ପୂଜା ମଣ୍ଡପର କର୍ମକର୍ତ୍ତା ଏବଂ ପୁଲିସ ମଧ୍ୟରେ ବୈଠକ ହୋଇଥିଲା। ପୁଲିସ ପୂଜା ମଣ୍ଡପର କର୍ମକର୍ତ୍ତାଙ୍କ ସମସ୍ୟା ଶୁଣିବା ସହ ଏହାର ପ୍ରତିକାର ମଧ କରିଥିଲେ।

ବୈଠକରେ ପୁଲିସ ପକ୍ଷରୁ କମିଟିମାନଙ୍କୁ ଏକାଧିକ ପରାମର୍ଶ ଦିଆଯାଇଥିଲା। ଭୁବନେଶ୍ୱରରେ ଏଥର ଲୋକେ ଦେଖିବେ ୧୮୭ଟି ମୃଣ୍ମୟୀ ମୂର୍ତ୍ତି। ପୂର୍ବବର୍ଷ ଭଳି ଧୁମ୍‌ଧାମରେ ଦଶହରା ପାଳନ ହେବ। ଏନେଇ ଅଣ୍ଟା ଭିଡ଼ିଛି ପ୍ରଶାସନ। ଟ୍ରାଫିକ, ଲ' ଆଣ୍ଡ ଅର୍ଡର, ପୁଲିସ ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ। ସେହିପରି ବିନା କେମିକାଲ ଓ ବିନା ପ୍ଲାଷ୍ଟିକରେ ମୂର୍ତ୍ତି ନିର୍ମାଣ କରିବାକୁ ଅନେକ ପୂଜା କମିଟି କହିଛନ୍ତି। ପୂଜା ମଣ୍ଡପରେ ଅନୁଷ୍ଠିତ ହେଉଥିବା ମେଲୋଡି କାର୍ଯ୍ୟକ୍ରମ ୧୦ଟା ପରିବର୍ତ୍ତେ ୧୨ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ରାବଣ ପୋଡ଼ି ବେଳେ ଶବ୍ଦ ପ୍ରଦୂଷଣ କରୁଥିବା ବାଣକୁ ବ୍ୟବହାର ନ କରିବାକୁ ନିବେଦନ କରାଯାଇଛି। ଭସାଣ ବେଳେ ଭାଇବ୍ରେଟ୍ ମ୍ୟୁଜିକ୍, ଡିଜେ ବାରଣ କରାଯାଇଛି। ଅବକାରୀ ବିଭାଗକୁ ଚୋରା ମଦ ଓ ଡ୍ରଗ୍ସ ରୋକିବାକୁ ନିର୍ଦ୍ଦେଶ ସମନ୍ୱୟ ବୈଠକରେ ମତ ପ୍ରକାଶ ପାଇଛି। ବିଏମସି ପକ୍ଷରୁ ଡ୍ରେନେଜ ସମସ୍ୟାର ସମାଧାନ, ରାସ୍ତାଘାଟ ମରାମତି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ପାଇଁ ଆର୍ଥିକ ଅନୁଦାନ ପାଇଁ ଦାବି ହୋଇଛି। ସେହିପରି ବିଦ୍ୟୁତ୍ ପାଇଁ ସିଙ୍ଗିଲ ମିଟର ବ୍ୟବସ୍ଥା, ଭ୍ରାମ୍ୟମାଣ ଟଏଲେଟ୍ ବ୍ୟବସ୍ଥା ଓ ଅଗ୍ନିଶମ, ପାନୀୟ ଜଳ, ଖୋଳା ହୋଇଥିବା ରାସ୍ତାଘାଟ ନିର୍ମାଣ, ଗଛକଟା ଆଦି ପ୍ରସଙ୍ଗରେ ବିଭିନ୍ନ ବିଭାଗର ସହଯୋଗ ଲୋଡ଼ିଥିଲେ ପୂଜା କମିଟି ସଦସ୍ୟ। ସହରରେ ହେଉଥିବା ପୂଜା ଓ ଭସାଣି ପାଇଁ ସିଙ୍ଗିଲ ୱିଣ୍ଡୋ ବ୍ୟବସ୍ଥା ଦ୍ୱାରା ଲାଇସେନ୍ସ ପାଇବାରେ କୌଣସି ଅସୁବିଧା ହେବ ନାହିଁ।

ଆଜିର ବୈଠକରେ ସମସ୍ତ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଦୁଇ ବିଧାୟକ, ଅଗ୍ନିଶମ, ୱାଟକୋ, ଟାଟା ପାୱାର, ଟ୍ରାଫିକ ଓ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ପାର୍ବଣ ବେଳେ ଲୁଟେରାମାନେ ସକ୍ରିୟ ହେବାର ଆଶଙ୍କା ଥିବାରୁ ଏବେଠୁ ଭୁବନେଶ୍ୱର ପୁଲିସ ସଜାଗ ଥିବା କହିଛନ୍ତି କମିସନର ସୁରେଶ ଦେବଦତ୍ତ ସିଂ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲିଭ ଇନ୍ ପାର୍ଟନରଙ୍କୁ...

ବନଯାକ୍ଷୀ। ତାଙ୍କର ବୟସ ୩୫ ବର୍ଷର୍ ବୋଲି ପୁଲିସ ସୂଚନା ଦେଇଛି। ଦୁଇଜଣ ୪ ବର୍ଷ ତଳେ ଲିଭ୍-ଇନ୍‌ରେ ରହିଆସୁଥିଲେ। ଭିଠାଲ ପୂର୍ବରୁ ୩ଥର ବିବାହ କରିସାରିଥିଲା। ସେହିପରି ବନଯାକ୍ଷୀ ମଧ୍ୟ ପୂର୍ବରୁ ୨ଥର ବିବାହ କରିଥିଲେ। ଭିଠାଲ ନିୟମିତ ମଦ୍ୟପାନ କରିବା ସହ ନିର୍ଯାତନା ଦେବାରୁ ବନଯାକ୍ଷୀ ବିତସ୍ପୃହ ହୋଇପଡିଥିଲେ। ଫଳରେ ସେ ତାଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ବନଯାକ୍ଷୀ ମାରିଆପ୍ପା ନାମକ ଜଣେ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ କରିଥିଲେ। ଘଟଣା ଦିନ ମନଯାକ୍ଷୀ କାରରେ ମାରିଆପ୍ପା ଓ ଡ୍ରାଇଭର ସହିତ ମନ୍ଦିରରୁ ଫେରୁଥିଲେ। ଭିଠାଲ ତାଙ୍କର ପିଛା କରିଥିଲା। କାର ଏକ ସିଗନାଲରେ ରହିବା ପରେ ବିଠଲ ୩ ଜଣଙ୍କ ଉପରେ ପେଟ୍ରୋଲ ପକାଇଥିଲା। ମାରିଆପ୍ପା ଓ ଡ୍ରାଇଭର ସେଠାରୁ ଦୌଡି ପଳାଇଥିଲେ। କିନ୍ତୁ ବିଠଲ ବନଯାକ୍ଷୀଙ୍କ ପିଛା କରିଥିଲା। ଦୌଡ଼ିବା ପରେ ସେ ପଡିଯିବା ପରେ ବିଠଲ ତାଙ୍କ ଉପରେ ଢ଼ାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ଲୋକ ବନଯାକ୍ଷୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

### ଉଠିଲା ସୁନା...

ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୭ଲ,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୯୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

### ୧୦୦୦ରୁ ଊର୍ଦ୍ଧ୍ୱ ମୃତ...

ଏହି ଭୂକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଭାରତ ଯଥାସମ୍ଭବ ମାନବିକ ସହାୟତା ଏବଂ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଏହା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନ ସମକକ୍ଷ ମାୱାଲାଭି ଅମିର ଖାନ ମୁତାକିଙ୍କ ସହ କଥା ଗଭୀର ଶୋକ ପ୍ରକାଶ କରିଥିଲେ। ଭାରତ ରିଲିଫ ସାମଗ୍ରୀ ପଠାଇ ଦେଇଛି ବୋଲି ସୂଚନା ଦେଇଥିଲେ। ତତ୍କାଳ ସହାୟତା ଭାବେ ଭାରତ ହଜାରେ ପରିବାର ପାଇଁ ଟେଣ୍ଟ, ୧୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଥିବା ସୂଚନା ଦେଇଥିଲେ।

ଏହି ଭୂକମ୍ପରେ କୁନାରର ନୁର୍ଗାଲ୍ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଏକ ଗାଁ ଲୋପ ପାଇ ଯାଇଛି। ଗ୍ରାମବାସୀ ଅବଶେଷ ତଳେ ଫସି ରହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବ ଆଫଗାନିସ୍ତାନ ଏହି ପାର୍ବତ୍ୟାଞ୍ଚଳରେ ଆସିଥିବା ଭୂକମ୍ପ ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ଆଖି ସାମ୍ନାରେ ଘର ଭାଙ୍ଗି ପଡୁଥିବା ଏବଂ ଲୋକେ ସାହାଯ୍ୟ ପାଇଁ ଚିତ୍କାର କରୁଥିବାର ଦେଖିଛନ୍ତି। ସାଦିକୁଲ୍ଲାହ କହିଛନ୍ତି ଯେ ସେ ଏକ ବଡ଼ ଝଡ଼ ପରି ଶବ୍ଦ ହେବାରୁ ସେ ନିଦରୁ ଉଠି ପଡିଥିଲେ। ପରେ ସେ ପିଲାମାନଙ୍କ ପାଖକୁ ଦୌଡ଼ି ପଳାଇଥିଲେ। ସେ ମାତ୍ର ତିନି ଜଣଙ୍କୁ ବଞ୍ଚାଇ ପାରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କୁ ବଞ୍ଚାଇବା ପାଇଁ ଯାଉଥିବାବେଳେ କୋଠାଟି ଭୁଶୁଡି ତାଙ୍କ ଉପରେ ପଡ଼ି ଯାଇଥିଲା।

### ଶିକ୍ଷକ ଯୋଗ୍ୟତା...

ସମ୍ପର୍କିତ ଚୂଡ଼ାନ୍ତ ରାୟ ପାଇଁ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏହି ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଛି। ଓଡ଼ିଶା କ୍ଷେତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) କୁ ୨୦୧୧ ମସିହାରୁ ବାଧ୍ୟତାମୂଳକ କରାଯାଇଛି। ୨୦୧୨ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ଏଯାଏଁ ରାଜ୍ୟର ପ୍ରାୟ ୮୦ ହଜାରରୁ ଅଧିକ ଶିକ୍ଷକ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇନାହାନ୍ତି। କେବଳ ପଦୋନ୍ନତି ଆଶାୟୀ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବେ। ସମ୍ପ୍ରତି ଦୁଇବର୍ଷ ମଧ୍ୟରେ ଓଟିଇଟି (ଓଡ଼ିଶା କ୍ଷେତ୍ରରେ) ପାସ୍ କରିବାକୁ ରାୟ ଦେଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଭାଳେଣି ପଡ଼ିଛି। କିଛି ଶିକ୍ଷକ ୩ରୁ ଅଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଆଜିଠୁ ଦୁଇବର୍ଷ ମଧ୍ୟରେ ଓଟିଇଟି ପାସ୍ ନ କଲେ ଅନେକ ଚାକିରି ହରାଇବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଅପରପକ୍ଷରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି। ୨୦୧୩ ମସିହାଠାରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯିବ। ଫଳରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଚାକିରି ହରାଇବେ ବୋଲି ଆଇନଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷକ ସଂଗଠନ ରାୟକୁ ଦୁର୍ଭାଗ୍ୟଜନକ କହିବା ସହ ପୁନଃ ବିଚାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଥିବା କହିଛନ୍ତି।

### ୨୪ ଘଣ୍ଟାରେ...

ଦେବଗଡ଼ ୫୫ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪, ଝାରସୁଗୁଡ଼ାରେ ୧୭, ପାରଳାଖେମୁଣ୍ଡି ୩୩, ଖୋର୍ଦ୍ଧା ୩୧ ଓ ନବରଙ୍ଗପୁରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଲଘୁଚାପ ପରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସେପ୍ଟେମ୍ବର ୨ ରୁ ୪ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ୩୦-୪୦ କିଲୋମିଟର ଓ ଝଟକା ପବନ ଘଣ୍ଟାପ୍ରତି ୫୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏଥିପାଇଁ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୨୨ ମିମି ତୁଳନାରେ ବର୍ଷାର ପରିମାଣ ୫ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ୯ ଟି ଜିଲ୍ଲରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

### ୪ ଦିନିଆ ଦିଲ୍ଲୀ...

ଗଡ଼ି ଗଡ଼ି ଚାଲିଛି। ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବଢୁଥିବା ବେଳେ ଏ ଖବର ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଇଛି। ଏହି ସହମତି ପତ୍ରକୁ ନେଇ ମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏହା ଉପରେ ମୋହର ବାଜିପାରେ। ଯଦି ସବୁ ଠିକ୍‌ଠାକ୍ ରହେ ତାହେଲେ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ସେହିପରି ମୋହନଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ରାଜ୍ୟରେ ବିଜେପି ସଂଗଠନ ବୃଦ୍ଧି, ବୋର୍ଡ ନିଗମ ନିଯୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏନେଇ ସରକାର କିମ୍ବା ସଂଗଠନ ପକ୍ଷରୁ କିଛି କୁହାଯାଉନଥିବା ବେଳେ ଚଳିତ ଦିଲ୍ଲୀ ଗସ୍ତରେ ନିଶ୍ଚିତ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି।

ତିନିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସାକ୍ଷାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଥିଲା ତାହା ସୂଚନା ମିଳି ନ ଥିଲେ ହେଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଇଥିଲା। ମାତ୍ର ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ବୋଡର୍ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଗତ ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ଭୂମିକା ଓ କାର୍ଯ୍ୟକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ଖୁସି ନାହାନ୍ତି। ସେହିପରି ଅନେକ ମନ୍ତ୍ରୀଙ୍କ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇନାହିଁ। ବିଭିନ୍ନ ପ୍ରସଙ୍ଗରେ ସରକାର ବିବାଦକୁ ନିମନ୍ତ୍ରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ କରିଛନ୍ତି।

### ଥାନାରେ ଫିନାଇଲ୍...

ସେ ରୁମ୍ ଦେବାକୁ ମନା କରିଦେଇଥିଲେ। ଏଥିରେ ରାଗିଯାଇ ଦୁହେଁ ଲଜ୍ ମାଲିକଙ୍କ ସହ ଝଗଡ଼ା କରିବା ସହ ପରେ ଗୋପାଳପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ପୁଲିସ୍ ସବୁ ବିଷୟରେ ଅବଗତ ହେବା ପରେ ନାବାଳିକାଙ୍କ ପରିବାରଲୋକଙ୍କୁ ଥାନାକୁ ଡକାଇଥିଲା। ସେଠାରେ ପରିବାରଲୋକ ପହଞ୍ଚି ଝିଅକୁ ଆକଟ କରିଥିଲେ। ଏହାକୁ ନେଇ ପାଟିତୁଣ୍ଡ ହେବାରୁ ରାଗରେ ନାବାଳିକାଜଣଙ୍କ ଫିନାଇଲ୍ ପିଇ ଦେଇଥିବା କୁହାଯାଉଛି। ତେବେ ନାବାଳିକାଜଣଙ୍କ କେଉଁଠୁ ଫିନାଇଲ୍ ଆଣିଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ଅକ୍ସିଜେନ ଅଭାବରୁ...

ବାଧ୍ୟ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ ନ ଥିବାରୁ ମାତ୍ର ୨ କିମି ଯିବାପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳାଙ୍କ ମୃତ୍ୟୁ ହୋଇ ଯାଇଥିଲା। ତେଣୁ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିବା ସହ ଜଗତସିଂହପୁର ଥାନାରେ ଜିମା ଦେଇଥିଲେ। ଘଟଣା ପରେ ଆମ୍ବୁଲାନ୍ସ ଥାନାରେ ରହିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଛି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ସରୋଜ କୁମାର ଜେନା କହିଛନ୍ତି, ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ମିଳିବା ପରେ ତଦନ୍ତ କରାଯାଇ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ମୃତ ମହିଳାଙ୍କ ସ୍ୱାମୀ ପୀତାମ୍ବର ପଣ୍ଡା ଶେଷକୃତ୍ୟ ପାଇଁ ପୁରୀ ଯାଇଥିବାରୁ ଆସନ୍ତାକାଲି ଅର୍ଥାତ ୨ ତାରିଖରେ ସଦର ଥାନାରେ ଏତଲା ଦେବେ ବୋଲି କହିଛନ୍ତି। ଏଥିସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।


ବିଜ୍ଞାପିତ ଅଂଚଳ ପରିଷଦ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

ପଦ୍ମପୁର ବିଜ୍ଞାପିତ ଅଂଚଳ ପରିଷଦ ସହରବାସୀଙ୍କୁ ନୂଆଖାଇ ପର୍ବ ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟ ରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।

୧-ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨-ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩-ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪-ଗୃହପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୫-ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬-ପରିଷଦରେ ନୂତନ ଘର ନକ୍ସା ମଞ୍ଜୁର କରାଇ ଘର ନିର୍ମାଣ କରନ୍ତୁ।
୭-ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮- ବାହାରେ ମଳତ୍ୟାଗ କରନ୍ତୁ ନାହିଁ ଓ ନିଜ ନିଜ ଶୌଚାଳୟ ବ୍ୟବହାର କରନ୍ତୁ।

ଶ୍ରୀଯୁକ୍ତ ରାମ ଚନ୍ଦ୍ର ମାଝୀ,ଓ.ପ୍ର.ସେ(କନିଷ୍ଠ), ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର ଓ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
ଶ୍ରୀମତୀ ସାବିତ୍ରୀ ବାଗ, ଅଧ୍ୟକ୍ଷା, ବିଜ୍ଞାପିତ ଅଂଚଳ ପରିଷଦ,ପଦ୍ମପୁର



ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି
ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ (Dt.୩୧.୦୮.୨୦୨୫)
ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ
୧) ପରିଷଦର ସମସ୍ତ ଦେୟ ଯଥା :- ଘରଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।
୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

" କଣ୍ଟାବାଞ୍ଜି ସହର ଆପଣମାନଙ୍କର ଏହାର ସୁରକ୍ଷା ଦାୟୀତ୍ୱ ଆମସମସ୍ତଙ୍କର "

ଶ୍ରୀମତୀ ମନୋରମା ରାଉତ, ଉପାଧ୍ୟକ୍ଷା
ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧ୍ୟକ୍ଷ
ଶ୍ରୀଯୁକ୍ତ ବିଶନାଥ ଖାଲଖୋ, କାର୍ଯ୍ୟନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲର ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।



**AFFIDAVIT**

I, Mamta Agrawal, D/O - Brij Bhan Gupta, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha,declare by this affidavit No - 74AA131809, dated -30.08.2025,that now onwards I shall be known as **MAMTA AGARWAL** for all future purposes.

**AFFIDAVIT**

I, Minakshi Sahu, aged about 37 years, W/o-Sibaram Sahu, resident of At- Bada Sahi, Haridakhandi, Berhampur, Dist- Ganjam, Pin- 760002, Odisha declared by this affidavit No. 1763, dtd-29/08/2025 that now onwards I shall be known as **MEENAKSHI SAHU** for all future purposes.

**CHANGE OF NAME**

By virtue of an affidavit sworn before Executive Magistrate Bhubaneswar, dated 30/08/2025, I **AKSHAYA KUMAR SUKAL**, resident of Plot No-131/2699, Ekamra Vihar, Sundarpada, Po-Oldtown, PS-Airfield, Bhubaneswar, Dist-Khordha, Pin-751002, Odisha declare by this affidavit CF No.71/2025 that I have changed the name of my son from **Ayush Omkar** (old name) to **Ayush Omkar Sukla** (new name). Henceforth, he shall be known as **AYUSH OMKAR SUKLA** (new name) for all purposes.
**AKSHAYA KUMAR SUKAL**
Deponent

**AFFIDAVIT**

By virtue of an affidavit no. 5644, dtd. 25.08.2025 sworn before the Executive Magistrate, Bangonunda, Dist.- Balangir, I, Chanda Tahani, have changed my name from Chanda Yadav to Chanda Tahani. Henceforth I shall be known as **Chanda Tahani** for all purposes.
**Chanda Tahani**

**AFFIDAVIT**

I, Mohsina Parveen, W/o Mohammed Gouse, At-Pardeshipada,Po-Bhawanipatna,Ps-Town Bhawanipatna, Dist- Kalahandi, Pin- 766001, State- Odisha, declare by this affidavit No-1976, dated 30/08/2025 that now onwards I shall be known as Mohasina Parveen for all future purposes.
Sd- ( Mohasina Parveen )

**Notice (for Minor)**

By virtue of an affidavit sworn before The court of Executive Magistrate, Betnoti, Mayurbhanj, dated 01-08-2025 I, Biswanatha Hembram, AT- Gargadia (Dhadasahi, PO- Agria, PS-Baisinga, Dist- Mayurbhanj, PIN-757025 declare that I have changed the name,Date of birth, father's name, mother's name and adress of my grand daughter from Chandini Sing, Date of Birth 04.04.2010, D/O (L) Kundu Sing and (L) Gita Sing At Baliapita, PO: Durgapur, PS: Baisinga, Betnoti Block, Mayurbhanj District to Sukanti Hembram, Date of Birth 21.03.2011, D/O (L). Kundu Hembram ( Father), (L) Geeta Hembram ( Mother) At Gargadia ( Dhadasahi), PO; Agria, PS: Baisinga. Dist. Mayurbhanj PIN 757025, Odisha. Henceforth, she shall be known as Sukanti Hembram for all purposes.
**Biswanatha Hembram**

**AFFIDAVIT**

I, Ram Kumar Agrawal, S / O - Tara Chand Agarwal, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha, declare by this affidavit No - 74AA131808, dated - 30.08.2025, that now onwards I shall be known as **RAM KUMAR AGARWAL** for all future porpuses.

**AFFIDAVIT**

By virtue of an affidavit sworn before Executive Magistrate, Nayagarh, CF.NO-1/2, dated 14-11-2022 I, **PABANA LENKA,** S/o Late Matia Lenka permanent resident of Village At- Badagorada, PO- Sarankul, Dist-Nayagarh, State- Odisha, declare that I have changed my name from **PRANA NATH LENKA** (Old name) to **PABANA LENKA** (New name). Pabana Lenka & Prana Nath Lenka, S/o Late Matia Lenka is same & one person. Henceforth, I shall be known as **PABANA LENKA** for all future purposes.
Sd-( **PABANA LENKA** )

**AFFIDAVIT**

I KILLAMSETTY SIVARANJANI, W/o KILLAMSETTY JAIDEV (K.JAIDEV) resident of MAIN Road, Near Indian Book Store, Po/PS- Jeypore, Dist-Koraput, Odisha -764001, Odisha declare by this Affidavit No.3580, Dated - 29/08/2025, that now onwards I shall be known as **K SIBARANJANI** for all future purpose.

**AFFIDAVIT**

I, Somaresh Samal, aged about 51 years, S/o- Dipti Prakash Samal, resident of At-Kapaleswar, PO-Choudwar, Dist-Cuttack, Pin- 754071, Odisha declared by this affidavit No. 1784, dtd-01/09/2025 that now onwards I shall be known as **SAMARESH SAMAL** for all future purposes.

**AFFIDAVIT**

I, Vasudha, aged about 40 years, W/o- Sumit Mittal, resident of At-QTR NO- ME 101, Vedanta Meadows, Jharsuguda, Pin-768201, Odisha declare by this affidavit No. 07, dtd- 30/06/2025, that now onwards I shall be known as **VASUDHA SINGHAL** for all future purposes.

**AFFIDAVIT**

By virtue of an affidavit No. 7599 sworn before the Executive Magistrate, Jajpur, dated- 05/08/2025. I, **Shaikh Mustaque Ali**, S/o- Shaik Ahmed Ali, resident of Vill/Po- Adangapurus-ottampur, Ps- Jajpur Sadar, Dist- Jajpur, Odisha, Pin-755007, I have changed my name from **Shaikh Mustaque Ali** (Old name) to **Shaik Mustaque Ali** (New name) for all future purposes.



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025033, ତା.21.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ସମ୍ବନ୍ଧୀୟ ବିଦ୍ୟୁତୀକରଣ ଏବଂ ଦୂରସଂଚାର କାର୍ଯ୍ୟ ସହିତ ରିୟର ସାଇଡ୍ ଷ୍ଟେସନ ଭବନର ନିର୍ମାଣ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମର ନିର୍ମାଣ/ନବୀକରଣ, ବର୍ତ୍ତମାନର ସଂରଚନାକୁ ଭାଙ୍ଗିବା ଏବଂ ସ୍ଥାନାନ୍ତର କରିବା, ଉପଯୋଗୀ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ, ପରିଚଳନ କ୍ଷେତ୍ରର ଉନ୍ନୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4340.99 ଲକ୍ଷ, EMD : ₹ 23,20,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-90/CI/25-26



L-60
DIRECTORATE OF AGRICULTURE & FOOD PRODUCTION, ODISHA

**REQUEST FOR PROPOSAL**

**"Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 29523 Dated 30.08.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for the role of Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in.** from 02.09.2025. Last date for submission of proposals through e-procurement portal is 24.09.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

Sd/-
**Director of Agriculture & Food Production, Odisha**

PT2-DAFP-RTI-SG-0002-2024
OIPR-01102/11/0030/2526

### ନୟାଗଡ଼ ପୌର ପରିଷଦ; କରିତ୍‌କର୍ମା କର୍ମଚାରୀଙ୍କ କାରସାଦି

# ଜବରଦଖଲ କରି ସ୍ଥାୟୀ ଦୋକାନ ଗୃହ ନିର୍ମାଣ

ନୟାଗଡ଼,୧।୯ (ସମିସ)



**ବାରଣ ପରିବର୍ତ୍ତେ ସାହସ ଦେଇଛନ୍ତି କର୍ମଚାରୀ**
**ରାସ୍ତାପାର୍ଶ୍ୱ ଡ୍ରେନ୍ ଓ ସରକାରୀ ଜାଗା ଜବରଦଖଲ**
**ନିର୍ମାଣ ହେଲା କିପରି, ଭଡ଼ା ନେଉଛି କିଏ ?**

ନୟାଗଡ଼ ସହର ବୁଲୁନାହାନ୍ତି ନିର୍ବାହୀ ଅଧିକାରୀ। ଦୈନିକ ଭୁବନେଶ୍ୱରରୁ କାର୍ଯ୍ୟାଳୟକୁ ଆସି ଭୁବନେଶ୍ୱର ଯାଉଛନ୍ତି। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ବି ନୟାଗଡ଼ ବିକାଶକୁ ଗୁରୁତ୍ୱ ଦେଉନାହାନ୍ତି। ନୟାଗଡ଼ ବିଧାୟକ ସ୍ୱାୟତ ଶାସନ ଦିବସରେ ତାଙ୍କ କ୍ଷୋଭ ଓ ଦୁଃଖ ପ୍ରକାଶ କରିବା ପରେ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ବିକାଶକୁ ପୌର ପରିଷଦ ଦଳି ମକଚି ଦେଇଥିବା ବେଳେ ଏବେ ବାଡ଼ ଫସଲ ଖାଇବା ଆରମ୍ଭ କରି ସାରିଲାଣି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନା ଦେବୋତ୍ତର କଲୋନୀ ୪ର୍ଥ ଲେନ୍ ରାସ୍ତା ପାଶ୍ୱର୍ରେ ସରକାରୀ ଜାଗା ଓ ଡ୍ରେନ୍ ଜବରଦଖଲ କରି ୪ଟି ଦୋକାନ ଗୃହ ନିର୍ମାଣ ହୋଇଛି। ଏହି ସ୍ଥାୟୀ ଦୋକାନ ଗୃହ କେଉଁ ଭଳି ଭାବେ ନିର୍ମାଣ ହେଲା ଏବଂ କିଏ ଏହାକୁ ପ୍ରୋତ୍ସାହନ ଦେଇଛି, ତାକୁ ନେଇ ସହରବାସୀଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ନୟାଗଡ଼ ପୌର ପରିଷଦ କିଛି ନେତା ଏବଂ ଜୈନିକ କରିତକର୍ମା କର୍ମଚାରୀ ଏହାକୁ ପ୍ରୋତ୍ସାହନ ଦେଇଥିବା ଚର୍ଚ୍ଚା ହେଉଛି। ଏହି ଦୋକାନ ଗୃହ ଜବରଦଖଲ କରି ନିର୍ମାଣ କରାଯିବା ପଛରେ ୧୦ ଲକ୍ଷ ଟଙ୍କାର ଭିତିରିଆ କାରବାର ହୋଇଥିବା ଆଲୋଚନା ହେଉଛି। ନୟାଗଡ଼ ଭଞ୍ଜନଗର ମୁଖ୍ୟ ରାସ୍ତା ନୟାଗଡ଼ କଲେଜ ସାମ୍ନାରେ ୧ ଡେସିମିଲି ଜମିର ମୁଖ୍ୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଦେବୋତ୍ତର କଲୋନୀ ୪ର୍ଥ ଲେନ୍ ଡ୍ରେନ୍ ପାଖକୁ ଲାଗି ୨ ଡେସିମିଲିରୁ ଉର୍ଦ୍ଧ୍ୱ ସରକାରୀ ଜାଗା ରହିଥିଲା। ଏଠାରେ ଅତ୍ୟନ୍ତ ଚତୁରତାର ସହ ଦୋକାନ ଗୃହ ନିର୍ମାଣ କରି ଦୁଇଟି ଭଡ଼ାରେ ଲଗା ସରିଛି। ଗୋଟିଏ ଦୋକାନ ଗୃହ ଅଧପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ୩ଟିର ନିର୍ମାଣ ଯେନତେନ ଶେଷ ହୋଇଛି। ଦୀର୍ଘଦିନ ଧରି ଅଳ୍ପ ଅଳ୍ପ କରି ଦୋକାନ ଗୃହକୁ ଲୁଚାଇ ନିର୍ମାଣ କରାଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି। ସହରର ମୁଖ୍ୟ ସ୍ଥାନରେ ସରକାରୀ ଜାଗା ଓ ଡ୍ରେନକୁ ମଡ଼ାଇ ଦୋକାନ ଗୃହ ନିର୍ମାଣ କରାଯିବା ପ୍ରସଙ୍ଗ ପୌରନିର୍ବାହୀ ଅଧିକାରୀ ଜାଣିଛନ୍ତି ନାଁ ଜାଣି ନ ଜାଣିବା ଅବସ୍ଥାରେ ରହିଛନ୍ତି, ତାହା ମଧ୍ୟ ପ୍ରଶ୍ନବାଚୀ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ କିଛି ବ୍ୟକ୍ତି ଡାହାଣି ହୋଇ ଲାଗିଥିବା ଏବଂ ଗୁଣିଆ ହୋଇ ଝାଡୁଥିବା ନୀତିରେ ରହିଛନ୍ତି। ନୟାଗଡ଼ ସହରରେ ଜବରଦଖଲ ବୃଦ୍ଧି ପାଉଥିବା ବେଳେ ପୌର ପରିଷଦ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ସରକାରୀ ଜମିକୁ କିଛି ନେତା ଓ କର୍ମଚାରୀ ପରୋକ୍ଷ ପ୍ରୋତ୍ସାହନ ଦେଇ ବିକ୍ରି କରୁଛନ୍ତି। ଫଳରେ ନୟାଗଡ଼ ସହରର କୌଣସି ସ୍ଥାନ ସରକାରୀ ଅଫିସ, ନ୍ୟାୟାଳୟ କିମ୍ବା କୌଣସି ଜନହିତକର କାର୍ଯ୍ୟ ପାଇଁ ଆବଶ୍ୟକ ହେଲେ ଖୋଜିବାକୁ ପଡୁଛି। ନୟାଗଡ଼ କଲେଜ ସାମ୍ନାରେ ଜବରଦଖଲ ହୋଇଥିବା ସ୍ଥାନରେ ଏକ କାର୍ଯ୍ୟାଳୟ ନିର୍ମାଣ କରାଯାଇପାରିଥାନ୍ତି। କିମ୍ବା ପୌର ପରିଷଦ ଅଧୀନରେ ମାର୍କେଟ ନିର୍ମାଣ କରି ଆୟ ବୃଦ୍ଧି ହୋଇପାରିଥାନ୍ତା। ମାତ୍ର ଏହାକୁ କିଛି ବ୍ୟକ୍ତି ଜବତଦଖଲ କରି ଦୋକାନ ଗୃହ ନିର୍ମାଣ କରିବା ଘଟଣା ସହରବାସୀଙ୍କୁ ଚିନ୍ତାରେ ପକାଇଛି। ପୌର ପ୍ରଶାସନ ସହର ବିକାଶ ପାଇଁ କାର୍ଯ୍ୟ କରୁଛି, ନାଁ ବିନାଶ ପାଇଁ କାର୍ଯ୍ୟ କରୁଛି ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି କଲେଜ ସାମ୍ନାରେ ନିର୍ମାଣ ହୋଇଥିବା ବେଆଇନ ଦୋକାନ ଗୃହ ଭାଙ୍ଗିବାକୁ ଦାବି ହେଉଛି। ନତୁବା ଉଭୟ କଂଗ୍ରେସ ଓ ବିଜେଡି ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ନୟାଗଡ଼,୧।୯ (ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଜନଶୁଣାଣିରେ ମୋଟ ୧୧୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ତାହା ମଧ୍ୟରୁ ୯୮ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ୮ଟି ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଆଦେଶ ଦିଆଯାଇଛି। ୨୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସୂଚନା ମିଳିଛି।

## ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

ଗଣିଆ,୧।୯ (ସମିସ): ନିଜର ଡ୍ୟୁଟି ଠିକ୍‌ରେ ନକରିବା ଏବଂ ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଜଣେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି ବ୍ଲକ ଶିକ୍ଷା ଅଧିକାରୀ। ଏ ଘଟଣା ଜଣାପଡ଼ିବା ପରେ ଗଣିଆ ବ୍ଲକ ଶିକ୍ଷକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଘଟଣାରୁ ଜଣାପଡିଛି ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାଶଙ୍କ ନାମରେ ଅନେକ ଅଭିଯୋଗ ହୋଇଥିଲା। ଡ୍ୟୁଟି ଠିକରେ ନକରିବା, ସରକାରୀ ଅର୍ଥ ହେରଫେର କରିବା, ବିଦ୍ୟାଳୟର କାଗଜପତ୍ର ଠିକ୍ ନକରିବା ଆଦି ଅଭିଯୋଗ ପରେ ଉକ୍ତ ଗ୍ରାମର ଗ୍ରାମବାସୀ ଗତବର୍ଷ ଅକ୍ଟୋବର ମାସ ୧୯ ତାରିଖରେ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ପରିସରରେ ତାଲା ପକାଇଥିଲେ। ଘଟଣାସ୍ଥଳରେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ସେଠାରୁ ମୁକୁଳାଇବା ସହିତ ତାଙ୍କୁ ଡେପୁଟେସନରେ ରାଇଗାଡିଆ ବିଦ୍ୟାଳୟକୁ ପଠାଯାଇଥିଲା। ତେବେ ଏ ନେଇ ଗ୍ରାମବାସୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାଶଙ୍କୁ ନିଲମ୍ବନ କରିଥିବା ଜଣାପଡିଛି। ନିଲମ୍ବନ ସମୟରେ ସେ ରାଇଗାଡିଆ ବିଦ୍ୟାଳୟରେ ନିଜର ହାଜିରା ପକାଇବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି।

## ଚକ୍ଷୁ ଚିକିତ୍ସା ଶିବିର ଓ ଚଷମା ବଣ୍ଟନ




ଗଣିଆ,୧।୯ (ସମିସ): ଗଣିଆ ପ୍ରେସ୍ କ୍ଲବ ଓ ଗଣିଆ ଶିଶୁ ରାଇଜ ଆନୁକୂଲ୍ୟରେ କଟକ ଅର୍ବାନ ମେଡିକାଲ ତରଫରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଓ ଚଷମା ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ଗଣିଆ ଶିଶୁ ରାଇଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୫୫ରୁ ଅଧିକ ରୋଗୀ ଉପସ୍ଥିତ ରହି ନିଜର ଆଖି ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ପ୍ରାୟ ୨୨ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିବା ବେଳେ ୪ ଜଣଙ୍କୁ ଅପରେସନ ପାଇଁ କଟକ ଅର୍ବାନ ମେଡିକାଲକୁ ନିଆଯାଇଥିବା ଜଣାପଡିଛି। ଏହି ଶିବିରରେ ଟେକ୍ନିସିଆନ ସ୍ୱୟଂମ ପ୍ରକାଶ ପାଣି, ସଞ୍ଜିବ କୁମାର ମହାପାତ୍ର, ପ୍ରଶାନ୍ତ ପ୍ରଧାନ, କନକଲତା ପ୍ରଧାନ, ହାରାମଣି ଜେନା, କାମଦେବ ଲେଙ୍କା, ଗଣିଆ ପ୍ରେସ୍ କ୍ଲବ୍ ସଭାପତି ଦେବୀ ପ୍ରସାଦ ଦାଶ, ଶିଶୁ ରାଇଜ ସଭାପତି ଆନନ୍ଦଚନ୍ଦ୍ର ବେହେରା, ସମ୍ପାଦକ ସରୋଜ କୁମାର ଦାଶ, ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ, ସାମ୍ବାଦିକ ଚିତ୍ତରଞ୍ଜନ ମିଶ୍ର, ସାମ୍ବାଦିକ ଜ୍ଞାନୀ ପ୍ରକାଶ ସେନାପତି, ସୁବ୍ରତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସନ୍ତାକାଲି କିଶୋର ପ୍ରସାଦ ପଞ୍ଚାୟତରେ ଏବଂ ବୁଧବାର ଆଡକଟା ପଞ୍ଚାୟତ କାର୍ଯ୍ୟାଳୟରେ ଏହି ଶିବିର ଆୟୋଜନ ହେବ ବୋଲି ପ୍ରେସ କ୍ଲବ ସଭାପତି ପ୍ରକାଶ କରିଛନ୍ତି।

## ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ

ଗଣିଆ,୧।୯ (ସମିସ): ଗଣିଆ ଡ. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମଳୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଭିଭାବକ ସମ୍ମିଳନୀରେ ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ପଦାର୍ଥ ବିଜ୍ଞାନର ମୁଖ୍ୟ ବିଜୟ କୁମାର ଦାସ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଦେବାଶିଷ ନାୟକ, ରସାୟନ ବିଜ୍ଞାନ ମୁଖ୍ୟ ଡ. ଶ୍ରୀକାନ୍ତ ଶେଖର ସେଠୀ, ଓଡ଼ିଆ ବିଭାଗ ମୁଖ୍ୟ ଜିତେନ୍ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପିଲାଙ୍କୁ ମୋବାଇଲ ମୋହ ଛାଡ଼ି ପ୍ରତ୍ୟେକ ଦିନ କଲେଜ୍ ଆସିବାକୁ ଆହ୍ୱାନ କରିଥିବା ବେଳେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ସଚେତନ ଅଭିଭାବକ ଓ ସଚେତନ ଛାତ୍ରଛାତ୍ରୀ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ବିଭାଗୀୟ ମୁଖ୍ୟ ଜିତେନ୍ ପାଣିଗ୍ରାହୀ ପରିଚାଳିତ କରୁଥିବା ବେଳେ, ମହାବିଦ୍ୟାଳୟର ମୁଖ୍ୟ କିରାଣୀ ବୈକୁଣ୍ଠ ନାଥ ସାହୁ ଏହାର ମୁଖ୍ୟ ସହଯୋଗୀ ଥିଲେ। ଉକ୍ତ ଶିକ୍ଷାନୁଷ୍ଠାନ ଖୁବ୍ କମ୍ ଦିନ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଆଶାତୀତ ସଫଳତା ଲାଭକରି ଲୋକପ୍ରିୟତା ହାସଲ କରିପାରିଛି।

### ଦେଓଗାଁ ଭାଲିଆଡିହି ରାସ୍ତା ନିର୍ମାଣ ଦାବି

## ଧାରଣା ଦେଲେ ଗ୍ରାମବାସୀ



ନୟାଗଡ଼,୧।୯ (ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ୍ ପାଣ୍ଡେରିପଡା ଗ୍ରାମ ପଞ୍ଚାୟତ ଦେଓଗାଁଠାରୁ ଭାଲିଆଡିହି ରାସ୍ତା ନିର୍ମାଣରେ ଅହେତୁକ ଅବହେଳା ପ୍ରତିବାଦରେ ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଦୁର୍ଗାମଣ୍ଡପଠାରେ ଧାରଣାରେ ବସିଥିଲେ। ସ୍ୱାଧୀନତାର ୭୬ ବର୍ଷ ପରେ ବି ଗାଁକୁ ପକ୍କା ରାସ୍ତା ନହେବା ନୟାଗଡ଼ ପାଇଁ ଲଜ୍ଜା ଓ ସରକାର ଅସହାୟକୁ ପରିପ୍ରକାଶ କରିଛି। ରାସ୍ତା ହେବା ନେଇ ଓଡ଼ଗାଁ ତହସିଲଦାର ତାଙ୍କର ଚିଠିରେ ଜୁନ୍ ୯ ତାରିଖରେ ଉପଯୁକ୍ତ ନକ୍ସା ଏବଂ ରାସ୍ତା ପାଇଁ କାଗଜପତ୍ର ପୂର୍ତ୍ତ ବିଭାଗକୁ ପ୍ରଦାନ କରିଛନ୍ତି। ଏନେଇ ପ୍ରଥମେ ଗତ ଜୁନ୍ ୧୮ ତାରିଖରେ ପୂର୍ତ୍ତବିଭାଗ, ଅଧୀକ୍ଷଣ ଯନ୍ତ୍ରୀଙ୍କୁ ରାସ୍ତା କରିବା ନେଇ ଲିଖିତ ଅନୁରୋଧ କରାଯାଇଥିଲା। ପୂର୍ତ୍ତବିଭାଗ ଯନ୍ତ୍ରୀ ତାଙ୍କର କାର୍ଯ୍ୟାଳୟ ମେମୋ ନଂ ୧୦୯୧୮ ରେ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ବିଭାଗୀୟ ପଦକ୍ଷେପ ନେବା ପାଇଁ ଚିଠି କରିଥିଲେ। ଏହା ସତ୍ତ୍ୱେ ରାସ୍ତା ନହେବାରୁ ପୁନର୍ବାର ଗତ ଜୁଲାଇ ୧ ତାରିଖରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପୁଣି ଲିଖିତ ଅନୁରୋଧ କରାଯାଇଥିଲା। ରାସ୍ତା ପାଇଁ ସମସ୍ତ କାଗଜପତ୍ର, ତହସିଲଦାରଙ୍କ ନକ୍ସା ଥିଲେ ମଧ୍ୟ କାର୍ଯ୍ୟାରମ୍ଭ ହେଲାନାହିଁ। ଏଣୁ ଗ୍ରାମବାସୀ ଜୁଲାଇ ୭ ତାରିଖ ଦିନ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଦାବିପତ୍ର ପ୍ରଦାନ କରିଥିଲେ। ତା'ପରେ ମଧ୍ୟ ରାସ୍ତା କାର୍ଯ୍ୟ ଆରମ୍ଭ ନହେବାରୁ ପୁଣି ଗତ ଜୁଲାଇ ୨୮ ତାରିଖ ଓଡ଼ଗାଁଠାରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରି ପୁନର୍ବାର ଦାବିପତ୍ର ପ୍ରଦାନ କରିଥିଲେ। ତଥାପି କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଗତ ଅଗଷ୍ଟ ୮ ତାରିଖ ଜନଶୁଣାଣିରେ ଦାବିପତ୍ର ପ୍ରଦାନ କରିଥିଲେ। ତଥାପି ରାସ୍ତା ନିର୍ମାଣ ପାଇଁ କୌଣସି ସଠିକ ସୂଚନା ନ ପାଇବାରୁ ଗ୍ରାମବାସୀ ଆଜି ନୟାଗଡ଼ ଦୁର୍ଗାମଣ୍ଡପଠାରେ ଧାରଣା ଦେଇଥିବା ଗ୍ରାମର ଦିଲ୍ଲୀପ କୁମାର ବିଶୋଇ ସୂଚନା ଦେଇଛନ୍ତି। ତେବେ ରାତି ୧୦ ଘଟିକା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଗତବର୍ଷଠାରୁ ଅଧିକ ଚାଷୀ ପଞ୍ଜୀକରଣ

ନୟାଗଡ଼,୧।୯ (ସମିସ): ନୟାଗଡ଼ ଜିଲ୍ଲାରେ ଚଳିତ ଖରିଫ୍ ଋତୁ ଧାନ ବିକ୍ରି ପାଇଁ ଧାନ ପଞ୍ଜୀକରଣ ଶେଷ ହୋଇଛି। ଗତବର୍ଷଠାରୁ ଚଳିତ ବର୍ଷ ଧାନ ପଞ୍ଜୀକରଣ କରିଥିବା ଚାଷୀ ସଂଖ୍ୟା ଜିଲ୍ଲାରେ ବୃଦ୍ଧି ପାଇଥିବା ଜିଲ୍ଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ଚଳିତ ବର୍ଷ ୫୭ ହଜାର ୯୭୨ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସଂଖ୍ୟା ୫୩ ହଜାର ରହିଥିଲା। ଚଳିତ ବର୍ଷ ସଂଖ୍ୟାରେ ବୃଦ୍ଧି ପାଇଥିଲେ ମଧ୍ୟ ଅନେକ ଚାଷୀ ସାଜି ଜମି ପାଇଁ ପଞ୍ଜିକରଣରୁ ବାଦ ପଡ଼ିଥିବା ଜଣାପଡ଼ିଛି।

### ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଗୋଷ୍ଠୀ କନ୍ଦଳ ଘଟଣା

## ବିଚାର ବିଭାଗୀୟ ହାଜତକୁ ଗଲେ ୫ ଅଭିଯୁକ୍ତ

ଓଡଗାଁ,୧।୯ (ସମିସ): ଓଡ଼ଗାଁ ବସ୍‌ଷ୍ଟାଣ୍ଡ ଗଣେଶ ପୂଜା ଉପଲକ୍ଷେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକ ସାହିର ପିଣ୍ଟୁ ନାୟକଙ୍କୁ ମରଣାନ୍ତକ ଆକ୍ରମଣର ଘଟଣାର ୫ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲେ। ଜାମିନ୍ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମାନେ ହେଲେ ଓଡ଼ଗାଁ ବୈଦେହୀଶ ପାଠାଗାର ରାମ ସାଗର ରୋଡ ସାହି ବିଜୟ ବେହେରା(୪୭), ବିକାଶ ବେହେରା(୨୬), ଆକାଶ ବେହେରା(୧୮), ଟୁନା ଓରଫ୍ କୃଷ୍ଣଚନ୍ଦ୍ର ବେହେରା(୫୦), ଧିରେନ ବେହେରା(୨୫)। ଘଟଣାର ତଦନ୍ତ ବେଳେ ଅନ୍ୟତମ ଅଭିଯୁକ୍ତ ଲକ୍ଷ୍ମୀ ବେହେରାଙ୍କ ନାମ ବାଦ୍ ଦିଆଯାଇଥିଲା। ମେଲୋଡ଼ି ପ୍ରୋଗ୍ରାମ ଚାଲିଥିଲା ବେଳେ ଆକାଶ ବେହେରା ମଞ୍ଚ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ପିଣ୍ଟୁ ନାୟକ ଆକାଶକୁ ଅଟକାଇଥିଲା। ଆକାଶ ଉତ୍ତ୍ୟକ୍ତ ହୋଇ ପିଣ୍ଟୁକୁ ଚାପୁଡ଼ା ମାରିଥିଲ। ପୁଲିସ୍ ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। କାର୍ଯ୍ୟକ୍ରମ ସରିବା ପରେ ପିଣ୍ଟୁ ଯାଇ ଆକାଶର ଘର ସାମନାରେ ପାଟିତୁଣ୍ଡ କରିଥିଲା। ସେତିକି ବେଳେ ଆକାଶ ସହିତ ତା'ର ପରିବାର ଲୋକେ ମିଳିତ ଭାବେ ପିଣ୍ଟୁକୁ ଆକ୍ରମଣ କରିଥିଲେ। ମାରଣାସ୍ତ୍ର ଚୋଟରେ ପିଣ୍ଟୁ ମୁଣ୍ଡର ୩ଟି ସ୍ଥାନରେ ଗଭୀର ଆଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାକୁ ଓଡ଼ଗାଁ, ନୟାଗଡ଼, ଭୁବନେଶ୍ୱର ଏବଂ ପରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏବେବି ପିଣ୍ଟୁର ସ୍ୱାସ୍ଥ୍ୟ ଉଦ୍‌ବେଗ ଜନକ ରହିଛି ବୋଲି ଓଡ଼ଗାଁ ଥାନା ତଦନ୍ତକାରୀ ସବ୍‌ଇନ୍ସପେକ୍ଟର ଚକ୍ରଧର ସିଂହଙ୍କ ଠାରୁ ପ୍ରକାଶ।

### ଘୋଡାମାରୀ ଦ୍ୱାର ଗାଁ ପାଇଁ କାଳ ସାଜିଛି ଦୂଷିତ ପାଣି

## ଆକ୍ରାନ୍ତ ହୋଇ ମରିଛନ୍ତି ଏକାଧିକ ଲୋକ




ଖଣ୍ଡପଡ଼ା, ୧।୯ (ସମିସ): ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ସିଧାମୂଳା ପଞ୍ଚାୟତ ଅଧୀନ ଘୋଡାମାରୀଦ୍ୱାର ଗାଁର ଲୋକମାନଙ୍କୁ କିଡ୍‌ନୀ ରୋଗ ପିଛା ଛାଡୁନି। ଏଭଳି ମାରାତ୍ମକ ରୋଗରେ ପୂର୍ବରୁ ପଚାଶରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଜଣାଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଗ୍ରାମର ଏକାଧିକ ଲୋକ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଈଶ୍ୱର ପ୍ରଧାନଙ୍କୁ ଡାକ୍ତର ଫେରାଇ ଦେଇଥିବା ସହ ସେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ତେବେ କିଡ୍‌ନୀ ରୋଗ ଯୋଗୁଁ ଗ୍ରାମରେ ମହାମାରୀ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଉଚ୍ଚ ସ୍ତରୀୟ ପଦକ୍ଷେପ ନିଆଯାଉନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗାଁରେ ନଳକୂପର ପାନୀୟ ଜଳ ଦୂଷିତ ଯୋଗୁଁ ଏହି ରୋଗ ଲୋକଙ୍କୁ ଆକ୍ରାନ୍ତ କରୁଥିବା ଜଣାପଡିଛି। ତେବେ ଏସବୁ ସତ୍ତ୍ୱେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଗୁରୁତ୍ୱ ଦେଉନଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଗତବର୍ଷ ଏହି ପାଣି ସଂପର୍କରେ ଅଭିଯୋଗ କରିବାରେ ମାତ୍ର ଦୁଇ ଦିନ ପାଇଁ ପାଇପ ଯୋଗେ ଗାଁକୁ ପାଣି ଦିଆଯିବା ପରେ ବନ୍ଦ କରାଯାଇଥିଲା। ସେହିପରି ଗତ ୧୧ ତାରିଖରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ଉପସଭାପତି, ବରିଷ୍ଠ ସାମ୍ବାଦିକ ତଥା ମାନବିକ ଅଧିକାର କର୍ମୀ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପରେ ବ୍ଲକ୍ ପ୍ରଶାସନ ସମସ୍ୟା ଉପରେ ଆଲୋଚନା କରିଥିଲେ ସୁଦ୍ଧା ଅଦ୍ୟାବଧି ସ୍ୱଚ୍ଛ ପାନୀୟ ଜଳ ସମସ୍ୟା ଉପରେ କୌଣସି ପଦକ୍ଷେପ ନିଆଯାଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ନଳକୂପ ପାଣି ଦୂଷିତ କିନ୍ତୁ ପାନୀୟ ଜଳ ବିଭାଗ ନୟଗଡ ପାଣିକୁ ପରୀକ୍ଷା କରି ପାଣି ଭଲ ବୋଲି ଏଡ଼ାଇ ଯାଇ ନୀରବ ରହିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଲୋକେ ପିଉଥିବା ପାଣି ଯଦି ସ୍ୱଚ୍ଛ ତାହେଲେ କିଡିନ ଭଳି ମାରାନକ ରୋଗ ବ୍ୟାପୁଛି କିଭଳି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ହେଲା ଜିଲ୍ଲା ପ୍ରଶାସନ ଏସବୁ ଜାଣି ମଧ୍ୟ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇ ଲୋକଙ୍କ ଜୀବନ ସହ ଖେଳୁଛନ୍ତି। ଏବେ ଠାରୁ ଯଦି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆ ନଯାଏ ଆହୁରି ଅନେକ ଜୀବନ ଅକାଳରେ ଚାଲିଯିବାର ସମ୍ଭାବନା ରହିଛି। ଖୁବଶୀଘ୍ର ଏହି ସମସ୍ୟା ର ପ୍ରତିକାର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରହିଛି।

### ● ବାହାଡ଼ାଝୋଲାକୁ ବ୍ଲକ୍ ମାନ୍ୟତା ଦାବି

## ସାଂସଦଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

ଓଡଗାଁ,୧।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ ବାହାଡାଝୋଲା ଅଞ୍ଚଳର ୬ ଗୋଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ ନିମନ୍ତେ ପ୍ରସ୍ତାବିତ ବାହାଡାଝୋଲା ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସୋମବାର ଭୁବନେଶ୍ୱର ଓୟୁଏଟି ଅତିଥି ଭବନରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କୁ ଭେଟି ୨ ହଜାରରୁ ଅଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୂଆଗାଁ ବ୍ଲକ ବାହାଡାଝୋଲା ଅଞ୍ଚଳର ୬ ଗୋଟି ପଞ୍ଚାୟତ ମଧ୍ୟରେ ବଣ ପାହାଡ଼ ଘେରା ମାଳ ଭୂମିରେ ପରିପୂର୍ଣ୍ଣ ବିଶାଳ ଆୟତନ ମଧ୍ୟରେ ରହିଥିବା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଅଧିବାସୀଙ୍କ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଗୁଡିକ ପହଞ୍ଚିବାରେ ବିଳମ୍ବ ହେଉଛି। ଭୌଗୋଳିକ ଦୃଷ୍ଟି କୋଣରୁ ଏହି ଅଞ୍ଚଳଟି ଯୋଗାଯୋଗ ଓ ଗମନାଗମନ କ୍ଷେତ୍ରରେ ପଛୁଆ ରହିଛି। କାପ୍ତାପଲ୍ଲୀ ଆଦିବାସୀ ବହୁଳ ପଞ୍ଚାୟତର ମକରାପଲ୍ଲୀ ଠାରୁ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପ୍ରାୟ ୫୦ କିଲୋମିଟରରୁ ଅଧିକ ହୋଇଥିବାରୁ ସାଧାରଣ ଲୋକଙ୍କ ସମସ୍ୟା ଓ ଅଭିଯୋଗ ପ୍ରଶାସନ ନିକଟରେ ପହଞ୍ଚିବା ସମ୍ଭବପର ହେଉନାହିଁ। ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିଲେ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାର ସୁଫଳ ସେମାନେ ପାଇବା ସହଜ ହୋଇପାରନ୍ତା। ଏହିଭଳି ଅନେକ ସମସ୍ୟାର ନିରାକରଣ ନିମିତ୍ତ କ୍ରିୟାନୁଷ୍ଠାନ କମିଟି ସଭାପତି ସମାଜସେବୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଉପ ସଭାପତି ଭୀମସେନ ସେଠୀ, ସମ୍ପାଦକ ତଥା ସାଂସଦଙ୍କ ପ୍ରତିନିଧି ପ୍ରସାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ଡ. ରତିକାନ୍ତ ସାମଲ, ଅଶୋକ କୁମାର ମହାପାତ୍ର, ସୁଶାନ୍ତ କୁମାର ସାହୁ, ବିଜୟ କୁମାର ସାହୁଙ୍କ ସହିତ ଅଞ୍ଚଳର ବହୁ ବୁଦ୍ଧିଜିବୀ ସାଂସଦଙ୍କୁ ଭେଟି ଦାବି ଜଣାଇଥିଲେ।



### ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ହତ୍ୟାକାଣ୍ଡ

## ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତାରୋକ

ଭାପୁର,୧।୯ (ସମିସ)



**● ଥାନାରେ ତିନି ଅଟକ; ପାଥପୁର ପୁରୁଷଶୂନ୍ୟ**

**● ଡିଜେ ଗଲା କୁଆଡ଼େ, ବିଗୁଡୁଛି ଆଇନଶୃଙ୍ଖଳା**

ନୟାଗଡ଼ ଜିଲ୍ଲା ଫତେଗଡ ଥାନା ଗୋଳାପୋଖରୀ ପଞ୍ଚାୟତ କରଡାପଲ୍ଲୀ ଗ୍ରାମରେ ପଡୋଶୀ ପାଥପୁର ଗ୍ରାମର ଯୁବକଙ୍କ ଦ୍ୱାରା ହେଉଥିବା ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ କରଡାପଲ୍ଲୀ ଗ୍ରାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଭାପୁର ବଜାରରେ ଶବ ରଖି କରଡାପଲ୍ଲୀ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ପୁଲିସ ଉଚ୍ଚ ପଦାଧିକାରୀମାନେ ଦୃଢ ପଦକ୍ଷେପ ନେବାର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରବିବାର ରାତିରେ ପାଥପୁର ଗ୍ରାମର ଯୁବକମାନେ ଡିଜେ ବଜାଇ ପଡୋଶୀ କରଡାପଲ୍ଲୀ ଗ୍ରାମ ମଧ୍ୟରେ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା କରିବା ସମୟରେ ଏହାକୁ କରଡ଼ାପଲ୍ଲୀ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ଧସ୍ତାଧସ୍ତି ହୋଇ କରଡାପଲ୍ଲୀ ଗ୍ରାମର ହରିହର ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ସୋମବାର କରଡାପଲ୍ଲୀ ଗ୍ରାମବାସୀ ଭାପୁର ଡାକ୍ତରଖାନା ଛକରେ ଶବ ରଖି ଟାୟାର ଜାଳି ରାସ୍ତା ରୋକ କରିଥିଲେ। ଖବରପାଇ ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡା ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରା ଲୋକଙ୍କୁ ବୁଝାବୁଝି କରାଇ ଧାରଣା ପ୍ରତ୍ୟାହୃତ କରାଇଥିଲେ। ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି। ଏହି ହତ୍ୟାକାଣ୍ଡ ପରେ ଅନେକ କଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସବୁବର୍ଷ କରଡାପଲ୍ଲୀ ଗ୍ରାମବାସୀମାନେ ପାଥପୁର ଗ୍ରାମବାସୀଙ୍କ ପ୍ରସେସନକୁ ବିରୋଧ କରୁଥିଲା ବେଳେ କାହିଁକି ପାଥପୁର ଯୁବକମାନେ ଏବର୍ଷ ପ୍ରସେସନ ନେଇଥିଲେ। ଏ ନେଇ ପୁଲିସ ଅବଗତ ଥିଲା କି ନାହିଁ। ସବୁବର୍ଷ ପାର୍ବଣ ପୂର୍ବରୁ ଖଣ୍ଡପଡା ଏସ୍‌ଡିପିଓ ଫତେଗଡ ଥାନାରେ ଡିଜେ ମାଲିକ, ପୂଜା କମିଟିର କର୍ମକର୍ତ୍ତା ଓ ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କୁ ନେଇ ପାର୍ବଣ ସୁରୁଖୁରୁରେ ସମ୍ପନ୍ନ ପାଇଁ ବୈଠକ ହେଉଥିଲା ବେଳେ ଏବର୍ଷ କାହିଁକି ବୈଠକ ହେଲାନାହିଁ। ଏହି ହତ୍ୟାକାଣ୍ଡ ଘଟଣା ପରେ ଡିଜେ କୁଆଡେ ଗଲା। ମୃତକଙ୍କ ପୁଅ ରଶ୍ମିରଞ୍ଜନ ପାଥପୁର ଗ୍ରାମର ୫୦ ଜଣଙ୍କ ନାମରେ ଫତେଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପାଥପୁର ଗ୍ରାମର ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ନବୀନ ପଟ୍ଟନାୟକଙ୍କୁ ଶ୍ରେୟ: ରାଜେନ୍ଦ୍ର



ଟାଙ୍ଗୀ,୧।୯ (ସମିସ)

ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟାଙ୍ଗୀକୁ ନୋଟିଫାଏଡ୍ ଏରିଆ କାଉନ୍‌ସିଲ୍ ଘୋଷଣା କରିବା ପରେ ସୋମବାର ବିଭିନ୍ନ ସ୍ପଷ୍ଟୀକରଣକୁ ନେଇ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏହାସହ ଦୀର୍ଘ ୧୪ ମାସ ପୂର୍ବେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିଥିବାରୁ ସେ ଶ୍ରେୟର ପାତ୍ର ବୋଲି ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଏକ ପ୍ରମୁଖ ଅଞ୍ଚଳ। ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ପାଇଁ ୨୦୧୧ରେ ପରିକଳ୍ପନା କରାଯାଇଥିଲା। ଏହି ପରିକଳ୍ପନାକୁ ସାକାର କରିବା ପାଇଁ ୨୦୧୭ରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରଥମ ବୈଠକରେ ଟାଙ୍ଗୀକୁ ଏନ୍‌ଏସି କରିବା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ ଓ ପାରିପାର୍ଶ୍ୱିକ ଟାଙ୍ଗୀ ଏନ୍‌ଏସି ମାନ୍ୟତା ପାଇବା ପାଇଁ ଯଥାର୍ଥତା ଥିବାରୁ ୨୦୨୪ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିଥିଲେ। ଦୀର୍ଘ ୧୮ ମାସ ପରେ ଘୋଷିତ ହୋଇଥିବା ଏନ୍‌ଏସିକୁ କାର୍ଯ୍ୟକାରୀ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ କାର୍ଯ୍ୟକ୍ରମର ତ୍ୱରାନ୍ୱିତ କରିବା ପରିବର୍ତ୍ତେ ପୂର୍ବ ସରକାରଙ୍କ ଘୋଷଣାକୁ ପୁଣି ଦୋହରାଇ ଟାଙ୍ଗୀର ଜନସାଧାରଣଙ୍କୁ ଭୂଆଁ ବୁଲାଉଥିବା ଶ୍ରୀ ସାହୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମତବ୍ୟକ୍ତ କରିଛନ୍ତି। ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେୟ ତଥା ଧନ୍ୟବାଦର ପାତ୍ର ପାଇଁ ହକ୍‌ଦାର ବୋଲି ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ବିଜେଡି ବରିଷ୍ଠ କର୍ମକର୍ତ୍ତା ପ୍ରଦୀପ ମହାପାତ୍ର, ରମେଶ ବେହେରା, ଟାଙ୍ଗୀ ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁ, ପୂର୍ବତନ ସମିତିସଭ୍ୟ ସାନ୍ତନୁ ପ୍ରଧାନ, ମାନସ ବଳିଆରସିଂହ, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ଦିଲ୍ଲୀପ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ।

## ଏନ୍‌ଏସି ମାନ୍ୟତାରୁ ବଞ୍ଚିତ ବେଗୁନିଆ ଓ ବୋଲଗଡ଼

### ଅସନ୍ତୋଷ ବ୍ୟକ୍ତକଲେ ବିଧାୟକ; ରହିଛି ରାଜନୈତିକ ଅଭିସନ୍ଧି

ବେଗୁନିଆ,୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସରେ ଖୋର୍ଦ୍ଧା ଜିଲ୍ଲାରେ କେବଳ ଗୋଟିଏ ବ୍ଲକ୍ ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ବିଧିବଦ୍ଧ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଘୋଷଣା କରାଯାଇଥିଲା। ବେଗୁନିଆ ଓ ବୋଲଗଡ଼ ବ୍ଲକ୍ ଏନ୍‌ଏସି ପାଇଁ ସମସ୍ତ ପ୍ରକାର ଯୋଗ୍ୟତା ଥିଲେ ମଧ୍ୟ ବାଦ୍ ପଡ଼ିଥିବାରୁ ବିଧାୟକ ପ୍ରଦୀପ କୁମାର ସାହୁ ଓ ଉଭୟ ବ୍ଲକ୍‌ର ଜନସାଧାରଣଙ୍କୁ ନିରାଶ ହେବାକୁ ପଡ଼ିଛି। ଯାହାକି ଦୀର୍ଘଦିନ ଧରି ଉଭୟ ବ୍ଲକ୍‌କୁ ଏନ୍‌ଏସି ଘୋଷଣା କରିବା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲା। ୨୦୨୪ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ବ୍ଲକ୍‌ର ଗୁରୁତ୍ୱକୁ ଉପଲବ୍‌ଧି କରି ଏନ୍‌ଏସି ଘୋଷଣା କରିବା ସହ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ କରିଥିଲେ। ବର୍ତ୍ତମାନ ରାଜ୍ୟରେ ବିଜେପି ଶାସନ କ୍ଷମତାକୁ ଆସିବା ପରେ ଉଭୟ ବ୍ଲକ୍‌କୁ ଏନ୍‌ଏସି ଘୋଷଣା କରିବା ପାଇଁ ବିଧାୟକ ଶ୍ରୀ ସାହୁ ବିଧାନସଭାରେ ମଧ୍ୟ ପ୍ରଶ୍ନ କରିଥିଲେ। ଏପରିକି ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ଗତ ୨୨ ତାରିଖରେ ବେଗୁନିଆ ଓ ୨୫ ତାରିଖରେ ବୋଲଗଡ଼ ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଦାବିରେ ୬ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ଡକରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହା ସତ୍ତ୍ୱେ ବିଜେପି ଜନସାଧାରଣଙ୍କୁ ଧୋକା ଦେବା ସହ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଏଠାରେ ପ୍ରଶ୍ନ ଉଠୁଛି ଟାଙ୍ଗୀକୁ ଏନ୍‌ଏସି ଘୋଷଣା କରାଯାଇଥିବାବେଳେ ବେଗୁନିଆ ଓ ବୋଲଗଡ଼କୁ କାହିଁକି ଘୋଷଣା କରାଗଲା ନାହିଁ ତାହା ପଛରେ ଭିତିରି ରାଜନୈତିକ ଅଭିସନ୍ଧି ରହିଛି ବୋଲି ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ଆଗାମୀ ଦିନରେ ଏନ୍‌ଏସି ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ପ୍ରତି ଗ୍ରାମରେ ଦୃଢ଼ ଭାବରେ ଜବାବ ଦିଆଯିବ ବୋଲି ବିଧାୟକ ପ୍ରଦୀପ କୁମାର ସାହୁ ଚେତାବନୀ ଦେଇଛନ୍ତି।

## ଫସଲ ନଷ୍ଟକଲେ ହାତୀପଲ୍ଲ

ବେଗୁନିଆ,୧।୯ (ସମିସ): ବେଗୁନିଆ ବ୍ଲକ୍ ଦେଉଳି ଗ୍ରାମରେ ବଣୁଆ ହାତୀପଲ୍ଲ ଖାଦ୍ୟ ଅନ୍ୱେଷଣରେ ଆସି ପରିବା ଓ ଧାନ ଫସଲ ନଷ୍ଟ କରିଛନ୍ତି। ଏଥିରେ ଚାଷୀମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଗ୍ରାମର କେଳୁ ପରିଡ଼ା, ଗୟାଧର ବଳିୟାରସିଂହ ଓ ଗୌରାଙ୍ଗ ମାଣିଆଙ୍କ ପନିପରିବା ଓ ମନୋରଞ୍ଜନ ମାଣିଆଙ୍କ ସମେତ ବହୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବାର ଦେଖିବାକୁ ମିଳୁଛି। ଏହା ଫଳରେ ଆର୍ଥିକ କ୍ଷତି ହୋଇଥିବାରୁ ଚାଷୀଙ୍କ ମନରେ ଦୁଃଖ ପ୍ରକାଶ ପାଇଛି।



## ଭସାଣି ଉତ୍ସବରେ ସରକାରୀ ନିର୍ଦ୍ଦେଶକୁ ଉଲ୍ଲଂଘନ

ଟାଙ୍ଗୀ,୧।୯ (ସମିସ): ରବିବାର ସନ୍ଧ୍ୟା ପରେ ଟାଙ୍ଗୀରେ ଶ୍ରୀଗଣେଶଙ୍କ ଭସାଣି ଉତ୍ସବ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ପ୍ରାୟ ୩୦ରୁ ଅଧିକ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତିକୂଳ ପାଗ ଯୋଗୁଁ ପୂର୍ବ ବର୍ଷ ଭଳି ପାଖପଡ଼ୋଶୀ ଗ୍ରାମର ଦର୍ଶକଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଭସାଣି ଉତ୍ସବକୁ ବହୁ ଯାକଜମକରେ ପାଳନ କରିଥିଲେ। ଏଥିରେ ଡିଜେ ବ୍ୟବହାର ସହିତ ଯୁବକମାନଙ୍କ ଦ୍ୱାରା ନାଚ ବିଶେଷ ଆକର୍ଷଣୀୟ ହୋଇଥିଲା। ଡିଜେ ଦ୍ୱାରା ଶବ୍ଦ ପ୍ରଦୂଷଣ ସୀମା ଉଲ୍ଲଂଘନ କରୁଥିବା ହେତୁ ରାଜ୍ୟ ପ୍ରଶାସନ ଏଥିପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଚଳିତ ଭସାଣିରେ ଶବ୍ଦ ପ୍ରଦୂଷଣ ଏପରି ହେଲା ଯେ, ଯେପରି ଟାଙ୍ଗୀରେ ସରକାରୀ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଶବ୍ଦ ପ୍ରଦୂଷଣରେ ସ୍ୱାଭାବିକ ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏତାଦୃଶ ଅବ୍ୟବସ୍ଥାକୁ ନିରବରେ ଦେଖି ଚାଲିଥିଲେ ଆମ ପୁଲିସ ବାହିନୀ। ଅନୁସନ୍ଧାନରୁ ସୂଚନା ମିଳିଛି ରାଜନୈତିକ ଚାପରେ ପଡ଼ି ପୁଲିସ ଚୁପ୍ ରହିବାକୁ ବାଧ୍ୟ ହୋଇଥିଲା। ସୀମିତ ଶବ୍ଦର ସରକାରୀ ନିର୍ଦ୍ଦେଶନାମା ଆଣି ପରେ ମାନିନଥିବା ଆଇଆଇସି ରବିନ୍ଦ୍ର ଭୂଜବଳ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ 'ସଙ୍ଗୀତ ଯୁଗଳବନ୍ଦୀ'

ଜଟଣୀ,୧।୯ (ସମିସ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସାଂସ୍କୃତିକ ସଂଗଠନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ "ସଙ୍ଗୀତ ଯୁଗଳବନ୍ଦୀ' ଖୋର୍ଦ୍ଧା ରୋଡ୍ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶୁଭ୍ରଜ୍ୟୋତି ମଣ୍ଡଳ, ଏଡିଆର୍‌ଏମ୍ (ଇନ୍‌ଫ୍ରାଷ୍ଟ୍ରକ୍‌ଚର୍) କହିଛନ୍ତି ଯେ ସାଂସ୍କୃତିକ ସଂଗଠନର ପ୍ରୟାସ ରେଳ କର୍ମଚାରୀ ଓ ସେମାନଙ୍କ ପିଲାଙ୍କର ଅନ୍ତର୍ନିହିତ ଗୁଣର ବିକାଶ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ଆସିଫ୍ ଖାନ୍, ବିକାଶ ସର୍କାର, ମନୀଶଙ୍କର ବିଶ୍ୱାସ, ଦେବାଶିଷ କର୍ମାକର ଓ ଆନନ୍ଦ ପ୍ରସାଦ ଦୀକ୍ଷିତଙ୍କ ସଙ୍ଗୀତରେ ଶ୍ରୋତାମାନେ ବିମୋହିତ ହୋଇଥିଲେ। ରେଳ ମଣ୍ଡଳ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକଳାପ ସାଂସ୍କୃତିକ ପ୍ରଚାରରେ ତାହାର ଭୂମିକା ବିଷୟରେ ଅବଗତ କରାଇବା ସହ କାର୍ଯ୍ୟକ୍ରମର ସମନ୍ୱୟକାରୀ ଭାବେ ତପସ୍ୱିନୀ ମହାନନ୍ଦିଆ, ସହାୟକ କର୍ମଚାରୀ ଅଧିକାରୀ ତଥା ସହାୟକ ସଚିବ, ରେଳମଣ୍ଡଳ ସାଂସ୍କୃତିକ ଅନୁଷ୍ଠାନ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।




## କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନିରାକାରପୁର,୧।୯ (ସମିସ): ଉତ୍ତମ ଚରିତ୍ର ଗଠନ ଓ ସାମଗ୍ରିକ ବିକାଶ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥାଏ। ସଦାସର୍ବଦା ଛାତ୍ରଛାତ୍ରୀମାନେ ସ୍ୱାଭିମାନ ବଜାୟ ରଖିବା ଆବଶ୍ୟକ। ହଜାରେ ଭଲ କାର୍ଯ୍ୟ କଲାବେଳେ ଗୋଟିଏ ଖରାପ କାର୍ଯ୍ୟ ଜୀବନର ସବୁ କିଛି ସଫଳତାକୁ ଧୂଳିସାତ୍ କରିଦିଏ। ଚରିତ୍ର ଓ ଜୀବନ ଗଠନ, ଏକାଗ୍ରତା ଲକ୍ଷ୍ୟସ୍ଥଳ ସାଧନ କରିବାରେ ସହଯୋଗ କରେ ବୋଲି ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ସ୍ୱାଗତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ୬୬୨ କଲେଜ ସଂଘ ସଭାପତି ଗୋଲଖ ନାୟକ, ମୁଖ୍ୟବକ୍ତା ଅଧ୍ୟାପକ ସତ୍ତାଉଦ୍ଦିନ ଅହମ୍ମଦ, ସଂଘର ଯୁକ୍ତ ୩ ସାଧାରଣ ସମ୍ପାଦକ ବିଶିଷ୍ଟ ଅତିଥି ଅଧ୍ୟାପକ ଡ. ଗଗନ ବେଉରା ଓ ସମ୍ମାନିତ ଅତିଥି ଭାବେ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ଅଧ୍ୟାପକ ତପନ କୁମାର ଜେନା, ପ୍ରାକ୍ତନ ଉଚ୍ଚଶିକ୍ଷା ବିଭାଗ ଆଇନ ପରାମର୍ଶଦାତା ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅଧିବକ୍ତା ରଞ୍ଜିତ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ପଦୋନ୍ନତିରେ ବିଳମ୍ବ; ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

ଖୋର୍ଦ୍ଧା,୧।୯ (ସମିସ): ପଦୋନ୍ନତି ପାଇବାରେ ବିଳମ୍ବ ପ୍ରତିବାଦରେ ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଧାରଣା ଦେଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ପଦୋନ୍ନତି ଲାଗି କମିଟି ଗଠନ ନିମନ୍ତେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ସରକାର ସ୍ୱାସ୍ଥ୍ୟକର୍ମୀଙ୍କ ନୂତନ କ୍ୟାଡର ଗଠନ କରିବାକୁ ସମସ୍ତ ସିଡିଏମ୍‌ଓଙ୍କୁ ଚିଠି ଲେଖିଥିଲେ। ପଦୋନ୍ନତି କମିଟି ସମୟ ଅବଧି ମଧ୍ୟରେ ଗଠନ ହୋଇପାରିଲା ନାହିଁ। ଏହାର ସୁଯୋଗ ନେଇ କନିଷ୍ଠ ସ୍ୱାସ୍ଥ୍ୟକର୍ମୀ ମେରିଟ୍ ବେସିସ୍ ରୁଲ୍ ଉପରେ ପଦୋନ୍ନତି କମିଟି ନ ବସାଇବା ଲାଗି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଫଳରେ ବରିଷ୍ଠ ମହିଳା ସ୍ୱାସ୍ଥ୍ୟକର୍ମୀ ଏ ସଂକ୍ରାନ୍ତରେ କୋର୍ଟଙ୍କ ନିକଟରେ ନିଜ ଯୁକ୍ତି ଉପସ୍ଥାପନ କରି ନିଜ ମତ ରଖିଥିଲେ। ଗତ ଜୁଲାଇ ୨୯ରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରେ ପଦୋନ୍ନତି କମିଟି ବୈଠକ ବସିଥିଲା। କୋର୍ଟଙ୍କ ନିର୍ଦ୍ଦେଶନାମା ଆସିବା ପରେ ପରବର୍ତ୍ତି ପଦପେକ୍ଷ ଗ୍ରହଣ କରାଯିବା କହି ଏହାକୁ ସ୍ଥଗିତ ରଖାଗଲା। ଏହାର ପ୍ରତିବାଦ କରିଛି ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ। ପୂର୍ବରୁ ଗତ ଏପ୍ରିଲ ୨୫ ତାରିଖରେ ଜିଲ୍ଲା ପ୍ରଶାସନ ଏବଂ ସିଡିଏମ୍‌ଓଙ୍କୁ ନେଇ ଅନୁଷ୍ଠିତ ବୈଠକରେ ୯ ଜଣଙ୍କୁ ପଦୋନ୍ନତି ଦିଆଯିବାବେଳେ କୋର୍ଟଙ୍କ ନିର୍ଦ୍ଦେଶର ଆବଶ୍ୟକତା ପଡ଼ିନଥିବାବେଳେ ଏବେ କେଉଁ ଆଧାରରେ କୋର୍ଟଙ୍କ ନିର୍ଦ୍ଦେଶକୁ ଆଳ କରାଯାଇ ସ୍ଥଗିତ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସମାନ କୋର୍ଟଙ୍କ ଆଦେଶ ଉପରେ କେନ୍ଦ୍ରପଡ଼ା, ସମ୍ବଲପୁର, କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପଦୋନ୍ନତି ଦେଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାରେ ଏହାର ବ୍ୟତିକ୍ରମ କରାଯାଇଛି। ଅନେକ ବରିଷ୍ଠ ମହିଳା ସ୍ୱାସ୍ଥ୍ୟକର୍ମୀ ଚାକିରି କାଳ ସମୟ ୬ରୁ ୭ ମାସ ରହିଛି। ଏହା ସତ୍ତ୍ୱେ ପ୍ରଶାସନ ଅଥବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ମାନସିକ ଚାପରେ କୌଣସି ଅସୁବିଧା ହେଲେ ସରକାର ଏହାର ଦାୟୀ ରହିବେ ବୋଲି ଗଣମାଧ୍ୟମ ଆଗରେ କହିଛନ୍ତି।



## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା,୧।୯ (ସମିସ): ଚଳିତ ମାସର ପ୍ରଥମ ସୋମବାର ଖୋର୍ଦ୍ଧା ପଞ୍ଚାୟତ ସମିତିର ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନାଦି ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର ପଣ୍ଡା, ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ୍, ପାଣି ସମସ୍ୟା ଭଳି ମୋଟ୍ ୧୦୨ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୯୨ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୧୦ଟି ସାମୂହିକ ଥିଲା। ଘଟଣାସ୍ଥଳରେ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତିଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପିତ



ବେଗୁନିଆ,୧।୯ (ସମିସ): ବେଗୁନିଆ ବ୍ଲକ୍ କଣ୍ଟାବାଡ଼ ଗ୍ରାମରେ ତିନି ଦିନ ଧରି ଚାଲିଥିବା ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପିତ ହୋଇଛି। ସମାଜସେବୀ ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ପରେ ସମାଜସେବୀ ବାଉରୀ ଶ୍ରୀଚନ୍ଦନଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ଲୋକନୃତ୍ୟ, ଢୋଲମହୁରୀ, ଗୋଟିପୁଅ ଓ ଆଧୁନିକ ନୃତ୍ୟ ସହ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

● 'ଆମରି ସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ

## 'ଭାଷା, ସାହିତ୍ୟ ପ୍ରତି ଭଲପାଇବା ରହିଲେ ପତ୍ରିକା ବଞ୍ଚିବ'



ଖୋର୍ଦ୍ଧା,୧।୯ (ସମିସ): ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ମୂଲ୍ୟବୋଧଭିତ୍ତିକ ପତ୍ରିକା 'ଆମରି ସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଛି। ଆମରି ସତ୍ୟର ସମ୍ପାଦକ ଡ. ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟକ ରୂପେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ପାଠକଙ୍କ ସଦିଚ୍ଛା ଓ ସହଯୋଗ କ୍ରମେ ଦୀର୍ଘ ୧୫ ବର୍ଷ ଧରି ପତ୍ରିକା ନିରନ୍ତର ପ୍ରକାଶ ପାଉଛି ବୋଲି ମତବ୍ୟକ୍ତ କରିଥିଲେ। ପଠାଣି ସାମନ୍ତ ପ୍ଲାନିଟୋରିୟମ୍‌ର ପ୍ରାକ୍ତନ ନିର୍ଦ୍ଦେଶକ ଡ. ପ୍ରହ୍ଲାଦ ନାୟକ ଜ୍ୟୋତର୍ବିଜ୍ଞାନ ଓ ବର୍ତ୍ତମାନର ବିଜ୍ଞାନ ମଧ୍ୟରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ସୁଭାଷ ଚନ୍ଦ୍ର ଶତପଥୀ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ପତ୍ରିକାର ଯୁଗେ ଯୁଗେ ଗୁରୁତ୍ୱ ରହି ଆସିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆର୍ଯ୍ୟାବର୍ତ୍ତ ଆନ୍‌ସିଏଣ୍ଟ ଏକାଡେମୀର ଅଧ୍ୟକ୍ଷା ଡ. ଦୀପ୍ତିମୟୀ ମହାନ୍ତି, ଡ. ବିଷ୍ଣୁଚରଣ ସାହୁ, ସାଲେପୁର କଲେଜର ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗବେଷକ ତ୍ରିଲୋଚନ ମହାପାତ୍ରଙ୍କୁ 'ଆମରି ସତ୍ୟ ସମ୍ମାନ', ଗାଳ୍ପିକ ସୁନୀଲ ବୋଷଙ୍କୁ 'ଆମରି ସତ୍ୟ ସାରସ୍ୱତ ସମ୍ମାନ' ଓ ସଙ୍ଗୀତଜ୍ଞ ବିଚିତ୍ରାନନ୍ଦ ଶାସମଲଙ୍କୁ 'ଡ. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ 'କୁଳପ୍ରଦୀପ ରଘୁ' ଓ ଜବାହରଲାଲ ସୁବୁଦ୍ଧିଙ୍କ 'ଅହିଂସାର ପ୍ରତୀକ ବାପୁ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆମରିସତ୍ୟ ବିକାଶ ପରିଷଦର ସୁଦର୍ଶନ ମହାପାତ୍ର, ଆଶିଷ କୁମାର ରାୟ, ଆଦିନାରାୟଣ ଖଣ୍ଡୁଆଳ, ରମାକାନ୍ତ ମିଶ୍ର, ପଦ୍ମନାଭ ପାଣିଗ୍ରାହୀ ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଅତିଥି ପରିଚୟ, ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ବ୍ରଜବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍କିଆ ପଲ୍ଲୀ ଉତ୍ସବର ଷଷ୍ଠ ସନ୍ଧ୍ୟା



ନିରାକାରପୁର,୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ପଲ୍ଲୀ ଉତ୍ସବର ଷଷ୍ଠ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଓଁ ଶ୍ରୀ ଗ୍ରୁପ୍ ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ସଭାରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଡ. ସଞ୍ଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ବିଜେଡି ନେତା କ୍ୟାପ୍‌ଟେନ ମନ୍ମଥ ରାଉତରାୟ, ଓଙ୍କାର ରାଜ୍ୟ ସମ୍ପାଦକ ରମାକାନ୍ତ ମହାପାତ୍ର, ସମାଜସେବୀ ଅରବିନ୍ଦ ରାୟ, ଉପଦେଷ୍ଟା ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭୁବନେଶ୍ୱର ଉତ୍କଳ ଡ୍ୟାନ୍ସ ଏକାଡେମୀ, ସାଇ କଳା ସଂସଦ, ମୟୂରଭଞ୍ଜ (ସାନ୍ତାଳୀ) ଲହଲଙ୍ଗ ଆଦିବାସୀ ନୃତ୍ୟ ଗ୍ରୁପ୍, ରିଦ୍ଧି ସିଦ୍ଧି ଡ୍ୟାନ୍‌ସ ଏକାଡେମୀ ଓ ସୁନ୍‌ଏନା ଚାରିଟେବଲ କଳାକାରଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। ଉପସ୍ଥାପକ କମଳେଶ ମହାରଣା, ଅଶ୍ୱନୀ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଓଁ ଶ୍ରୀ ଗ୍ରୁପ୍‌ର ସଭ୍ୟ ସଂଗ୍ରାମ ପଟ୍ଟନାୟକ, ରାଜେଶ ପାଲଟାସିଂହ, ଇନ୍ଦ୍ରଜିତ ଦାସ, କେଦାର ବଳବନ୍ତରାୟ, ବଣ୍ଟି ଜେନା, କୁଳଦୀପ ଛୋଟରାୟ, ଅନିରୁଦ୍ଧ ବେହେରା, ବିଶ୍ୱରଞ୍ଜନ ମଲ୍ଲ, କିଶାନ ଜେନା, ଶଶାଙ୍କ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।

## ଖୁଦୁରୁକୁଣୀ ଓଷା ଉଦ୍‌ଯାପିତ

ବାଲୁଗାଁ,୧।୯ (ସମିସ): ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବାର ମାସରେ ତେର ପର୍ବ। ତନ୍ମଧ୍ୟରୁ କୁମାରୀମାନଙ୍କ ଖୁଦୁରୁକୁଣୀ ଓଷା ଅନ୍ୟତମ। ଭାଦ୍ରବ ମାସର ପ୍ରତି ରବିବାର କୁମାରୀମାନେ ଖୁଦୁରୁକୁଣୀ ଓଷା ଉପବାସ କରି ମା'ମଙ୍ଗଳାଙ୍କ ନିକଟରେ ପୂଜାର୍ଚ୍ଚନା କରିଥା'ନ୍ତି। ରବିବାର ଏହି ଓଷା ଉଦ୍‌ଯାପିତ ହୋଇଯାଇଛି। ଭାଇମାନଙ୍କର ଦୀର୍ଘ ଜୀବନ କାମନା କରି କୁମାରୀମାନେ ମା'ଙ୍କୁ ପୂଜାର୍ଚ୍ଚନା କରିଥିବାବେଳେ ରବିବାର ଶେଷ ଖୁଦୁରୁକୁଣୀ ଓଷା ପ୍ରାତଃ ସମୟରୁ କୁମାରୀମାନେ ଏକତ୍ରିତ ହୋଇ ମଧ୍ୟାହ୍ନରେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଖୁଦୁରୁକୁଣୀ ଓଷା ବହି ପଢ଼ି ପୂଜା କରିଥିଲେ। ଶେଷରେ ବୋଇତ ବନ୍ଦାଣ କରି ମା' ମଙ୍ଗଳାଙ୍କୁ ପୂଜା କରିଥିଲେ। ପୂଜାର୍ଚ୍ଚନା କରି ମୃଣ୍ମୟ ମୂର୍ତ୍ତି ମା' ମଙ୍ଗଳାଙ୍କୁ ଶୋଭାଯାତ୍ରାରେ ନେଇ ଚିଲିକା ଜଳରେ ବିସର୍ଜନ କରି ବ୍ରତ ଉଦ୍‌ଯାପନ କରିଥିଲେ।

### ତେଜିଲା ମନରେଗା ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବେଗୁନିଆମୂଳ ଗ୍ରାମବାସୀଙ୍କ ଧାରଣା



ଖୋର୍ଦ୍ଧା,୧।୯ (ସମିସ): ମନରେଗା ଦୁର୍ନୀତି ବିରୋଧରେ ଗ୍ରାମବାସୀ କରିଥିବା ଅଭିଯୋଗକୁ ୧୫ଦିନ ବିତିଥିଲେ ମଧ୍ୟ ଗ୍ରାମବାସୀ ନ୍ୟାୟ ନ ପାଇବାରୁ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବୋଲଗଡ଼ ବ୍ଲକ୍ ଆରିକମା ପଞ୍ଚାୟତ ବେଗୁନିଆମୂଳ ଓ ବେଗୁନିଆମୂଳ ପାଟଣା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗତ ୧୪ ମାସ ଧରି ଗ୍ରାମରେ ମନରେଗା ଯୋଜନାରେ ହେଉଥିବା କାର୍ଯ୍ୟରେ ଦୁର୍ନୀତି ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କଠାରୁ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସମେତ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ବାରମ୍ବାର ହେବା ପରେ ଦୁର୍ନୀତିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ଶେଷରେ ନିରାଶ ହୋଇ ଗ୍ରାମବାସୀମାନେ ଆନ୍ଦୋଳନକୁ ଆପଣେଇଛନ୍ତି। ତାଙ୍କ କହିବା ଅନୁଯାୟୀ, ମନରେଗା ଯୋଜନାରେ ଗ୍ରାମର କାଳିଗିରି ନଈ ବନ୍ଧ ରାସ୍ତା ନିର୍ମାଣରେ ବ୍ୟାପକ ଆର୍ଥିକ ହରିଲୁଟ୍ ହୋଇଥିବାର ଗ୍ରାମବାସୀମାନେ ଗତ ଅଗଷ୍ଟ ୧୧ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୪ ମାସ ଧରି ଚାଲିଥିବା କାର୍ଯ୍ୟରେ ୭ ଲକ୍ଷ ୧୩ ହଜାର ଟଙ୍କା ଆତ୍ମସାତ୍ ହୋଇଥିବାର ଗ୍ରାମବାସୀ ସ୍ପଷ୍ଟ ଭାବେ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ପରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ୩ ଜଣ ଅଧିକାରୀଙ୍କ ଦ୍ୱାରା ଏହି ମହା ଦୁର୍ନୀତିର ତଦନ୍ତ କରାଯାଇ ରିପୋର୍ଟ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ ଦୁର୍ନୀତିକାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଘଣ୍ଟ ଘୋଡ଼ାଇ ରଖାଯାଇଛି। ଏହାର ପ୍ରତିବାଦରେ ଅଗଷ୍ଟ ୧୧ ତାରିଖରେ ପ୍ରଦାନ କରାଯାଇଥିବା ଦାବିପତ୍ର ମୁତାବକ ୧୫ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବା ସହିତ ଧାରଣାରେ ବସିବା ନିମନ୍ତେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ।

ଗ୍ରାମବାସୀଙ୍କ ଲିଖିତ ପତ୍ର ମୁତାବକ ୧୫ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଦୁର୍ନୀତିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ଏବଂ ଦୁର୍ନୀତିର ପର୍ଦ୍ଦାଫାସ୍ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରଖିବେ ବୋଲି ଧାରଣାରତ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଭାତ ବାରିକ, କାଳନ୍ଦୀ ଚରଣ ମାର୍ଥା ପ୍ରମୁଖ କହିଛନ୍ତି।

# ଚାଷୀଙ୍କ କଟା ଘା'ରେ ଚୂନ ସରକାରଙ୍କ ସାର ତତ୍ତ୍ୱ: ବିଜେଡି

ଭୁବନେଶ୍ୱର, ୧।୯ (ସମିସ): ରାଜ୍ୟରେ ସାରର ଉତ୍କଟ ଅଭାବ ସ୍ଥିତିକୁ ନେଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ବିରୋଧୀ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସରକାରଙ୍କ ତଥ୍ୟ ଅନୁଯାୟୀ ରାଜ୍ୟରେ ୧୩୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ସାର ଯୋଗାଣରେ ବ୍ୟତିକ୍ରମ ହୋଇଛି। ମାତ୍ର ରାଜ୍ୟର ଯୋଗାଣ ମନ୍ତ୍ରୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟରେ ସାର ଅଭାବ ନାହିଁ ଓ ସାର ବିକ୍ରିରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ରାଜ୍ୟର କୃଷି ମନ୍ତ୍ରାଳୟର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓ କୃଷକମାନଙ୍କୁ ସାର ତତ୍ତ୍ୱ ଉପରେ ସାରଗର୍ଭକ ଭାଷଣ ଦେଇଛନ୍ତି। ଏହା ଅନାହାରରେ ଥିବା ଲୋକଙ୍କୁ ଏକାଦଶୀ ଉପବାସର ଉପାଦେୟତା ଉପରେ ବକ୍ତବ୍ୟ ରଖିବା ସଦୃଶ୍ୟ ହୋଇଛି। କୃଷକମାନେ ସାରର ଉତ୍କଟ ଅଭାବକୁ ନେଇ ହନ୍ତସନ୍ତ ହେଉଥିବା ବେଳେ ଉପମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ କୃଷକମାନଙ୍କ କଟା ଘା'ରେ ଚୂନ ଲଗାଇବା ସଦୃଶ୍ୟ ହୋଇଛି ବୋଲି ଶ୍ରୀ ନାୟକ କହିଛନ୍ତି।

ଶ୍ରୀ ନାୟକ କହିଥିଲେ ଯେ ସରକାର ସମସ୍ୟାକୁ ଗମ୍ଭୀରତାର ସହ ନେବା ପରିବର୍ତ୍ତେ ଯୋଗାଣ ମନ୍ତ୍ରୀ ସାର ପ୍ରଚୁର ପରିମାଣରେ ମହଜୁଦ ଅଛି ବୋଲି




ମନ୍ତବ୍ୟ ଦେଇ ଶୋଇ ରହିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ସାର ନପାଇ ରାଜରାସ୍ତାକୁ ଓହ୍ଲାଇଥିଲେ। ସ୍ଥିତି ଗମ୍ଭୀର ହୋଇଥିବା ଅନୁଭବ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ରାଜ୍ୟକୁ ଆବଶ୍ୟକ ପରିମାଣର ସାର ଯୋଗାଇଦେବା ପାଇଁ ଅନୁରୋଧ କରିବା ସହିତ ତାଳଚେର ସାର କାରଖାନାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ। ନବୀନ ବାବୁଙ୍କ ଚିଠି ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ସ୍ଥିତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବନ୍ଦ କରି ଦିଆଯାଇଛି। ଏହି ତଥ୍ୟରୁ ସାର ବିକ୍ରିରେ ଅନିୟମିତତା ରହିଥିବା ସ୍ପଷ୍ଟ ହେଉଛି। ୪୫କେଜି ସାର ପ୍ୟାକେଟର ବିକ୍ରି ମୂଲ୍ୟ ମାତ୍ର ୨୪୨ ଟଙ୍କା ରହିଥିବା ବେଳେ ଅନେକ ଜାଗାରେ ଏହା ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଛି ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ

- ରାଜ୍ୟରେ ସାର ଯୋଗାଣରେ ବ୍ୟତିକ୍ରମ ସରକାରଙ୍କ ସମୀକ୍ଷାରୁ ସ୍ପଷ୍ଟ
- ସରକାରଙ୍କ ତଥ୍ୟ ୧୩୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ସାର ବିକ୍ରୟରେ ବ୍ୟତିକ୍ରମ
- ତୁରନ୍ତ ସମସ୍ୟା ସମାଧାନ ନହେଲେ ରାସ୍ତାକୁ ଓହ୍ଲାଇବ ବିଜେଡି

ଶ୍ରୀ ନାୟକ ଆହୁରି କହିଥିଲେ ଯେ ଗତକାଲି ହୋଇଥିବା ସମୀକ୍ଷା ପରେ ପ୍ରଶ୍ନ ଉଠିଛି ଯେ ଯେଉଁ ସାର କୃଷକଙ୍କୁ ପ୍ରଦାନ କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି, ତାହା ବାସ୍ତବରେ ଚାଷୀଙ୍କ ପାଖକୁ ଯାଇଛି ନା ଆଉ କାହା ପାଖକୁ ଯାଇଛି। ସମୀକ୍ଷାରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୧୨୦୦ଟି ସାର ବିକ୍ରୟ ସ୍ଥଳରେ ସାର ବିକ୍ରୟ କାର୍ଯ୍ୟ ଠିକ୍‌ରେ ହୋଇ ନଥିବା ବୋଲି ସେମାନଙ୍କୁ ସନ୍ଦେହରେ ରଖାଯାଇଛି। ସେହିପରି ୬୨ଟି ବିକ୍ରୟ କେନ୍ଦ୍ରକୁ ସାମୂହିକ ଭାବେ ବନ୍ଦ କରାଯାଇଥିବା ବେଳେ ୩୦ଟି ବିକ୍ରୟ କେନ୍ଦ୍ରକୁ ସମ୍ପୂର୍ଣ୍ଣ

କ୍ଷମତାକୁ ଆସିଥିବା ବିଜେପି ସରକାର ବାସ୍ତବରେ ଇଞ୍ଜିନ୍ ଲାଇନଚ୍ୟୁତ ହୋଇଛି। ସରକାରଙ୍କ ଅନେକ ବିଫଳତା ମଧ୍ୟରୁ ସାର ଯୋଗାଣରେ ସରକାରଙ୍କ ସଦ୍ୟତମ ବିଫଳତା ଭାବେ ସାମ୍ନାକୁ ଆସିଛି। ସରକାର ତୁରନ୍ତ ନିଜ ଦୋଷତ୍ରୁଟି ସ୍ୱୀକାର କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ବିଜୁ ଜନତା ଦଳ ସବୁବେଳେ କୃଷକମାନଙ୍କ ସହିତ ରହିଛି। ତେଣୁ କୃଷକ ମାନଙ୍କ ସମସ୍ୟା ତୁରନ୍ତ ସମାଧାନ ନହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି।

## ନବୀନଙ୍କୁ ଭେଟିଲେ ଦଳୀୟ ନେତା

# ସାଧାରଣ ଲୋକଙ୍କ ସ୍ୱର ହେବାକୁ ସୁପ୍ରିମୋଙ୍କ ପରାମର୍ଶ

ଭୁବନେଶ୍ୱର,୧।୯ (ସମିସ): ନବୀନ ନିବାସରେ ଦଳର ବରିଷ୍ଠ ନେତାଙ୍କ ସହ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ସମ୍ପ୍ରତି ରାଜ୍ୟର ଲୋକମାନେ ଯେପରି ବିଭିନ୍ନ ପ୍ରସଙ୍ଗରେ ଦହଗଞ୍ଜ ହେଉଛନ୍ତି, ସାଧାରଣ ସେବାରୁ ବଞ୍ଚିତ ହୋଇଛନ୍ତି, ସ୍ୱାସ୍ଥ୍ୟ ସେବାରେ ସରକାରଙ୍କ ବିଫଳତା ଓ ଜନବିରୋଧୀ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଡ଼. ସାହୁ କହିଛନ୍ତି ଯେ ଦଳର ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଲୋକଙ୍କ ସରକାର କହୁଥିବା ବିଜେପି ରାଜ୍ୟରେ କ୍ଷମତାକୁ ଆସିବା ପରଠାରୁ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଚାଷୀ ସାର ପାଉ ନ ଥିବା ବେଳେ ସରକାର ବ୍ୟାପକ କଳାବଜାରୀକୁ ପ୍ରୋତ୍ସାହନ



ଅକଥନୀୟ ସମସ୍ୟା ଭୋଗୁଛନ୍ତି, ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ଷେତ୍ରରେ ସରକାରଙ୍କ ଅବହେଳାର ଶିକାର ହେଉଛନ୍ତି ସେ ସମ୍ପର୍କରେ ନବୀନ ଦଳୀୟ ନେତାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟର ସାଧାରଣ ଲୋକଙ୍କ ସ୍ୱର ଭାବରେ କାର୍ଯ୍ୟ କରିବାକୁ ନବୀନ ଏହି ଅବସରରେ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ବିଜେଡି ରାଜ୍ୟବାସୀଙ୍କ ସ୍ୱାର୍ଥ ପରିପୂରଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ସୋମବାର ଅପରାହ୍ନରେ ଦଳର ବରିଷ୍ଠ ନେତା ଡ. ଅରୁଣ ସାହୁ, ଚିରଞ୍ଜୀବ ବିଶ୍ୱାଳ, ଭୃଗୁ ବକ୍ସିପାତ୍ର, ଲେନିନ ମହାନ୍ତି, ପ୍ରଫୁଲ୍ଲ ସିଂ, ରଘୁନାଥ ସାହୁଙ୍କ ସହ ମହମ୍ମଦ ସକିଲ, ଲୋରା ମହାପାତ୍ର ପ୍ରମୁଖ ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଭେଟିଛନ୍ତି। ଏହି ଅବସରରେ ନବୀନଙ୍କ ସହ ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟ ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ମହିଳା ସୁରକ୍ଷାକୁ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହେଉଥିବା ବେଳେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । ଓଡ଼ିଆ ଅସ୍ମିତାର ନାରାଦେଇ ସରକାରକୁ ଆସିଥିବା ବିଜେପି, ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରୁଛି। ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱର ହିସାବରେ ବିଜୁ ଜନତା ଦଳ ବିଜେପି ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟକୁ ତୀବ୍ର ବିରୋଧ କରିବ ବୋଲି ଡ. ସାହୁ କହିଛନ୍ତି। ସେହିପରି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ୨୦୨୭ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳ ନିଶ୍ଚିତ ବିଜୟ ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

# ଓଡ଼ିଶା ଯାତ୍ରୀରେ 'ଆମ ବସ୍' ଓ ଚିଲିକା ବୋଟିଂ ଟିକଟ

ଭୁବନେଶ୍ୱର,୧।୯ (ସମିସ): ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ିଛି। ଏଣିକି ଏହି ଆପ୍ ମାଧ୍ୟମରେ 'ଆମ ବସ୍' ଏବଂ ଚିଲିକା ବୋଟିଂ ନିମନ୍ତେ ଟିକଟ୍ ଉପଲବ୍ଧ ହେବ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ୍ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ମିଳିପାରିବ।

ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଏହା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ; ଯାତ୍ରୀଙ୍କୁ ସାର୍ବଜନୀନ , ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇଦେବାର ସଂକଳ୍ପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

## ସରୁନି ଜନନୀ ଯନ୍ତ୍ରଣା

# ଖଟିଆରେ ୫ କିମି ବୁହାହେଲେ ଗର୍ଭବତୀ

ପୋଲସରା,୧।୯ (ସମିସ): କିଟିକିଟି ଅନ୍ଧାର ରାତିରେ କେବଳ ମୋବାଇଲ୍ ଆଲୁଅ ଭରସା ଥିଲା। ପଥୁରିଆ ରାସ୍ତାରେ ଟିକିଏ ଗୋଡ଼ ଖସିଗଲେ ତଳେ ପଡ଼ି ଖଣ୍ଡିଆ ଖାବରା ହେବା ସାର। ଏଭଳି ସ୍ଥିତିରେ ପ୍ରସବ ବେଦନାରେ ଛଟପଟ ହେଉଥିବା ଜଣେ ଗର୍ଭବତୀଙ୍କୁ ୫ କିମି ବୋହିବୋହି ନେବା ଘଟଣା ଆଉ ଏକ ଜନନୀ ଯନ୍ତ୍ରଣାର ବିକଳ ଚିତ୍ରକୁ ପଦାକୁ ଆଣିଛି। ପୋଲସରା ବ୍ଲକ୍ ଅନ୍ତର୍ଗତ ଗୋଛାବାଡ଼ି ପଞ୍ଚାୟତ ଚାଙ୍ଗରା ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁଯାୟୀ, ଚାଙ୍ଗରା ଗ୍ରାମର ରଞ୍ଜିତ ଶବରଙ୍କ ସ୍ତ୍ରୀ ରୀନା ଗର୍ଭବତୀ ଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ତାଙ୍କର ପ୍ରସବ ଯନ୍ତ୍ରଣା ହୋଇଥିଲା।

ଚାଙ୍ଗରା ଗ୍ରାମ ଅତ୍ୟନ୍ତ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳ ହୋଇଥିବାରୁ କୌଣସି ଆମ୍ବୁଲାନ୍ସ କି ଗାଡ଼ି ଆସିବା ସମ୍ଭବପର ହୋଇପାରିନଥିଲା। ରୀନାଙ୍କ ଯନ୍ତ୍ରଣା ବଢ଼ିବାରୁ ପରିବାରଲୋକେ କୌଣସି ଉପାୟ ନପାଇ ଏକ ଖଟିଆରେ ତାଙ୍କୁ ମେଡିକାଲକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ରୀନାଙ୍କୁ ଏକ ଖଟିଆରେ ଘନ ଅନ୍ଧାର ରାତିରେ ଟର୍ଚ୍ଚ ଓ ମୋବାଇଲ ଆଲୁଅରେ ପ୍ରାୟ ୫ କିମି



ଦୂର ବୋହି ବୋହି ପାହାଡ଼ ତଳକୁ ଆଣିଥିଲେ। ପରେ ସେଠାରୁ ଏକ ଅଟୋ-ରିକ୍ସାରେ ତାଙ୍କୁ ନିକଟସ୍ଥ ପାଣ୍ଡିରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ରୀନା ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ସରକାର ଜନସାଧାରଣଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମାଳମାଳ ଯୋଜନା କରୁଥିବା ବେଳେ ଏହି ଆଦିବାସୀ ଗ୍ରାମକୁ ଯିବା ଆସିବା କରିବା ପାଇଁ ପକ୍କା ରାସ୍ତାଟିଏ ନଥିବା ଅତି ଦୁର୍ଭାଗ୍ୟର କଥା। ଏହା ସେମାନଙ୍କ ପାଇଁ ନୂଆ ନୁହେଁ, ବରଂ ଆଗରୁ ମଧ୍ୟ ଘଟଣା ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ସମସ୍ୟା ର ସମାଧାନ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଶ୍ରମିକରୁ ଡାକ୍ତର ହେବେ ଆଦିବାସୀ ଯୁବକ

ବାଣପୁର,୧।୯ (ସମିସ): ପରିବାରର ଆର୍ଥିକ ସଂକଟ ତାଙ୍କୁ ଶ୍ରମିକ ସଜାଇ ଦେଇଥିଲା। ବାପାଙ୍କ ହାତମୁଠାକୁ ଟାଣ କରିବାକୁ ବେଙ୍ଗାଲୁରୁର ଏକ କନଷ୍ଟ୍ରକସନ୍ କମ୍ପାନୀରେ କାମ କଲେ। ଯାହା ଯେତିକି ମିଳୁଥିଲା, ସେଥିରେ ଖାଇ ପିଇ ବାକି ଅର୍ଥ ଗାଁକୁ ପଠାଉଥିଲେ। କିନ୍ତୁ, ଏପରି ପ୍ରତିକୂଳ ପରିସ୍ଥିତିରେ ସେ ଭାଙ୍ଗି ପଡ଼ିନଥିଲେ। ନିଜର ପାଠପଢ଼ା ଓ ପରିଶ୍ରମ ଉପରେ ତାଙ୍କର ଭରସା ଥିଲା। ଶେଷରେ ତାଙ୍କର ଅଧ୍ୟବସାୟ ସଫଳ ହୋଇଛି। ଗତ ଜୁନ୍‌ରେ ଅନୁଷ୍ଠିତ ନିଟ୍ ୟୁଜି ପରୀକ୍ଷାରେ ଅନୁସୂଚିତ ଜନଜାତି



ବର୍ଗରେ ସର୍ବଭାରତୀୟସ୍ତରରେ ୧୮,୨୧୨ ରାଙ୍କ ରଖି ଡାକ୍ତରୀ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ହେଲେ, ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳ ନୀଳାଦ୍ରିପ୍ରସାଦ ପଞ୍ଚାୟତର ମୁଦୁଲିଡିହ ଗ୍ରାମର ଶୁଭମ୍ ଶବର(୧୯)। ଏବେ ସେ ବ୍ରହ୍ମପୁର ଏମ୍‌କେସିଜି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ନାମ ଲେଖାଇଛନ୍ତି। ତେବେ ତାଙ୍କ ପାଠପଢ଼ାରେ ଅର୍ଥ ବାଧକ ସାଜିଛି। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

ପୁଅ ଡାକ୍ତର ହେବ ବୋଲି ଜାଣି ବାପା ସହଦେବ ଓ ମାଆ ରଙ୍ଗି ବହୁ ଖୁସି ଅଛନ୍ତି। ମାତ୍ର ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ପୁଅର ପାଠପଢ଼ା ଖର୍ଚ୍ଚ କେଉଁଠୁ ଆଣିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏପରିସ୍ଥଳେ ପୁଅର ୫ବର୍ଷର ଡାକ୍ତରୀ ପାଠ୍ୟକ୍ରମ ସମାପ୍ତ କରିବାରେ ସମସ୍ତ ଖର୍ଚ୍ଚ ଲାଗି ସରକାରୀ ସହାୟତା ଯୋଗାଇଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଶୁଭମ୍ ଦଶମ ଶ୍ରେଣୀରେ ୮୪% ମାର୍କ ରଖିଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ଟ୍ୟୁସନ କରି ମାତ୍ର ୬୪% ମାର୍କ ରଖି ପାରିଥିଲେ। ହେଲେ ସେଥିରେ ଭାଙ୍ଗି ନ ପଡ଼ି ଶୁଭମ୍ ଡାକ୍ତରୀ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରି ଡାକ୍ତର ହେବାକୁ ମନସ୍ଥ କରି ନିଟ୍ ପ୍ରବେଶିକା ପରୀକ୍ଷା ଲାଗି ବ୍ରହ୍ମପୁରରେ କୋଚିଂ ନେଇଥିଲେ। ବର୍ତ୍ତମାନ ପରିଶ୍ରମର ଫଳ ପାଇ ସେ ଏବେ ଡାକ୍ତରୀ ପାଠପଢ଼ି ଆଗକୁ ଡାକ୍ତର ହେବାକୁ ଯାଉଛନ୍ତି।

## ପାର୍ବଣରେ ସଙ୍ଗୀନ ଶବ୍ଦ ପ୍ରଦୂଷଣ

# ବଡ଼ ସହରରେ କଟକଣା; ବାକି ସବୁଠି ଢିଲା

କଟକ, ୧।୯ (ସମିସ): ଗଣେଶ ପୂଜାଠାରୁ ପାର୍ବଣର ବିଗୁଲ୍ ବାଜିସାରିଛି। ଏବେ ଗଣେଶ ଓ ଖୁଦୁରୁକୁଣି ପୂଜା ଶେଷ ହୋଇ ସବୁଠି ଚାଲିଛି ଭସାଣି ଶୋଭାଯାତ୍ରା। ଉଚ୍ଚ ଶବ୍ଦ ଉତ୍ପନ୍ନକାରୀ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ସବୁଠି ଏହାର ଉଲ୍ଲଂଘନ ହେଉଛି। ବିଶେଷକରି, କଟକ-ଭୁବନେଶ୍ୱର ସମେତ ଆଉ କିଛି ବଡ଼ ସହରକୁ ବାଦ୍ ଦେଲେ ସବୁଠି ଡିଜେ କଟକଣା ଢିଲା ଛାଡ଼ି ଦିଆଯାଇଛି। ସହରାଞ୍ଚଳରେ ପୁଲିସର ଏନ୍‌ଫୋର୍ସମେଣ୍ଟ ଭଳି ଗ୍ରାମାଞ୍ଚଳ ପୁଲିସ କରୁନାହିଁ। ଏଣୁ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଆଉ ସବୁ ଦେଖି ଶୁଣି ପୁଲିସ୍ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଗାଁ ଗହଳି ସମେତ କେତେକ ଅର୍ଦ୍ଧସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ କଟକଣା ଅଘୋଷିତ ଭାବେ କୋହଳ ହୋଇଥିବା କାରଣରୁ ଏବେ ଡିଜେଗୁଡ଼ିକ ଗ୍ରାମାଞ୍ଚଳମୁହାଁ ହୋଇପଡ଼ିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରହିଥିବା ନିର୍ଦ୍ଦେଶନାମାକୁ ସଠିକ ଢଙ୍ଗରେ ପାଳନ କରାଯାଉନାହିଁ। ଏହା ପୁଲିସର ଉତ୍ତରଦାୟିତ୍ୱ ହୋଇଥିଲେ ସୁଦ୍ଧା ଅଭିଯୋଗ ନ ପାଇଲେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଉନଥିବା ପରିଲକ୍ଷିତ ହୋଇଛି।

୬୫ ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ୍ ଲଗାଯାଇଛି। ଏପରିକି, ଶବ୍ଦ ପ୍ରଦୂଷଣ ରୋକିବା

### ଗାଁ' ଭସାଣିରେ କମ୍ପୁଛି ଡିଜେ

ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଭସାଣି ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ୍ ସିଷ୍ଟମ୍‌ର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ସଠିକ ଭାବେ ଆମ୍ପ୍ଲିଫାୟାର ସହ ସଂଯୋଗ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର୍ ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡ଼ିଛି।

ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ହାଇକୋର୍ଟ ମଧ୍ୟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା । ବିଶେଷକରି ସାଉଣ୍ଡଲିମିଟର ରଖିଥିଲେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟାଣ୍ଡପାର୍ଟି ପଞ୍ଜିକୃତ ହେବା କଥା। ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ବ୍ୟବସ୍ଥା ରହିଥିଲା। ହେଲେ ଏସବୁ ଏବେ ପ୍ରହସନ ପାଲଟୁଥିବା ଦେଖିବାକୁ ମିଳିଛି। ଶବ୍ଦର ମାତ୍ରା ବା ପରିମାଣ ମାପିବା ପାଇଁ ଶବ୍ଦ ମାପକ ଯନ୍ତ୍ର ମଧ୍ୟ ଅନେକ ଥାନାମାନଙ୍କରେ ନାହିଁ। ସେହିଭଳି ଅନେକ ଥାନାରେ ଏହି ଯନ୍ତ୍ର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏପରିକି, ଡିଜେ ଶବ୍ଦ ପାଇଁ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ଗତ ଦୁଇ ବର୍ଷ ତଳେ ଜଣେ ଯୁବକଙ୍କ ଅକାଳରେ ଜୀବନ ଚାଲିଯାଇଥିଲା। ଏହିଭଳି ଘଟଣା ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଘଟିଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ଅତୀତରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆରସି) ମଧ୍ୟ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ପୁଲିସ ସହ ସମନ୍ୱୟ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେବେ ଚଳିତ ପାର୍ବଣରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇପାରୁଛି ତାହା ଦେଖିବାକୁ ବାକି ରହିଛି।

## ଯାତ୍ରା ମଞ୍ଚରେ ପୁଣି ଅଶ୍ଳୀଳତାକୁ ପ୍ରଶ୍ରୟ

# ମାର୍ଗଦର୍ଶିକା କଥା ଭୁଲିଗଲେ ସରକାର!

ଭୁବନେଶ୍ୱର,୧।୯ (ସମିସ): କିଛି ଦିନ ତଳେ ଜଟଣୀର ଏକ ଯାତ୍ରା ମଞ୍ଚରେ ବିବାଦୀୟ ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କୁ ଚେୟାର୍ ମାଡ଼ ହେଲା। ମଞ୍ଚ ଉପରେ ସେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଦର୍ଶକ ଗ୍ୟାଲେରିରୁ ଜଣେ ଯୁବକ ତାଙ୍କୁ ଚେୟାର୍ ଫିଙ୍ଗିଲେ। ଏହା ଖାଲି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅନେକ ଚିତ୍ର ସାମ୍ନାକୁ ଆସିଛି। ଯାତ୍ରା ମଞ୍ଚରେ ବଢୁଥିବା ଅଶ୍ଳୀଳତା ଉପରେ ରୋକ୍ ଲଗାଇବା ପାଇଁ ନୂଆ ବିଜେପି ସରକାର ଗତ ଖଣ୍ଡିଗିରି ମେଳା ପୂର୍ବରୁ ଜୋରସୋର୍‌ରେ ଅଣ୍ଟା ଭିଡ଼ିଥିଲେ। ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଧାୟକଙ୍କଠାରୁ ଆରମ୍ଭ କରି ସଂସ୍କୃତି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହି ବୁଲିଲେ, ଗଣମାଧ୍ୟମରେ ବିବୃତି ରଖିଲେ। ଏହାକୁ ନେଇ ବିଧାନସଭାରେ ବି ପ୍ରଶ୍ନ ଉଠିଲା, ଚର୍ଚ୍ଚା-ଆଲୋଚନା ହେଲା। କିନ୍ତୁ ମାସ ପରେ ମାସ ବିତିଗଲା ସିନା, ମାର୍ଗଦର୍ଶିକା ଆସିପାରିଲା ନାହିଁ। ଏବେ ତା'ର ସୋରଶବ୍ଦ ବି ନାହିଁ। ସତେଯେମିତି ସରକାର ଏହାକୁ ପାସୋରି ଯାଇଛନ୍ତି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପଡ଼ିବ। ତେଣୁ, ସେଠାରେ ଜଟଣୀ ଭଳି ଯେ ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବ, ତାହାକୁ ଏଡ଼ାଇ ଦିଆନଯାଇପାରେ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି।

ସୂଚନାନୁଯାୟୀ, ଖଣ୍ଡଗିରି ଯାତ୍ରା ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତତ୍ପରତା ପ୍ରକାଶ କରିଥିଲେ। ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର ଉପରେ ମଧ୍ୟ କଟକଣା ଲାଗିବ। ଯାତ୍ରାର ମାନଦଣ୍ଡ ସ୍ଥିର କରାଯିବା ସହ ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପରିକି, ରାଜ୍ୟ ସରକାର ଏହାକୁ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବେ ବୋଲି ମତ ରଖିଥିଲେ। ସେହିପରି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଉପରେ ରୋକ୍ ଲଗାଇବା ପାଇଁ ତୁରନ୍ତ ଆଇନ ଆଣିବାକୁ ଦାବି କରିଥିଲେ। ବିଧାୟକ ଅକାଶ ଦାସନାୟକ ମଧ୍ୟ ଏନେଇ ମୁହଁ ଖୋଲିଥିଲେ। ଯାତ୍ରାକୁ ଯେଉଁ କିଛି ଜଣ କଳୁଷିତ କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି କହିଥିଲେ। ଖାଲି ସେତିକି ନୁହେଁ, ଯାତ୍ରା କମିଟି ମହାସଂଘ ମଧ୍ୟ ଆଗକୁ ଆସିଥିଲା। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଥିଲା। ସେତେବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ସହ ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍‌ଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ। କିନ୍ତୁ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବା କୁହାଯାଉଛି।

ଅପରପକ୍ଷେ, ଅଶ୍ଳୀଳତାକୁ ବିରୋଧ କରି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଯାତ୍ରା ମାଲିକ ସଂଘ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପୁନର୍ବାର ମଞ୍ଚରେ ଅଶ୍ଳୀତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମାଲିକ ସଂଘ ମଧ୍ୟ ସ୍ୱୀକାର କରିଥିଲା। କିନ୍ତୁ ଏସବୁ ପରେ ନିକଟ ଅତୀତରେ ଜଟଣୀ ଯାତ୍ରା ମଞ୍ଚରେ ଯାହା ଘଟିଲା, ତାହା ଚିନ୍ତାଜନକ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି। ମଞ୍ଚ ଏହାର ବିରୋଧ କରିବା ସହ ଆଗାମୀ ବୈଠକରେ ଏ ବିଷୟରେ ମାଲିକ ସଂଘର ସଭାପତିଙ୍କ ସହ ଆଲୋଚନା କରିବ ବୋଲି କହିଛି। ମଞ୍ଚରେ ଅଶ୍ଳୀଳତା କାହିଁକି ପ୍ରଶ୍ରୟ ଦିଆଗଲା ବୋଲି ପ୍ରଶ୍ନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

- ୧୪ ସୁଦ୍ଧା ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା
- ଆଜି ଓଡ଼ିଶା ଆସୁଛନ୍ତି ଏଆଇସିସିର ୭ଜଣ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୧।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯିବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଆରମ୍ଭ ହୋଇଯାଇଛି। ରବିବାର ରାତିରେ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥିବା ବେଳେ ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଓଡ଼ିଶାରେ ପହଞ୍ଚିଛନ୍ତି।

ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଆବଣ୍ଟିତ ଜିଲ୍ଲା ଗସ୍ତ କରିଥିବା ବେଳେ ସେଠାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକମାନଙ୍କ ସହିତ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକମାନେ ମଧ୍ୟ ସେମାନଙ୍କ ସହ ଜିଲ୍ଲା ଗସ୍ତ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଉକ୍ତ ତାଲିକାରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଦାନଧର୍ମରେ ସମୟ ଅତିବାହିତ ହେବ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଉଧାର ଟଙ୍କା ଫେରି ପାଇବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ସାହିତ୍ୟ ସମାବେଶରେ ପ୍ରଶଂସିତ ହୋଇପାରନ୍ତି। ସମୟର ସଦୁପଯୋଗ କରନ୍ତୁ। ପାରିବାରିକ କଳହ ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ଆୟ ବ୍ୟୟ ସମାନ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ନିବେଶରୁ ଲାଭ ମିଳିବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି। ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ନ୍ତୁ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ଦୂରସ୍ଥାନ ଯାତ୍ରା କରିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକି ପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେଇପାରେ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚ କରିବେ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୧୯ - ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା।
- ୧୯୪୫ - ଭିଏତନାମ ସ୍ୱାଧୀନ ହୋଇଥିଲା।
- ୧୯୬୯ - ବିଶ୍ୱର ପ୍ରଥମ ଏଟିଏମ୍ ନ୍ୟୁୟର୍କରୁ ଆରମ୍ଭ ହେଲା।
- ୧୯୯୮ - ସ୍ୱିସ୍ ଏୟାର୍ ବିମାନ ଦୁର୍ଘଟଣାରେ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।
- ୨୦୦୯ - ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ।

# ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ ଆଦିତ୍ୟ ରଣବୀରଙ୍କୁ ନେଇ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି। ଏହି ଯୋଡ଼ି ପୌରାଣିକ ବିଷୟବସ୍ତୁ ଉପରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମର ଟାଇଟଲ୍ 'ଦ ଇମୋର୍ଟାଲ ଅଶ୍ୱଥାମା' ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍'ପରେ ଆଦିତ୍ୟ ଭିକି କୌଶଲଙ୍କୁ ନେଇ 'ଦ ଇମୋର୍ଟାଲ ଅଶ୍ୱଥାମା' ଫିଲ୍ମ ନିର୍ମାଣ କରିଥାନ୍ତେ। କିନ୍ତୁ ମହାମାରୀ ପରେ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଆଦିତ୍ୟ ଏହି ଫିଲ୍ମକୁ ବନ୍ଦ କରି ଦେଇଥିଲେ। ତେବେ ପୁଣିଥରେ ଆଦିତ୍ୟ ରଣବୀରଙ୍କୁ ନେଇ ସେହି ଫିଲ୍ମ ନିର୍ମାଣ କରିବେ ଏହାର ଆଶା ଖୁବ୍ କମ୍ ଲାଗୁଛି। 'ଧୁରନ୍ଧର' ଫିଲ୍ମ ସମୟରେ ଆଦିତ୍ୟ ଓ ରଣବୀରଙ୍କ ମଧ୍ୟରେ ଏକ ଭଲ ବଣ୍ଡିଂ ଦେଖିବାକୁ ମିଳିଥିଲା। ତେବେ ଆସନ୍ତା ବର୍ଷ ଆରମ୍ଭରେ ଆଦିତ୍ୟ ତାଙ୍କର ଏହି ନୂଆ ଫିଲ୍ମର କାହାଣୀ ଉପରେ କାମ ଆରମ୍ଭ କରିଦେବେ। ଏହାର କାହାଣୀ ଲେଖା ସରୁ ସରୁ ରଣବୀର 'ଡନ୍-୩'ର ସୁଟିଂ ସାରି ଦେଇଥିବେ। ୨୦୨୭ ଆରମ୍ଭରୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଧୁରନ୍ଧର' ଫିଲ୍ମର ଆଉ ୩୫-୪୦ ଦିନର ସୁଟିଂ ବାକି ଅଛି। ଫିଲ୍ମ ନିର୍ମାତା ଏହାକୁ ଡିସେମ୍ବର ୫ରେ ରିଲିଜ୍ କରିବା ପାଇଁ ଯୋଜନା ରଖିଛନ୍ତି। ଏଥିରେ ରଣବୀରଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ପ୍ରମୁଖ ନଜର ଆସିବେ।



# ଶ୍ରୀଫଳ ପାଇଁ ଦିନଟିଏ



ବିଶ୍ୱର ସର୍ବାଧିକ ଉପାଦେୟ ବୃକ୍ଷ ହେଉଛି ନାରିକେଳ ବା ନଡ଼ିଆ। ସ୍ୱାସ୍ଥ୍ୟ ଓ ସଂସ୍କୃତି ପ୍ରତି ଏହାର ଅବଦାନ ଅତୁଳନୀୟ। ଏହାର ଉପାଦେୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନାରିକେଳ ବା ନଡ଼ିଆ ଦିବସ ପାଳନ କରାଯାଏ। ୨୦୦୯ ସେପ୍ଟେମ୍ବର ୨ ତାରିଖରେ 'ଏସିଆ ପ୍ୟାସିଫିକ୍ କୋକୋନଟ୍ କମ୍ୟୁନିଟି' ଗଠନ କରାଯାଇଥିଲା। ଏହାର ପ୍ରତିଷ୍ଠା ଦିବସ ଉପଲକ୍ଷେ 'ବିଶ୍ୱ ନାରିକେଳ ଦିବସ' ପାଳନ କରାଯାଏ। ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହାସହ ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ଏହି ଦିବସକୁ କୋକୋନଟ୍ ଡେଭଲପ୍‌ମେଣ୍ଟ ବୋର୍ଡ ଦ୍ୱାରା ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକରେ ପାଳନ କରାଯାଉଛି। ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଯଥେଷ୍ଟ ଅଧିକ। 'ଶ୍ରୀ' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ। ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି। ତେଣୁ ପ୍ରତ୍ୟେକ ପୂଜା ପାଠରେ ନଡ଼ିଆର ବ୍ୟବହାର ହୋଇଥାଏ। ସେହିଭଳି ସବୁ ଦେବଦେବୀଙ୍କୁ ଆବାହନ କରିବାବେଳେ ନଡ଼ିଆର ଆବଶ୍ୟକତା ପଡ଼ିଥାଏ। ଭାରତରେ ମନ୍ଦିରରେ ପ୍ରମୁଖ ଦାନ ଭାବରେ ନଡ଼ିଆକୁ ଗ୍ରହଣ କରାଯାଏ। ବିବାହ, ବ୍ରତୋପନୟନ, ପର୍ବପର୍ବାଣି, ନୂତନ ଯାନବାହନ କ୍ରୟବେଳେ ମଧ୍ୟ ଭଗବାନଙ୍କ ପାଖରେ ଶ୍ରୀଫଳ ସମର୍ପଣ କରାଯାଏ। ଶୁଭ କଳସ ସ୍ଥାପନା ହେଉ କି ଭୋଗ କିମ୍ବା ପ୍ରସାଦରେ ନାସିଲଗା ନଡ଼ିଆ ବ୍ୟବହାର ତ ନିଶ୍ଚୟ ହୋଇଥାଏ। ସେହିଭଳି ନଡ଼ିଆ ଗଛର ସମସ୍ତ ଅଙ୍ଗ ଆମ କାମରେ ଲାଗେ। ନଡ଼ିଆ ରସରୁ ତେଲ, ନଡ଼ିଆକତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ସାଜସରଞ୍ଜାମ ପ୍ରସ୍ତୁତ ହୋଇଥାଏ। ନଡ଼ିଆ ଗଛର ଗଣ୍ଡିକୁ ଖୁଣ୍ଟ ରୂପରେ ଏବଂ ବାହୁଙ୍ଗାକୁ ଛପର ରୂପରେ ବ୍ୟବହାର କରାଯାଏ। ଦକ୍ଷିଣ ଭାରତରେ ନଡ଼ିଆର ଉପଯୋଗ ବହୁ ଅଧିକ ସେଥିପାଇଁ ସେଠାରେ ଏହାକୁ 'ସବୁଜ ସୁନା' ବୋଲି କୁହାଯାଏ। ସମୁଦ୍ରକୂଳିଆ ଲୁଣିଆ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଭଲ ହୋଇଥାଏ। ନଡ଼ିଆ ଯୋଗୁଁ ସମୃଦ୍ଧ ହୋଇଥିବା ଅଞ୍ଚଳରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା ଆଦି ରହିଛି। ଆମ ଦେଶରେ ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ ଅଧିକ ପରିମାଣରେ ନଡ଼ିଆ ଉତ୍ପାଦନ କରାଯାଏ। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଚୁର ନଡ଼ିଆଗଛ ଦେଖିବାକୁ ମିଳେ। ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏଥିପାଇଁ ସ୍ୱତନ୍ତ୍ର ବଜାର ରହିଛି। ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ। କିନ୍ତୁ ଏକ ଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି। ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି।

# ମାନବ ଶୃଙ୍ଖଳରେ ଶ୍ରୀଗଣେଶ ପ୍ରତିକୃତି

ଗଣେଶ ପୂଜା ଲାଗି ଉତ୍ସବମୁଖର ପୁରଠୁ ପଲ୍ଲୀ। ଇତିମଧ୍ୟରେ ଅନେକ ସ୍ଥାନରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏବେବି ଅନେକ ପୂଜାମଣ୍ଡପରେ ବିଘ୍ନ ବିନାଶକ ପୂଜା ପାଉଛନ୍ତି। ତେବେ ଗଣେଶ ପୂଜା ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। କିଛି କଲେଜ ପିଲା ଏକତ୍ର ହୋଇ ଭଗବାନ ଗଣେଶଙ୍କର ଏକ ଆକର୍ଷଣୀୟ ରୂପ ତିଆରି କରିବାକୁ ଚେଷ୍ଟା କରିଛନ୍ତି। ଏହି ଯୁବକମାନେ ଏକ ବିଶାଳ ହ୍ୟୁମାନ ଚେନ୍ ବା ମାନବ ଶୃଙ୍ଖଳ ତିଆରି କରିଛନ୍ତି। ତେବେ ଗଣେଶଙ୍କର ଏକ ଆକର୍ଷଣୀୟ ଆକୃତି ତିଆରି କରିବା ଲାଗି ସେମାନେ ଏକତ୍ର ହୋଇଛନ୍ତି। ସେମାନେ ଏହି ପ୍ରତିକୃତିଟିକୁ ତିଆରି କରିବା ପାଇଁ ରଙ୍ଗୀନ ପୋଷାକ ମଧ୍ୟ ପିନ୍ଧିଛନ୍ତି। ଏହା ସେମାନଙ୍କର ଭକ୍ତି, ଏକତା ଏବଂ ସୃଜନାତ୍ମକ ଜ୍ଞାନ କୌଶଳକୁ ପ୍ରତିଫଳିତ କରିଛି। ଏହିପରି ଭାବେ ସେମାନେ ମନ୍ତ୍ରମୁଗ୍ଧ କଲା ଭଳି ଗଣେଶଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି କରିଛନ୍ତି। ଇନଷ୍ଟାଗ୍ରାମରେ ଏହାର ଭିଡିଓକୁ କେଶବ ଆର୍ ପେଟେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନେକ ଏହାକୁ 'ଦିବ୍ୟ ଦୃଶ୍ୟ' ବୋଲି କହିଛନ୍ତି। ଅନ୍ୟପଟେ ଆଉ କେହି କେହି ଯୁବକମାନଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି।



## ସୁବର୍ଣ୍ଣା

# ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବ ଗୋମିନି



ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଲୋକମାନେ ଚାଷ କାର୍ଯ୍ୟ ସହିତ ଗାଇ, ଛେଳି, କୁକୁଡ଼ା ଆଦି ପାଳନ କରି ଜୀବିକା ନିର୍ବାହ କରନ୍ତି। ହେଲେ ବର୍ତ୍ତମାନ ଗୋପାଳନ କରିବା କଷ୍ଟକର କାମ ଭାବି ଅନେକ ଏଥିରୁ ମୁହଁ ଫେରାଇ ନେଉଛନ୍ତି। ଆଉ କିଛି ଦେଶୀ ଗାଇ ବଦଳରେ ଜର୍ସି ଗାଇ ପାଳନରୁ ରୋଜଗାର କରୁଛନ୍ତି। ତେଣୁ ଆଧୁନିକ କୌଶଳରେ ଦେଶୀ ଗାଇ ସଂରକ୍ଷଣ ଦିଗରେ ସଚେତନ କରିବା, ସେମାନଙ୍କ ଦେଖାରଖା ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ଗୋମିନି' ନାମକ ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହୋଇଛି। ଗୋମିନିର ସଂସ୍ଥାପକ ତଥା ସିଇଓ ହେଉଛନ୍ତି ଅର୍ଜୁନ ଶର୍ମା। ସେ ଗୌରୀ ଶଙ୍କରଙ୍କ ସହିତ ମିଳିତ ଭାବେ ଏହି ମଡେଲ କରିଛନ୍ତି। ଏହା ଜରିଆରେ ସହରାଞ୍ଚଳବାସୀ ଗାଇ ସହିତ ଯୋଡ଼ି ହୋଇ ଶୁଦ୍ଧ ଏ୨ କ୍ଷୀର ଏବଂ ପଞ୍ଚଗବ୍ୟ ଉତ୍ପାଦ ପାଇପାରିବେ। ଅବଶ୍ୟ ଗୋମିନି ଏକ ସ୍ୱତନ୍ତ୍ର ମଡେଲ ଆପଣାଇଛି। ଯାହାକି ସହରୀ ପରିବାର ଗାଇର ମାଲିକ ହେଲେ ବି ଗାଈଙ୍କ ଦେଖାରଖା ଗ୍ରାମୀଣ ମହିଳା ଏବଂ ଚାଷୀମାନେ କରିବେ। ମହିଳାଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଏବଂ ବ୍ଲକ୍‌ଚେନ୍ ଆଧାରିତ ଏନ୍‌ଏଫ୍‌ଟି ସହିତ ଯୋଡା ଯାଇଛି। ଗାଈମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଆଇଓଟି ଉପକରଣ ଲଗାଯାଇଛି। ଏହା ସେମାନଙ୍କର ଖାଦ୍ୟପେୟ ଏବଂ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବ। ଏଆଇ ଜରିଆରେ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଯୋଗେ ଗାଈ ଅସୁସ୍ଥତା ଅନୁଭବକୁ ଦେଖି ମାଲିକ ପ୍ରାଥମିକ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇ ପାରିବେ। ଭବିଷ୍ୟତରେ 'ଗୋମିନି' ଲୋକଙ୍କୁ ସଶକ୍ତ କରିବା ସହ ଜୈବିକ ଚାଷକୁ ଅଧିକ ପ୍ରାଧାନ୍ୟ ଦେବ।

# ଏ ମାସର ଚାଷ


**ଆମ ରାଜ୍ୟର ଅଧିକାଂଶ ଲୋକମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି। ତେବେ ସେପ୍ଟେମ୍ବର ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ମୁଖ୍ୟ ଚାଷ କରାଯାଇପାରିବ ଜାଣିବା...**

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା। ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ।

ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରି। ଏମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସଁବାଳୁଆ ପୋକ ନିୟନ୍ତ୍ରଣ କରିବା ମୁଖ୍ୟକାର୍ଯ୍ୟ। ଅଳସୀ ବୁଣା ଶୀଘ୍ର ଶେଷ କରନ୍ତୁ।

କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମିଲି ଏନ୍‌ଏଏ (ହରମୋନ୍) ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଫସଲରେ ରୋଗପୋକ ପର୍ଯ୍ୟବେକ୍ଷଣ କରନ୍ତୁ। ଅନୁମୋଦିତ ନିୟନ୍ତ୍ରଣ ପ୍ରଣାଳୀ ଗ୍ରହଣ କରନ୍ତୁ। ରବି ଚାଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରନ୍ତୁ। ମାଟିର ବତର ଦେଖି ଏ ମାସର ଶେଷ ସପ୍ତାହ ବେଳକୁ ଅଣଜଳସେଚିତ ସୋରିଷ ବୁଣିପାରିବେ।

ଏହି ସମୟରେ ତାପମାତ୍ରା ମୁଖ୍ୟତଃ ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୦ ଡିଗ୍ରୀ ମଧ୍ୟରେ ରହିଥାଏ। ତେଣୁ ଶୀତଦିନିଆ ପନିପରିବା ଚାଷ ପାଇଁ ଯଥା- ପତ୍ରକୋବି, ଫୁଲକୋବି, ସିମଲା ଲଙ୍କା, ବାଇଗଣ, ଲାଉ ଆଦି ପାଇଁ ତଳି ପକାନ୍ତୁ। ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରନ୍ତୁ। ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କି ଦେବା ଜରୁରି। ଏହା ଦ୍ୱାରା ଅଚାନକ ବର୍ଷା, ଅଧିକ ଆର୍ଦ୍ରତା, ରୋଗପୋକ ପ୍ରକୋପରୁ ଚାରାକୁ ସୁରକ୍ଷା ମିଳିଥାଏ।



# ମାଟିର ଉର୍ବରତା ବଢ଼ାଏ ଲେମ୍ବୁ ଚୋପା

**ଚାଷ ପାଇଁ ଜଳ ଓ ଉର୍ବର ମାଟି ଅପରିହାର୍ଯ୍ୟ। ଏହା ଦ୍ୱାରା ଫସଲ ବୃଦ୍ଧି ଭଲ ହୁଏ। ହେଲେ ଗଛ ଲଗାଇବା ପୂର୍ବରୁ ମାଟି ପରିଚାଳନା ନ କଲେ ଫସଲରେ ରୋଗ ପୋକ ଲାଗିଥାଏ। ଏହା ଦ୍ୱାରା ଫସଲ ବୃଦ୍ଧିରେ ବାଧା ଉପୁଜିଥାଏ। ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ ମାଟିର ଉର୍ବରକୁ ବଢ଼ାଇ ପାରିବେ। ଏଥିପାଇଁ ଲେମ୍ବୁ ଚୋପାର ବିଶେଷ ଭୂମିକା ରହିଛି। ଏହା ମଧ୍ୟ ପରିବେଶ ଅନୁକୂଳ।**



- ଦୈନନ୍ଦିନ ବ୍ୟବହୃତ ଲେମ୍ବୁ ଚୋପା ବର୍ଜ୍ୟ ନୁହେଁ। ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ତେଣୁ ଲେମ୍ବୁ ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ମାଟିରେ ମିଶାଇବା ଦ୍ୱାରା ଗଛର ବିକାଶ ହୁଏ। ସେହିପରି ଲେମ୍ବୁ ଚୋପାର ସୁଗନ୍ଧରେ ପିମ୍ପୁଡି, ମାଛି ତଥା ଅନ୍ୟାନ୍ୟ କୀଟ ଦୂର ହୋଇଥାନ୍ତି।
- ଲେମ୍ବୁ ଚୋପା ପକାଇବା ଦ୍ୱାରା ଖତ ଶୀଘ୍ର ସଢ଼ିବା ସହ ଏହାର ଗୁଣବତ୍ତା ଭଲ ରୁହେ। ତେଣୁ ଖତରେ ଲେମ୍ବୁ ଚୋପାକୁ ଛୋଟ ଛୋଟ ଖଣ୍ଡ କରି ପକାଇ ପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲେମ୍ବୁ ଖୋଳରେ ଅଳ୍ପ ମାଟି ଭର୍ତ୍ତି କରି ସେଥିରେ ବିହନ ରଖିବା ଦ୍ୱାରା ଚାରା ଅଙ୍କୁରିତ ହୋଇଥାଏ। ଏହା ପରେ ପୁରା ଲେମ୍ବୁ ଚୋପାକୁ ମାଟିରେ ପୋତି ପାରିବେ। ଟମାଟୋ, ଗୋଲାପ, ବ୍ଲୁବେରୀ ଆଦି ଗଛ ଲଗାଇବାକୁ ଚାହୁଁଥିଲେ ମାଟିରେ ଲେମ୍ବୁ ଚୋପାର ଗୁଣ୍ଡ ମିଶାଇ ପାରିବେ। ଏହା ପ୍ରାକୃତିକ ରୂପେ ଅମ୍ଳକ୍ଷାରସ୍ତରକୁ ନିୟନ୍ତ୍ରଣ କରିଥାଏ।
- କେବଳ ସେତିକି ନୁହେଁ, ଲେମ୍ବୁ ଚୋପାରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ। ତେଣୁ ଚୋପାକୁ ଗୁଣ୍ଡ କରି ମାଟିରେ ମିଶାଇଲେ ଏହା ଚେରକୁ ସଢ଼ିବାକୁ ଦିଏ ନାହିଁ। ଫିମ୍ପିଜନିତ ସମସ୍ୟା ଦୂର କରିଥାଏ।

## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ



- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ। ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ। ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ ୬୩% ଡବ୍ଲ୍ୟୁ ପି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ମାଛ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ। ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ। ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୧.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ।

**ଏସିଆ କପ୍ ହକି**

# ଲିଗ୍ ଶୀର୍ଷରେ ଭାରତ, ମାଲେସିଆ

ରାଜଗିର,୧।୯ (ଏଜେନ୍ସି)




ବିହାର ୟୁନିଭର୍ସିଟି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆଜି ଖେଳାଯାଇଥିବା ପୁଲ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲ ବ୍ୟବଧାନରେ କାଜାଖସ୍ଥାନକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଜାପାନକୁ ଗୋଲ ବ୍ୟବଧାନରେ ପଛରେ ପକାଇ ଚୀନ୍ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା। ଗ୍ରୁପ-ଏ'ର ମୁକାବିଲା ପୂର୍ବରୁ ଗ୍ରୁପ୍-ବି'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିଲା। ଏଥିରେ ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଓ ଦକ୍ଷିଣ କୋରିଆ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ବୁଧବାରଠାରୁ ଆରମ୍ଭ ହେଉଥିବା ସୁପର-୪ ମୁକାବିଲା ଲାଗି ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ଯଥାକ୍ରମେ ଗ୍ରୁପ୍-ଏ'ରୁ ଭାରତ ଓ ଚୀନ୍, ଗ୍ରୁପ୍-ବି'ରୁ ମାଲେସିଆ ଓ ଦକ୍ଷିଣ କୋରିଆ ସୁପର-୪ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

**● ଘରୋଇ ଦଳର ହ୍ୟାଟ୍ରିକ୍ ବିଜୟ**

ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ କାଜାଖସ୍ତାନକୁ ୧୫-୦ ବିରାଟ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହି ମୁକାବିଲାରେ ଭାରତ ପକ୍ଷରୁ ଅଭିଷେକ ୪ଟି, ଜୁଗରାଜ ସିଂହ ଓ ସୁଖଜିତ ସିଂହ ୩ଟି ଲେଖାଏଁ ଗୋଲ ଦେଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୩-୨ ଗୋଲରେ ପରାସ୍ତ କରି କଷ୍ଟସାଧ୍ୟ ବିଜୟ ହାସଲ କରିଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ହରମନପ୍ରୀତ୍ ସିଂହ ପ୍ରଥମରେ ୩ଟି ଓ ଦ୍ୱିତୀୟରେ ୨ଟି ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ୍‌ରେ କାଜାଖସ୍ଥାନକୁ ପରାସ୍ତ କରି ଭାରତ ହ୍ୟାଟ୍ରିକ୍ ବିଜୟ ସହ ପ୍ରଥମ ସ୍ଥାନରେ ରହି ସୁପର-୪କୁ ଉନ୍ନିତ ହୋଇଛି। ସେହିପରି ଚୀନ୍ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୧୩-୧ ଗୋଲ ବ୍ୟବଧାନରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଶେଷରେ ଶକ୍ତିଶାଳୀ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଚୀନ୍ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଚୀନ ଓ ଜାପାନ ଦଳର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଚୀନ୍ ବହୁ ଆଗରେ ରହିଥିଲା। ଚୀନ୍ ୧୮ଟି ଗୋଲ ଦେଇ ୭ଟି ଗୋଲ ବରଣ କରିଥିଲାବେଳେ ଜାପାନ ୧୧ଟି ଗୋଲ ଦେଇ ୫ଟି ଗୋଲ ବରଣ କରିଥିଲା। ଏଣୁ ଚୀନ୍‌ର ଗୋଲ ବ୍ୟବଧାନ +୧୧ ଓ ଜାପାନର +୬ ହୋଇଥିଲା।

**● ମାଲେସିଆ-୧, କୋରିଆ-୨**

ଗ୍ରୁପ୍-ବି'ରେ ମାଲେସିଆ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଓ ଦକ୍ଷିଣ କୋରିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ସେହିପରି ଦକ୍ଷିଣ କୋରିଆ ଆଜି ୫-୧ରେ ବାଂଲାଦେଶକୁ ଓ ୭-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୁଧବାରଠାରୁ ସୁପର-୪ ମୁକାବିଲା ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ସୁପର-୪'ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

**● ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

## ଚାମ୍ପିଅନ ଦଳ ପାଇବ ୩୯.୪ କୋଟି



ଦୁବାଇ, ୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ଆଇସିସି ଏଥର ମହିଳା ବିଶ୍ୱକପ୍‌ର ପୁରସ୍କାର ରାଶିରେ ଆଶାତୀତ ବୃଦ୍ଧି କରିଛି। ଏଥର ରେକର୍ଡ ମୋଟ୍ ୧୨୨ କୋଟି ୪୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବକାଳୀନ ପୁରସ୍କାର ରାଶି ଭାବେ ଲିପିବଦ୍ଧ ହୋଇଛି। ସେହିଭଳି ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶି ପାଖାପାଖି ୪ ଗୁଣା ବୃଦ୍ଧି ହୋଇଛି। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ପୂର୍ବ ସଂସ୍କରଣରେ ମୋଟ୍ ୩୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଏଥର ଯେଉଁ ଦଳ ବିଶ୍ୱକପ୍ ବିଜୟୀ ହେବ ଟ୍ରଫି ସହ ୩୯.୫୦ କୋଟି ଟଙ୍କା ପାଇବ। ରନର୍ସଅପ୍ ହୋଇଥିବା ଦଳ ୧୯.୭୫ କୋଟି ଟଙ୍କା ସାଙ୍ଗରେ ନେବ। ସେହିଭଳି ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ୯.୮୭ କୋଟି ଟଙ୍କା ମିଳିବ। ୨୦୨୨ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୧୧.୬୯ କୋଟି ଟଙ୍କା ପାଇଥିଲା। ମହିଳା କ୍ରିକେଟ୍‌କୁ ପୁରୁଷଙ୍କ ସହ ସମାନ ମାନ୍ୟତା ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମହିଳା କ୍ରିକେଟ୍‌କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ଶାହା କହିଛନ୍ତି।

## ମନ୍ତ୍ରୀ ହେବେ ଆଝାରୁଦ୍ଦିନ !

ହାଇଦରାବାଦ, ୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ସରକାରଙ୍କ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ରାଜ୍ୟପାଳ କୋଟା ଅନୁଯାୟୀ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ବିଧାନ ପରିଷଦକୁ ମନୋନୀତ କରାଯାଇଛି। ଯାହାକୁ ନେଇ ଏହି ମହାନ କ୍ରିକେଟର୍ ତେଲଙ୍ଗାନା ସରକାରରେ ମନ୍ତ୍ରୀ ପଦ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଜୁବଲି ହିଲ୍ସ ବିଧାନସଭା କ୍ଷେତ୍ର ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ଆଝାରୁଦ୍ଦିନ ନିଜକୁ କଂଗ୍ରେସ ଆଶାୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ତେଲଙ୍ଗାନା ସରକାରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ମିଶାଇ ୧୪ଜଣ ମନ୍ତ୍ରୀ ରହିଛନ୍ତି। ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ତେଣୁ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାରତ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ମ୍ୟାଚ୍ ଖେଳିଥିବା ଆଝାରୁଦ୍ଦିନ ୨୦୦୯ରେ କଂଗ୍ରେସ ଟିକଟ୍‌ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ବ୍ରୋଙ୍କୋ ଟେଷ୍ଟରେ ରୋହିତ ପାସ୍

ନୂଆଦିଲ୍ଲୀ,୧।୯ (ଏଜେନ୍ସି): ଖେଳାଳିଙ୍କ ଫିଟ୍‌ନେସ ଲାଗି ଗ୍ରହଣ କରାଯାଇଥିବା ଅତ୍ୟାଧୁନିକ ବ୍ରୋଙ୍କୋ ଟେଷ୍ଟରେ ଷ୍ଟାର କ୍ରିକେଟର ରୋହିତ ଶର୍ମା ପାସ୍ କରିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହି କଠିନ୍ ଟେଷ୍ଟରେ ତାଙ୍କୁ ଫସାଇ ଦିଆଯିବ ବୋଲି ସମର୍ଥକମାନେ ଆଶଙ୍କା ପ୍ରକାଶ କରିଥିଲେ। ଏବେ କିନ୍ତୁ ସମସ୍ତ କଳ୍ପନା ଜଳ୍ପନାକୁ ପ୍ରତିହତ କରି ରୋହିତ ଏହି ଟେଷ୍ଟରେ ପାସ୍ ହେବା ପରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିବା ନେଇ ସ୍ପଷ୍ଟ ହୋଇଛି। ରୋହିତ କେବଳ ଭାରତ ପକ୍ଷରୁ ଦିନିକିଆ କ୍ରିକେଟ ଖେଳୁଛନ୍ତି।

## ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍


ନୂଆଦିଲ୍ଲୀ,୧।୯ (ଏଜେନ୍ସି): ନୂଆଦିଲ୍ଲୀରେ ୨୦୨୬ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଭାରତରେ ଦ୍ୱିତୀୟଥର ଖେଳାଯିବ। ପୂର୍ବରୁ ହାଇଦ୍ରାବାଦ୍‌ରେ ୨୦୦୯ରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା।

## କାଇଟ୍ ସର୍ଫିଙ୍ଗରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୧।୯ (ସମିସ): ତାମିଲନାଡୁରେ ଅନୁଷ୍ଠିତ କାଇଟ୍ ସର୍ଫି ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୩ ପଦକ ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ୟାଟିଂ ଆସୋସିଏସନରୁ ପ୍ରତିନିଧିତ୍ୱ କରି ସୌମ୍ୟଜିତ୍ ରୟ ଓ ଲୀନାରାଣୀ ଗଙ୍ଗଦେବ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଉଭୟ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଭାଗନେଇଥିଲେ। ସେହିଭଳି ସିନିଅର ବର୍ଗରେ ନରେଶ ମଙ୍ଗରାଜ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

## ଜୋକୋଭିଚ୍-ଫ୍ରିଜ୍, ଆଲ୍‌କାରାଜ୍-ଲେହେକା କ୍ୱାର୍ଟର ମୁକାବିଲା






ନ୍ୟୁୟର୍କ,୧।୯ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ କିଏ କାହା ସହ ମୁକାବିଲା କରିବେ ତାହା ସ୍ଥିର ହୋଇଯାଇଛି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ଚେକ ରିପବ୍ଲିକ୍‌ର ଜିରି ଲେହେକାଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍‌ଙ୍କ ସହ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଦୌଡ଼ରେ ଥିବା ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଆଜି ରାତିରେ ଅବଶିଷ୍ଟ ୪ଟି ଚତୁର୍ଥ ରାଉଣ୍ଡ ମୁକାବିଲା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧୦ମ ସିଡ ଇଟାଲୀର ଲୋରେଞ୍ଜୋ ମୁସେଟୀଙ୍କ ସହ ସ୍ପେନ୍‌ର ଅଣସିଡେଡ ଖେଳାଳି ସ୍ପେନ୍‌ର ଜୁଆମ ମୁନାରଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଜାନିକ ସିନ୍ନର ଓ ଆନ୍ଦ୍ରେ ରୁବ୍‌ଲେଭ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ବିଳମ୍ବିତ ରାତ୍ରିରେ ଲଢ଼େଇ କରିବେ।

### କ୍ୱାର୍ଟରରେ ସାବାଲେଙ୍କା, ପେଗୁଲା

ମହିଳା ବିଭାଗରେ ଟପ୍ ସିଡ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ ଜେସିକା ପେଗୁଲା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଲାରୁଷର ସାବାଲେଙ୍କା ସହ ୨୬ ବର୍ଷିୟା ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କାର ଓ ଆମେରିକାର ପେଗୁଲାଙ୍କ ସହ ଚେକ୍ ରିପବ୍ଲିକ୍‌ର ବାର୍ବୋରୋ କ୍ରେଜିକୋଭାଙ୍କର ମୁକାବିଲା ହେବ। ଅନ୍ୟ ଦୁଇଟି ଚତୁର୍ଥ ରାଉଣ୍ଡ ମୁକାବିଲା ଆଜି ରାତିରେ ଖେଳାଯାଉଛି। ଏଥିରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କ ସହ ୨୭ ନମ୍ବର ସିଡ ମାର୍ତ୍ତା କୋସ୍ଟ୍ୟୁକଙ୍କର ଏବଂ ଶେଷ ମ୍ୟାଚ୍‌ରେ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ୧୮ତମ ସିଡ୍ ବ୍ରାଜିଲ୍‌ର ବିଏଟ୍ରିଜ୍ ହାଦାଦ ମାଇଆଙ୍କର ମୁକାବିଲା ହେବ।

## ରାଜ୍ୟ ବନ୍ଧୁକଚାଳନା ଉଦ୍‌ଘାଟିତ




ଭୁବନେଶ୍ୱର, ୧।୯ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଟିଂ ରେଞ୍ଜରେ ୧୪ତମ ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସୁଟର୍ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ୍ ପ୍ରୋନ, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର୍ ପିସ୍ତଲ ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ସେହିଭଳି ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ୍ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଜଣାପଡ଼ିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ୍ ସଂଘର ସଭାପତି ସୁଶ୍ରୀ ଗୌରୀ ମହାନ୍ତି, ଉପସଭାପତି ଇଂ ଚିତ୍ତରଞ୍ଜନ ଓ ରୋମିକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଟର୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

**ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ**

## ନବରଞ୍ଜନ ସଭାପତି; ପ୍ରଫୁଲ୍ଲ ସମ୍ପାଦକ




ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ୩ୟ ସାଧାରଣ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ ଓ ପ୍ରଦୀପ କୁମାର ଦଣ୍ଡପାଟଙ୍କୁ ମନୋନୀତ କରାଯାଇଛି। ଚିନ୍ମୟ କୁମାର ଦାଶ ଓ ପ୍ରଶାନ୍ତ କୁମାର ପ୍ରଧାନ ସହ-ସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅଧିବେଶରେ ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପୁରାତନ ଖେଳାଳି ଉପସ୍ଥିତ ରହିଥିଲେ।

**ବିଶ୍ୱ ଚ୍ୟାଲେଞ୍ଜ କପ୍**

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ




ଭୁବନେଶ୍ୱର, ୧।୯ (ସମିସ)

ଫ୍ରାନ୍ସ ଓ ହଙ୍ଗେରୀରେ ଏଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୧ ଜଣିଆ ଭାରତୀୟ ଦଳ ଫ୍ରାନ୍ସ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ତପନ ମହାନ୍ତି, ପ୍ରଣତୀ ନାୟକ, ତପେଶ୍ୱରନାଥ ଦାସ ଓ ତନୁ। ଜୁଲାଇ ୨୨ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ଜଣ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତପନ ଓ ତପେଶ୍ୱର ସେପ୍ଟେମ୍ବର ୧୩ରୁ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ପୁରୁଷ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଏହାପରେ ଉଭୟ ସେପ୍ଟେମ୍ବର ୨୬ରୁ ହଙ୍ଗେରୀରେ ହେବାକୁ ଥିବା ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଣତୀ ଓ ତନୁ ହଙ୍ଗେରୀର ଚ୍ୟାଲେଞ୍ଜ କପ୍‌ର ମହିଳା ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ର ପ୍ୟାରିସରେ ହେବାକୁ ଥିବା ଫରେନ ଏକ୍ସପୋଜର କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି।

## ଜାତୀୟ ବାହୁକୁସ୍ତିରେ ଚନ୍ଦନ 'ଚାମ୍ପିଅନ ଅଫ୍ ଚାମ୍ପିଅନ'



ଭୁବନେଶ୍ୱର, ୧।୯ (ସମିସ): ପଞ୍ଜାବର ଲୁଧିଆନାରେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାର ୪୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଚନ୍ଦନ ମହାପାତ୍ର ଉଭୟ ୟୁଥ୍ ଓ ସିନିଅରବର୍ଗରେ 'ଚାମ୍ପିଅନ ଅଫ୍ ଚାମ୍ପିଅନ' ହୋଇଛନ୍ତି। ଚନ୍ଦନ ୧୦୦ କିଗ୍ରା ଡାହାଣ ହସ୍ତ ୟୁଥ୍ ଓ ସିନିଅରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଅଫଜଲ ଅଲି, ଫୈଜାନ ଅହମ୍ମଦ, ଆଲୋକ ମହାପାତ୍ର, ପ୍ରବୀର ଷଡ଼ଙ୍ଗୀ କାଂସ୍ୟ ପଦକ ହାସଲ କରିଥିଲେ। ମାଷ୍ଟର୍ସ ବର୍ଗରେ ନିର୍ମଳ ସାହୁ ସ୍ୱର୍ଣ୍ଣ, ସାଗର ନାୟକ ରୌପ୍ୟ, ସନତ ମାହାର କାଂସ୍ୟ ଓ ଭିନ୍ନକ୍ଷମ ବର୍ଗରେ ଶୁଭଜିତ୍ ପାଢ଼ୀ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୋଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS